

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୧ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 SEPTEMBER 2021

Vol.No. 32 ■ No. 223 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଫଗାନ ଛାଡିବା ପୂର୍ବରୁ ବିମାନକୁ ଅଚଳ କରିଦେଲା ଆମେରିକା

### ୭୩ଟି ବିମାନ ଓ ୧୫୦ଟି ଯୁଦ୍ଧଯାନକୁ ସବୁଦିନ ପାଇଁ ଅକାମୀ କରିଦେଇଥିବା ସୂଚନା



ନୂଆଦିଲ୍ଲୀ,୩୧/୦୮: ଦୀର୍ଘ ୨୦ ବର୍ଷର ଲମ୍ବା ଯୁଦ୍ଧ ପରେ ଆମେରିକା ସେନା ସମ୍ପୂର୍ଣ୍ଣ ଭାବେ ଆଫଗାନ ଛାଡିଛନ୍ତି । ୨୦୦୧ ସେପ୍ଟେମ୍ବର ୧୧ ତାରିଖରେ ଆଫଗାନିସ୍ଥାନରେ ଆମେରିକା ପାଦ ରଖିଥିଲା । ଆମେରିକା ସେନ୍ୟ ଆଫଗାନିସ୍ଥାନ ଛାଡିବା ପରେ ଆମେରିକା ରାଷ୍ଟ୍ରପ୍ରତି ଜୋ ବାଇଡେନ କହିଛନ୍ତି ୨୦ ବର୍ଷର ଯୁଦ୍ଧ ଶେଷ ହୋଇଛି, ଆମେ ଏବେ ଆଫଗାନିସ୍ଥାନରେ ଫସି ରହିଥିବା ବାହାର ଦେଶର ନାଗରିକମାନଙ୍କୁ ବାହାରକୁ ଆଣିବାକୁ ଚେଷ୍ଟା ଚଳାଇଛୁ । ଏପଟେ ତାଲିବାନୀମାନେ ଆଫଗାନିସ୍ଥାର ଜାତିସଂଘ ସୁରକ୍ଷା ପରିଷଦର ନିଷ୍ପତ୍ତି, ଆନ୍ତର୍ଜାତୀୟ ନେତାମାନଙ୍କୁ ବୟାନ ଏବଂ ଆଫଗାନିସ୍ଥାନର ଗ୍ରାଉଣ୍ଡ ଜିରୋର ସ୍ଥିତି ଅନୁଦ୍ଧାନ କରୁଛନ୍ତି । ଏପରି ସ୍ଥଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନଏସଏ, ଇଏମ ସମେତ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରି ଆଫଗାନରେ ଥିବା ଭାରତୀୟ ନାଗରିକମାନଙ୍କୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେଇଛନ୍ତି । ତେବେ ଆମେରିକା ପୂର୍ବତନ ରାଷ୍ଟ୍ରତି ଡୋନାଲ୍ଡ ଟ୍ରମ୍ପ ଏଭଳି ସୈନ୍ୟ ପ୍ରତ୍ୟାହର ନେଇ ଜୋ ବାଇଡେନ ସରକାରଙ୍କୁ ସମାଲୋଚନା କରିଛନ୍ତି । ଆମେରିକା ଇତିହାସରେ ଏଭଳି ସେନ୍ୟ ପ୍ରତ୍ୟାହାର କରିବା ଦେଖିବାକୁ ମିଳିନଥିଲା । ତେବେ ଆମେରିକା ଆଫଗାନକୁ ଦେଇଥିବା ସମସ୍ତ ଯୁଦ୍ଧାସ୍ତ୍ର ଫେରାଇ ଆଣିବାକୁ ଟ୍ରମ୍ପ କହିଛନ୍ତି । ଆମେରିକା ସେନା ପ୍ରତ୍ୟାହାର ହେବା ପରେ ତାଲିବାନୀ ମୁଖପାତ୍ର ଆଫଗାନିସ୍ଥାନ ସ୍ୱାଗତ ଜଣାଇଛନ୍ତି । ଆଜି ଆମେରିକା ସେନା ପ୍ରତ୍ୟାହାର କରିବା ବୋଲି ଘୋଷଣା କରିଥିଲେ ମଧ୍ୟ ଗୋଟିଏ ଦିନ ପୂର୍ବରୁ ସୋମବାର ବିଳମ୍ବିତ ରାତିରେ ଆମେରିକା ସେନା ପ୍ରତ୍ୟାହାର କରି ନେଇଥିଲା । ହେଲେ ଆମେରିକା ସେନାର ସହାୟତାରେ କାବୁଲ ବିମାନ ବନ୍ଦରରୁ ଦୁଇ ସପ୍ତାହ ମଧ୍ୟରେ ୧ ଲକ୍ଷ ୧୪ ହଜାର ଲୋକ ବାହାରକୁ ଯାଇଛନ୍ତି ।

## ହଟିଲା ସପ୍ତାହାନ୍ତ ସଟ୍ ଡାଉନ୍

### ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ ଦୋକାନ ବଜାର



ଭୁବନେଶ୍ୱର,୩୧/୦୮ (ନି.ପ୍ର): ସେପ୍ଟେମ୍ବର ମାସ ଠାରୁ କୌଣସି ଜିଲ୍ଲାରେ ସପ୍ତାହାନ୍ତ ସଟଡାଉନ୍ ରହିବନାହିଁ । ଏଥିସହ ରାତ୍ରୀକାଳୀନ କର୍ଫ୍ୟୁକୁ ମଧ୍ୟ କୋହଳ କରାଯାଇଛି। କେବଳ ପୌରାଂଚଳରେ ରାତି ୧୦ରୁ ସକାଳ ୫ଟା ଯାଏଁ ନାଇଟ୍ କର୍ଫ୍ୟୁ ବଳବତର ରହିବ। ସକାଳ ୫ଟାରୁ ରାତି ୧୦ ଯାଏଁ ମଲ, ଦୋକାନ ବଜାର , ଅଫିସ୍ ଇତ୍ୟାଦି ଖୋଲିପାରିବ। ସେପ୍ଟେମ୍ବର ମାସର ଗାଇଡଲାଇନ ନେଇ ମଙ୍ଗଳବାର ଅପରାହ୍ନରେ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ଏହି ସୂଚନା ଦେଇଛନ୍ତି। ସେହିପରି ବିବାହ , ବ୍ରତ ଓ ଅନ୍ତ୍ୟେଷ୍ଟିରେ ଅତିଥିଙ୍କ ସଂଖ୍ୟା ନେଇଥିବା କଟକଣା ମଧ୍ୟ କୋହଳ ହୋଇଛି। ଏଣିକି ବିବାହ, ବ୍ରତ ଓ ଅନ୍ତ୍ୟେଷ୍ଟି ଭଳି ସାମାଜିକ କାର୍ଯ୍ୟରେ ସର୍ବାଧିକ ୨୫୦ ଅତିଥି ଯୋଗ ଦେଇପାରିବେ।ଏହା ବ୍ୟତୀତ ବିବାହରେ ଶୋଭାଯାତ୍ରାକୁ ମଧ୍ୟ ଅନୁମତି ମିଳିବ। ତେବେ ବିବାହ ଶୋଭାଯାତ୍ରାରେ କେବଳ ୫୦ ଜଣ ସାମିଲ ହୋଇପାରିବେ। ପ୍ରାଧିକୃତ ଅଧିକାରୀଙ୍କ ଠାରୁ ଲିଖିତ ଅନୁମତି ନେଇ ବିବାହ ଶୋଭାଯାତ୍ରା ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆ ହାଇକମିଶନର

### କ୍ରୀଡା ଭିତ୍ତିଭୂମି ଓ ବାଣିଜ୍ୟ କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ସହମତି

ଭୁବନେଶ୍ୱର,୩୧/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଅଷ୍ଟ୍ରେଲିଆର ହାଇକମିଶନର ବ୍ୟାରୀ ଓଫାରେଲ ଏଓ ଙ୍କ ସହିତ ଆଲୋଚନା କରି ବିଭିନ୍ନ କ୍ଷେତ୍ରରେ ଅଷ୍ଟ୍ରେଲିଆ ସହିତ ଓଡିଶାର ଅଧିକ ସହଯୋଗ ସଂପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଓଡିଶା ଯେପରି ଭାରତୀୟ ହକି ଦଳକୁ ପ୍ରୋତ୍ସାହନ ଦେଉଛି ଏବଂ ହକି ଖେଳରେ ଉନ୍ନତି ପାଇଁ ଓଡିଶା ଯେଭଳି ଭାବରେ ନେତୃତ୍ୱ ନେଇଛି, ସେଥିପାଇଁ ହାଇକମିଶନର ମୁଖ୍ୟମନ୍ତ୍ରୀଙ୍କର ଉଚ୍ଚପ୍ରଶଂସା କରିଥିଲେ । ଉଭୟ ଦେଶ ମଧ୍ୟରେ ବ୍ୟବସାୟ ଓ କାରିଗରୀ କୌଶଳ କ୍ଷେତ୍ରରେ ସହଯୋଗର ବ୍ୟାପକ ସମ୍ଭାବନା ଅଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏତଦ୍‌ବ୍ୟତୀତ ଓଡିଶାର ଦକ୍ଷ ମାନବ ସମ୍ବଳର ଉପଯୋଗ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡିଶାରେ ହକି ବିଶ୍ୱକପ୍ ସମୟରେ ଅଷ୍ଟ୍ରେଲିଆ ଦଳର ଗସ୍ତ ସଂପର୍କରେ ମନେପକାଇ ଅଷ୍ଟ୍ରେଲିଆ ହକି ଦଳର ଦକ୍ଷତାର ଉଚ୍ଚପ୍ରଶଂସା କରିଥିଲେ । ଓଡିଶାରେ ବିଭିନ୍ନ କ୍ରୀଡା ଭିତିଭୂମି ସୃଷ୍ଟି, ଉନ୍ନତମାନର ତାଲିମ, ବିଶେଷ କରି ହକି ଖେଳକୁ ଅଧିକ ପ୍ରୋତ୍ସାହନ ଦେବା ଉପରେ ଓଡିଶା ଓ ଅଷ୍ଟ୍ରେଲିଆ ମଧ୍ୟରେ ଅଧିକ ସହଯୋଗ ପାଇଁ ଉଭୟ ସହମତି ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ଖଣି ଅନୁସଂଧାନ କ୍ଷେତ୍ରରେ ଅଷ୍ଟ୍ରେଲିଆ ଓ ଓଡିଶା ମଧ୍ୟରେ ଅଧିକ ମିଳିତ ସହଯୋଗ ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

## ନକଲି ସାମ୍ବାଦିକଙ୍କୁ ଖୋଜିବ କମିଶନରେଟ୍ ପୋଲିସ

ଭୁବନେଶ୍ୱର,୩୧/୦୮ (ନି.ପ୍ର):- ନକଲି ସାମ୍ବାଦିକଙ୍କ ପାଦୁର୍ଭାବ ଦିନକୁ ଦିନ ବଢୁଥିବା ବେଳେ ସେମାନଙ୍କ ଉପରେନଜର ରଖିବାକୁ ପ୍ରୟାସ ଆରମ୍ଭ କରିବ କମିଶନରେଟ୍ ପୋଲିସ। ଭୁବନେଶ୍ୱର ସମେତ ରାଜ୍ୟରେ ମନଇଚ୍ଛା ଗାଡ଼ିରେ ପ୍ରେସ୍ ଲେଖି ବୁଲୁଥିବା ନକଲି ସାମ୍ବାଦିକଙ୍କୁ ସାବାଡ଼ କରିବାକୁ କମିଶନରେଟ୍ ଯୋଜନା କରିଛି। ଯେଉଁମାନେ ଗାଡ଼ିରେ ପ୍ରେସ୍ ଲେଖି ବୁଲୁଛନ୍ତି ସେହି ବ୍ୟକ୍ତିଙ୍କ ଯାଂଚ କରାଯିବା ବୋଲି ମଙ୍ଗଳବାର ଦିନ ସାମ୍ବାଦିକ ସମ୍ମିଳନୀରେ ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ଏହା ଦ୍ୱାରା ନକଲି ସାମ୍ବାଦିକ ଠାବ ହୋଇ ପାରିବେ। ଏଥିରେ ସହଯୋଗ କରିବାକୁ ସାମ୍ବାଦିକ ଓ ସାମ୍ବାଦିକ ସଂଘଗୁଡ଼ିକୁ କମିଶନର ଅନୁରୋଧ କରିଛନ୍ତି।

## ଆଜିଠୁ ଖୋଲିବ ଲିଙ୍ଗରାଜ ମନ୍ଦିର

ଭୁବନେଶ୍ୱର,୩୧/୦୮ (ନି.ପ୍ର): ଆସନ୍ତାକାଲି (ବୁଧବାର)ଠାରୁ ସର୍ବସାଧାରଣଙ୍କ ପାଇଁ ଲିଙ୍ଗରାଜ ମନ୍ଦିର ଖୋଲିବ। ତେବେ ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଜାରି କରିଥିବା କୋଭିଡ୍ ମାର୍ଗଦର୍ଶିକା ପାଳନ କରିବାକୁ ପଡିବ। ମନ୍ଦିରକୁ ପ୍ରବେଶ ପୂର୍ବରୁ ପ୍ରତ୍ୟେକ ଦର୍ଶନାର୍ଥୀ ନେଇଥିବା ୨ଟି ଡୋଜ ଟିକା ପ୍ରମାଣପତ୍ର ଦେଖାଇବା ଜରୁରୀ। ଗର୍ଭଗୃହରେ ଦର୍ଶନ ସମ୍ପୂର୍ଣ୍ଣ ବାରଣ ରହିଛି। ଥରକେ ୧୦୦ ଭକ୍ତଙ୍କୁ ଦର୍ଶନ ପାଇଁ ଅନୁମତି ମିଳିବ। ସେବାୟତମାନେ ଶ୍ରଦ୍ଧାଳୁଙ୍କଠାରୁ ଭୋଗ ଗ୍ରହଣ କରିପାରିବେ ନାହିଁ। ପ୍ରତ୍ୟେକ ଶ୍ରଦ୍ଧାଳୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସାମାଜିକ ଦୂରତା ମାନିବା ବାଧ୍ୟତାମୂଳକ କରାଯାଇଛି। ରୋଗାକ୍ରାନ୍ତ, ବୟସ୍କ, ଗର୍ଭବତୀ, ୧୮ ବର୍ଷରୁ କମ୍ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରା କଟକଣା ଲଗା ଯାଇଛି। ନିୟମ ପାଳନରେ ତ୍ରୁଟି ହେଲେ ମନ୍ଦିର ଖୋଲାଯିବା ନିଷ୍ପତି ପ୍ରତ୍ୟାହାର ହେବ ବୋଲି ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି।

## ତାଲିବାନ ନେତାଙ୍କୁ ଭେଟିଲେ ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ



ନୂଆଦିଲ୍ଲୀ,୩୧/୦୮: ଆଫଗାନିସ୍ତାନରୁ ଆମେରିକା ସେନାର ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ପରେ ତାଲିବାନ ସହ ପ୍ରଥମ କରି କୂଟନୈତିକ ଆଲୋଚନା କରିଛି ଭାରତ । କାବୁଲରେ ଏବେ ବି ୫୦ରୁ ଅଧିକ ଭାରତୀୟ ରହିଛନ୍ତି । ଆଉ ସେମାନଙ୍କ ଉଦ୍ଧାର ନେଇ ତାଲିବାନ ସହ ଆଲୋଚନା କରିଛି ଭାରତ । କତାର ରାଜଧାନୀ ଦୋହାରେ ତାଲିବାନୀ ନେତାଙ୍କୁ ଭେଟିଛନ୍ତି ଭାରତୀୟ ରାଷ୍ଟ୍ରଦୂତ । ତାଲିବାନ ସହ ଭାରତର ପ୍ରଥମ ବୈଠକ । ଭାରତୀୟଙ୍କୁ ଉଦ୍ଧାର ନେଇ ଆଲୋଚନା । କାବୁଲ ଏୟାରପୋର୍ଟରୁ ଆମେରିକା ସେନାର ପ୍ରତ୍ୟାବର୍ତ୍ତନ ପରେ ତାଲିବାନସହ ପ୍ରଥମ କୂଟନୈତିକ ଆଲୋଚନା କରିଛି ଭାରତ । ଭାରତୀୟ ଦୂତାବାସଙ୍କ ଏକ ଟିମ୍ ଦୋହାରେ ତାଲିବାନ ନେତାଙ୍କ ସହ ଆଲୋଚନା କରିଛନ୍ତି । କତାରରେ ଥିବା ▶▶ପୃଷ୍ଠା ୭

## ଆଜିଠୁ ମୌସୁମୀ ଅଧିବେଶନ

ଭୁବନେଶ୍ୱର,୩୧/୦୮(ନି.ପ୍ର): ଆସନ୍ତାକାଲି ବିଧାନସଭା ମୌସୁମୀ ଅଧିବେଶନ । ଏଥର ଅଧିବେଶନ ବେଶ୍ ସରଗରମ ହେବା ସମ୍ଭାବନା ରହିଛି । ଅଧିବେଶନରେ ନୂଆ ନୂଆ ପ୍ରସଙ୍ଗ ଉଠିପାରେ । ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଛନ୍ତି ବିରୋଧୀ । ସେହିପରି ବିରୋଧୀଙ୍କୁ ଜବାବ ଦେବା ପାଇଁ ସରକାର ମଧ ପ୍ରସ୍ତୁତ ହେଉଛନ୍ତି । ଅଧିବେଶନ ପୂର୍ବରୁ ଆଜି ବିଜେପି, କଂଗ୍ରେସ ଓ ବିଜେଡି ବିଧାୟକ ଦଳ ବୈଠକ ବସିବ । ଏଥିରେ ରଣନୀତି ପ୍ରସ୍ତୁତ କରିବେ ସମସ୍ତ ରାଜନୈତିକ ଦଳ । ତେବେ ଏହା ପୂର୍ବରୁ ବିଧାନସଭା ପରିସରରେ ତ୍ରୀସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏଥିପାଇଁ ୩୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୨୦ ଜଣ ଅଫିସରଙ୍କୁ ମୁତୟନ କରାଯାଇଛି । ପୋଲିସ କମିଶନର ପହଂଚି ସୁରକ୍ଷା ବ୍ୟବସ୍ଥାର ଯାଂଚ କରିଛନ୍ତି । ପୋଲିସ ଡିଜି ମଧ ବିଧାନସଭାରେ ପହଂଚି ସୁରକ୍ଷା ଯାଂଚ କରିବା କାର୍ଯ୍ୟକ୍ରମ ରହିଛି ।

## ଗୁରୁଜୀ ମାମଲାରେ ମୁହଁ ଖୋଲିଲେ ଖୋର୍ଦ୍ଧା ଏସପି



ଭୁବନେଶ୍ୱର,୩୧/୦୮(ନି.ପ୍ର): ଗୁରୁଜୀ ମାନସ ଦାସଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଲମ୍ୱି ଚାଲିଥିବା ବେଳେ ମୁହଁ ଖୋଲିଛନ୍ତି ଖୋର୍ଦ୍ଧା ଏସପି । ୨ଟି ଭିନ୍ନ ଭିନ୍ନ ଅପରାଧିକ ମାମଲା ପଛରେ ସମାନ ଅଭିଯୁକ୍ତ ଥିବା ଦର୍ଶାଇ କହିଛନ୍ତି ସେମାନଙ୍କ ପଲିଗ୍ରାଫ ଟେଷ୍ଟ କରାଯାଇ ଆଉ କିଏ ଏଥିରେ ସାମିଲ ଅଛନ୍ତି, ତାର ଖୋଳତାଡ ହେବ । ସେପଟେ ବିବାଦୀୟ ମାନସଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି ଏକାଧିକ ସଂଗଠନ । ତାଙ୍କୁ ଗିରଫ କରାନଗଲେ ଆଗକୁ ସ୍ଥିତି ଭିନ୍ନ ହେବ ବୋଲି ଚେତାଇ ଦେଇଛନ୍ତି । କେତେ ବାଟ ଆଗେଇଲା ବାପା ପୁଅଙ୍କୁ ନିସ୍ତୁକ ମାଡ ମାମଲା ? ତଦନ୍ତ ଚାଲିଛି, କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଲେ ଏସପି । ଦୁଇଟି ଭିନ୍ନ ଭିନ୍ନ ମାମଲା । ଗୋଟିଏ ହତ୍ୟା ଅନ୍ୟଟି ନିସ୍ତୁକ ମାଡ । ଉଭୟ ଘଟଣାରେ ସାମିଲ ଥିବା ବ୍ୟକ୍ତି ସମାନ । ପିଟିପିଟି ମାରିଦେବା ଓ ପରେ ଜଙ୍ଗଲ ଭିତରେ ପୋଡିଦେବା ମାମଲାରେ ୮ ଜଣ ଅଭିଯୁକ୍ତ ଥିବା ବେଳେ, ୬ ଜଣ ଗିରଫ ହୋଇଛନ୍ତି । ଆଉ ସମାନ ବ୍ୟକ୍ତିମାନେ ହିଁ ପୂର୍ବରୁ ବାପା ପୁଅଙ୍କୁ ନିର୍ମମ ଭାବେ ପିଟିଥିବାରୁ, ଏହି ମାମଲାରେ ବି ସମସ୍ତଙ୍କୁ ପକ୍ଷଭୁକ୍ତ କରାଯିବ ବୋଲି ମୁହଁ ଖୋଲିଛନ୍ତି ଖୋର୍ଦ୍ଧା ଏସପି । ପୁରା ମାମଲାରେ ମାନସ ଦାସ ବିବାଦୀୟ ହୋଇଥିବାରୁ, ▶▶ପୃଷ୍ଠା ୭

## ସମ୍ଭାବ୍ୟ ମରୁଡି ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧/୦୮(ନି.ପ୍ର): ସମ୍ଭାବ୍ୟ ମରୁଡି ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୀକ୍ଷା । ଭିଡ଼ିଓ କନଫରେନ୍ସିଂ ଜରିଆରେ ସମୀକ୍ଷା କରି ଏହାର ମୁକାବିଲା ନିମନ୍ତେ ଚାଷୀ ମାନଙ୍କ ପାଇଁ ଜରୁରୀକାଳୀନ ଫସଲ ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନବୀନ କହିଛନ୍ତି ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୧୩ଟି ବ୍ଲକରେ ବର୍ଷାର ଅଭାବ ଦେଖାଦେଇଛି, ଯାହାକି କୃଷି କାର୍ଯ୍ୟକ୍ରମକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇ ଦୈନିକ ଭିତ୍ତିରେ ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସଂପୃକ୍ତ ଜିଲ୍ଲାପାଳମାନେ କ୍ଷେତ୍ରସ୍ତରରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ଏହାବାଦ୍ ଫସଲ ପାଇଁ ଜରୁରୀକାଳୀନ ଯୋଜନା, କେନାଲ ଗୁଡିକରେ ଜଳପ୍ରବାହ ଏବଂ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚାଷୀ ମାନଙ୍କ ଫସଲ ନଷ୍ଟ ହେବା କ୍ଷେତ୍ରରେ ଦ୍ୱିତୀୟ ଫସଲ ପାଇଁ ବିହନ ଓ ମିନିକିଟ୍ ଯୋଗାଇ ଦେବା ଏବଂ ଯେଉଁଠାରେ ଫସଲ ଅଛି, ତାକୁ ସୁରକ୍ଷିତ ରଖିବା ପାଇଁ ରିହାତି ଦରରେ ଚାଷୀ ମାନଙ୍କୁ ଡିଜେଲ ପମ୍ପସେଟ୍ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀ ମାନଙ୍କ ଜମିକୁ ଜଳଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ଗୋଟିଏ ଜାଗାରେ ଅଧ ଏକରରୁ ଅଧିକ ଥିବା ଚାଷ ଜମି ପାଇଁ ପୋଖରୀ ଖୋଳିବା ସହ ସମସ୍ତ ଉଠାଜଳସେଚନ ପଏଣ୍ଟ ଗୁଡିକୁ ୭ ଦିନ ମଧ୍ୟରେ ମରାମତି ଓ ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରିବା ପାଇଁ ସେ ▶▶ପୃଷ୍ଠା ୭

## ସାହିତ୍ୟ ହେଉଛି ଏକ ସମୟଖଣ୍ଡର ସତ୍ୟଶୀଳ ଇତିହାସ

### 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ବାର୍ଷିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ପାଳିତ




ବାଲେଶ୍ୱର,୩୧/୦୮(ନି.ପ୍ର): ଆଜି ସ୍ଥାନୀୟ ନୃତ୍ୟ ସଂଗୀତ କଳାମନ୍ଦିର ପରିସରରେ ଧ୍ୱନି ପ୍ରତିଧ୍ୱନିର ବାର୍ଷିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ପାଳିତ ହୋଇଯାଇଛି । ଏହି ଆସରରେ ସଭାପତିତ୍ୱ କରିଥିଲେ ଡ. ରମାକାନ୍ତ ବେହେରା ଓ ଉଦ୍‌ଘାଟିକା ଥିଲେ ରେବତୀର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା । ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ କବି କାଳିପଦ ପଣ୍ଡା, କବି ପ୍ରଶାନ୍ତ କୁମାର ଦାସ ଓ କବି କାଳିକିଙ୍କର ଦାସ ଓ ସମାଜସେବୀ ବେଣୁଧର ରାଉତ । ବିଶିଷ୍ଟ କବି ହରିଶ୍ଚନ୍ଦ୍ର ବେହେରା ସମୀକ୍ଷକ ଓ ବିଚାରକ ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ନିଜ ଭାଷଣରେ କହିଥିଲେ ଯେ, ସାହିତ୍ୟ ହେଉଛି ଏକ ସମୟଖଣ୍ଡର ସତ୍ୟଶୀଳ ଇତିହାସ । ଉଭୟ ସମାଜ ଓ ପାରିବାରିକ ଜୀବନର ପ୍ରତିଛବି ସାହିତ୍ୟରେ ପ୍ରତିଫଳିତ ହୁଏ। କବିମାନେ ସବୁ ସମୟରେ ଜନଜୀବନରେ କ୍ରାନ୍ତି ଆଣିଥାନ୍ତି । ସେମାନେ ସଦା ଜାଗ୍ରତ ପ୍ରହରୀ ଭାବେ ନିଜର ଲେଖନୀରେ ସମାଜକୁ ଉଦ୍‌ବୋଧ କରନ୍ତି । ଏଥିରେ ବହୁ ବିଶିଷ୍ଟ କବି ବାସୁଦେବ ରାଉତ, ଗୟାଧର କର, ଭବାନୀ ଚନ୍ଦ୍ରଦ ଦାଦସ, ପୂର୍ଣ୍ଣଚନ୍ଦ୍ର ବେହେରା, ବେଣୁଧର ରାଉଳ, ପ୍ରଭାତ କୁମାର ଆଚାର୍ଯ୍ୟ, କଲ୍ୟାଣୀ ନନ୍ଦ, ରାଜେଶ ଗିରି, ଜୟନ୍ତ ହଂସ ରାଜ, ଅର୍ଚ୍ଚନା ନନ୍ଦି, ଯଶୋଧାରା ଦାସ, କୃଷ୍ଣା ପ୍ରଧାନ, ଯୁମର ନାଥ ପାତ୍ର, ଦେବାଶୀଷ ସିଂହ ସ୍ନିଗ୍ଧା ସାମନ୍ତ ରାୟ, ଗଙ୍ଗାଧର ଦାସ, ବିଦ୍ୟାଧର ସେଠୀ, ବୁଦ୍ଧେଶ୍ୱର ମଲ୍ଲିକ, ହେମେନ୍ଦ୍ର ମହାପାତ୍ର, ରବିନ୍ଦ୍ର ନାଥ ଜେନା, ରତ୍ନାକର ସିଂହ, ମହମ୍ମଦ ଉନାୟତ୍, ଲକ୍ଷ୍ମୀଧର ତ୍ରୀପାଠି, ପୁଷ୍ପାଞ୍ଜଳି ନାୟକ, ସୁଧାକର ସେଠୀ, ଜିତେନ୍ଦ୍ର ଉପାଧ୍ୟାୟ, ଝରଣା ମଲ୍ଲିକ, ଅରୁଣା ମଲ୍ଲିକ, ଶାନ୍ତିଲତା ପଣ୍ଡା, ଅଶ୍ୱନୀ କୁମାର ମହାନ୍ତି ପ୍ରମୁଖ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବିତା ଗୁଡ଼ିକୁ ବିଶ୍ଳେଷଣ କରି ଜଜ୍ କବି ହରିଶ୍ଚନ୍ଦ୍ର ବେହେରା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କବିଙ୍କୁ ମନୋନୀତ କରିଥିଲେ । ପ୍ରଥମ ପୁରସ୍କାର ପାଇଥିଲେ ପ୍ରଭାତ କୁମାର ଆଚାର୍ଯ୍ୟ, ଦ୍ୱିତୀୟ ଲକ୍ଷ୍ମୀକାନ୍ତ ତ୍ରୀପାଠି, ତୃତୀୟ ଶାନ୍ତିଲତା ପଣ୍ଡା ।

# ୬ ୦ଜଣ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ଫୋନ ବଂଟନ

ମାଲକାନଗିରି,୩୧/୮ (ନି.ପ୍ର): ସମ୍ପ୍ରତି କରୋନା ମହାମାରୀ ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଏହାକୁ ଆଖି ଆଗରେ ରଖି ସରକାର ଚଳିତ ବର୍ଷ କେବଳ ଦଶମ ଓ ଯୁକ୍ତ ୨ ର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଦ୍ୟାଳୟ କୁ ଯାଇ ଅଧ୍ୟୟନ କରିବା ସୁବିଧା ଯୋଗାଇ ଦେଇଛନ୍ତି କିନ୍ତୁ ଅନ୍ୟ ଶ୍ରେଣୀ ଗୁଡ଼ିକ ଅନଲାଇନ ମାଧ୍ୟମରେ ପଢ଼ାଯିବ ବୋଲି ସରକାର ନିୟମ କରିଛନ୍ତି ! ହେଲେ ମାଲକାନଗିରି ଜିଲ୍ଲାର ଅନେକ ଗରିବ ପରିବାରରେ ଆର୍ଥିକ ଅଭାବ ଯୋଗୁ ସେମାନେ ନିଜ ପୁଅ ଝିଅ ପାଇଁ ଗୋଟିଏ ସ୍ମାର୍ଟ ଫୋନ କିଣି ପାରୁନାହାନ୍ତି ଯାହା ଫଳରେ ସେମାନଙ୍କ ପିଲାମାନେ ଅନଲାଇନ କ୍ଲାସ ରୁ ବଂଚିତହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି !ପିଲାମାନଙ୍କ ଏହି ସମସ୍ୟା କୁ ଦୁର କରିବା ପାଇଁ କିଛି ଗରିବ ପରିବାରର ଛାତ୍ରଛାତ୍ରୀଙ୍କୁ ରିଚିଙ୍ଗ ହ୍ୟାଣ୍ଡ ସୋସାଇଟି ତରଫରୁ ମୋବଇଲ ବଂଟନ କରାଯାଇଛି !ପ୍ରଥମ ପର୍ଯ୍ୟାୟରେ ୬୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ସ୍ମାର୍ଟ ଫୋନ ଯୋଗାଇ ଦିଆଯାଇଥିବା ବେଳେ ଦିତୀୟ ପର୍ଯ୍ୟାୟରେ ଆଜି ଆଉ ୬୦ଟି ସ୍ମାର୍ଟ ଫୋନ ଯୋଗାଇ ଦିଆ ଯାଇଛି ! ଆଜି ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରାମ ପ୍ରସାଦ ନାଗ ଯୋଗ ଦେଇ ପିଲାମାନଙ୍କୁ ସ୍ମାର୍ଟ ଫୋନ ବଂଟନ କରିଥିଲେ ! ରିଚିଙ୍ଗ ହ୍ୟାଣ୍ଡ ସୋସାଇଟିର ଦ୍ୱାରା ଗରିବ ଛାତ୍ରଛାତ୍ରୀ ମାନଙ୍କୁ ଏପରି ସ୍ମାର୍ଟ ଫୋନ ପ୍ରଦାନ କରିବା ଯୋଗୁଁ ସେମାନେ ଅନଲାଇନ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ ଗଢିପାରିବେ !

# ଜମିହରା କୃଷକ ଏକତା ମଂଚର ୪ ଜଣ ଆଗଧାଡ଼ିର କର୍ମକର୍ତ୍ତାଙ୍କୁ ଅପସାରଣ କଲେ ସାଧାରଣ ଜମି ମାଲିକ

ପାରାଦ୍ୱୀପ ,୩୧/୮ (ନି.ପ୍ର): ଆଜି ପାରାଦୀପ ତୈଳ ବିଶୋଧାନାଗାର ରେ ନିଜର ଜମି ହରାଇଥିବା ''ଜମିହରା କୃଷକ ଏକତା ମଂଚ'' ର ସଭାପତି ଓ ସମ୍ପାଦକ ଙ୍କ ସହିତ ୪ ଜଣ ମୁଖ୍ୟ ଆଗଧାଡିର କୃଷକ ନେତାଙ୍କୁ ବହିସ୍କୃତ କରିଛନ୍ତି କମିଟିରେ ଥିବା ୨୪ ରାଜସ୍ୱ ଗ୍ରାମ ର କୃଷକ ମୁଖିଆ ମାନେ କ୍ଷ ଏ ନେଇ ଅଭୟଚାନ୍ଦପୁର ଥାନା ଅଧୀନରେ ଥିବା ମାହାଳ ଗ୍ରାମର ଅଭୟଚାନ୍ଦପୁର ୟୁପି ସ୍କୁଲ ପରିସରରେ ଜମି ହରାଇଥିବା କୃଷକ ନେତା ମାନଙ୍କ ଏକ ବୈଠକରେ ନିଷ୍ପତି ନିଆଯାଇଛି କ୍ଷ ଅଭିଯୋଗ ଅନୁଯାୟୀ 'ଜମିହରା କୃଷକ ଏକତା ମଂଚ' ର ତୈଳ ବିଶୋଧାନାଗାର ରେ ଜମିହରାଇଥିବା ସମସ୍ତ କୃଷକ ପରିବାର ର ସମାନ ଅଧିକାର ରହିଥିବା ସତ୍ୱେ ଯେଉଁମାନେ ନେତୃତ୍ୱ ନେଉଛନ୍ତି ସେମାନେ ନିଜ ପ୍ରିୟପ୍ରିତି ତୋଷଣ କରି ସାଧାରଣ କୃଷକ ମାନଙ୍କୁ ଅଣଦେଖା କରିଛନ୍ତି । ଏମିତିକି ଆଇଓସିଏଲ୍ ରେ ଜମିହରାଇ ଥିବା ଜମିହରା ମାନେ ଅନେକ ନେତୃତ୍ୱ ଙ୍କ ପାଖରୁ ନିରାଶ ହେବା ପରେ କୃଷକ ମାନେ ଏକଜୁଟ ହୋଇ ସାଧାରଣ ଲୋକଙ୍କୁ ନିଜର ନେତା ଭାବେ ଚୟନ କରିଥିଲେ । ସାଧାରଣ କୃଷକ ପରିବାର ର ପିଲାମାନେ କିପରି ତୈଳ ବିଶୋଧାନାଗାର ରେ ନିଯୁକ୍ତି ପାଇ ପାରିବେ ସେ ନେଇ ଅନେକ ସ୍ୱପ୍ନ ଦେଖୁଥିବା ବେଳେ ଶହ ଶହ ଚାଷୀ ପରିବାର ବିଶ୍ୱାସ ରେ ବିଷ ଦେଇ ବର୍ତ୍ତମାନ ର ସଭାପତି ଓ ଉପଦେଷ୍ଟା ନିଜର ଦୁଇ ଅନ୍ୟ ସହଯୋଗୀ ଙ୍କ ସହିତ ମିଶି ଚାଷୀ ପରିବାର ପିଲାମାନଙ୍କ ପାଖରୁ ମୋଟା ଅଙ୍କର ଅର୍ଥ ନେଉଥିବା ଏବଂ ସେମାନଙ୍କୁ ନିଯୁକ୍ତି ନ ଦେଇ ନିଜର ଆତ୍ମୀୟ ଲୋକଙ୍କୁ ନିଯୁକ୍ତି ଦେବା କୁ ନେଇ ଅଭିଯୋଗ ହେବାପରେ ଗତ ରବିବାର ସନ୍ଧ୍ୟା ରେ ମାହାଳ ଗ୍ରାମରେ ଏକ ଜରୁରୀ ବୈଠକ ଡକାଯାଇଥିଲା । ଏହି ବୈଠକରେ ସଭାପତି ରବିନ୍ଦ୍ର ମାଝୀ ଓ ଉପଦେଷ୍ଟା ପ୍ରଶାନ୍ତ ବିଶ୍ୱାଳ ଙ୍କ ସହିତ ଅନ୍ୟ ଦୁଇଜଣ କୋରକମିଟି ମେମ୍ବର ଙ୍କୁ ସେମାନଙ୍କ ପଦବୀ ରୁ ବହିଷ୍କାର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରା ଯାଇଥିବାର ସୂଚନା ମିଳିଛି । ତେବେ ଆସନ୍ତା କିଛି ଦିନ ମଧ୍ୟରେ ଏକ ବୈଠକ ବସି ନୂତନ ସଭାପତି ଙ୍କ ନାମ ଘୋଷଣା ହେବା ପରେ 'ଆଇ.ଓ.ସି.ଏଲ' ରେ ନିଜର ହକ ପାଇଁ ଲଢେଇ କରାଯିବ ବୋଲି ଜମିହରା କୃଷକ ଏକତା ମଂଚ ର ସମ୍ପାଦକ ଓ କମିଟି ପକ୍ଷରୁ କୁହାଯାଇଛି ।

## ଚାଷୀଙ୍କୁ ସାର ନ ମିଳିବାରୁ ଅସନ୍ତୋଷ

ଜୟପୁର,୩୧/୮ (ନି.ପ୍ର): କୋରାପୁଟ ଜିଲ୍ଲାରେ ଥମୁନି ସାରତାତି । ଜିଲାରେ ସାର ଅଭାବ ନେଇ ତାତିଛନ୍ତି ଚାଷୀ । ଜିଲାର ବିଭିନ୍ନ ବ୍ଲକ ରେ ସାର ଅଭାବକୁ ନେଇ ତେଜୁଛି ଚାଷୀଙ୍କ ଆନ୍ଦୋଳନ । କେଉଁଠି ଲେମ୍ପ ଆଗରେ ଧାରଣା ତ ଆଉ କେଉଁଠି ରାଜପଥ ଅବରୋଧ କରିଛନ୍ତି ଶହ ଶହ ଚାଷୀ । ଏତିକି ବେଳ ଆଜି ସାର ଅଭାବ ନେଇ କୋଟପାଡ଼ରେ ଆନ୍ଦୋଳନକୁ ଓଲାଇଛନ୍ତି ଶହ ଶହ ଚାଷୀ । ଚାଷୀଙ୍କ ଆନ୍ଦୋଳନ ରେ ସାମିଲ ହୋଇଛି କୋଟପାଡ଼ ବ୍ଲକ ବିଜେପି । ଲେମ୍ପ ରେ ଘଣ୍ଟା ଘଣ୍ଟା ଅପେକ୍ଷା ପରେ ବି ଚାଷୀଙ୍କୁ ମିଳିନି ସାର । ଶେଷରେ ଅସନ୍ତୋଷ ଚାଷୀ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି । ରାଜପଥ ଅବରୋଧ କାରଣରୁ ଉଭୟ ପଟେ ଅନେକ ଗାଡି ଅଟକି ରହିଛି । କୋଟପାଡ଼ ଲେମ୍ପ ଏବଂ ଲାଇସେନ୍ସ ପ୍ରାପ୍ତ ଡିଲର କୁ ମଧ୍ୟ ଘେରାଓ କରିଛନ୍ତି ଚାଷୀ,। , ଗ୍ରମର, ଡିଏପି, ଓ ପଟାସ ସାର ସେତେଟା ଅଭାବ ହେଉନଥିବା ବେଳେ ଠିକ ସମୟରେ ୟୁରିଆର ଅଭାବ ଚାଷୀ ଙ୍କ ଚିନ୍ତା ବଢାଇଛି । କୋଟପାଡ଼ ବ୍ଲକର ୧୭ଟି ପଂଚାୟତରେ ୟୁରିଆର ଅଭାବ ପରିଲକ୍ଷିତ ହୋଇଛି । ଧାର କରଜ କରି ଧାନ ଚାଷ କରିଥିବା ଚାଷୀ ସାରା ଅଭାବରେ ଫସଲ ନଷ୍ଟ ହେବାର ଭୟ ରହିଛି । ସାର ପାଇଁ ଏହି ଅଂଚଳର ଚାଷୀ ହଇରାଣ ହଉଥବାର ଖବର ସମସ୍ତେ ଜାଣି ଛନ୍ତି କିନ୍ତୁ କୋଉ ନେତା ମନ୍ତ୍ରୀ ଏବଂ ପ୍ରସକ୍ଷନିକ ଅଧିକାରୀଙ୍କ ଚାଷୀଙ୍କ ପାଇଁ ଦରଦ ହିଁ ନାହିଁ । ପ୍ରଶାସନ ଦଲାଲ ଙ୍କ ସହ ମଧୁଚନ୍ଦ୍ରିକା କରି ସାର କଳାବଜାର ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି । ଯଦି ଚାଷୀଙ୍କୁ ଉପଲବ୍ଧ ସାର ନ ମିଳେ ତାହା ହେଲେ ରାଜରାସ୍ତା ଏମିତି ହିଁ ଆନ୍ଦାଳନ କରିବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି ।

## ରାଜଶ୍ରୀ କଳା ସାହିତ୍ୟ ସଂସଦର ସାଂଗଠନିକ ବୈଠକ

କେନ୍ଦ୍ରାପଡ଼ା,୩୧/୮ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ସାଗଠନିକ ବୈଠକ ସଭାପତି କାଶୀନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ହେମନ୍ତ ଜେନାଙ୍କ ସଂଯୋଜନାରେ କବି ସଂଜୟ କୁମାର ରଥ ଆନୁଷ୍ଠାନିକ ଭାବରେ ଯୋଗ ଦେଇ ରାଜଶ୍ରୀ ପରିବାର ପୂର୍ବତନ ଉପ ସଭାପତି ଦୀନବନ୍ଧୁ ଦାସ, ଲୋକପ୍ରିୟ ଚିକିତ୍ସକ ବୈଷ୍ଣବ ପରିଡାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରିଥିଲେ ।

# ହାଇସ୍କୁଲରେ ଭିତ୍ତିଭୂମି ଅଭାବ: ନବମ ଓ ଦଶମ ଦୁଇଶ୍ରେଣୀରେ ୧୦୩ ଛାତ୍ରଛାତ୍ରୀ

ଜୟପୁର,୩୧/୮ (ନି.ପ୍ର): ହାଇସ୍କୁଲ ମାନ୍ୟତା ପାଇବାର ୮ବର୍ଷ ବିତିଲା ହେଲେ ଏପର୍ଯ୍ୟନ୍ତ ହୋଇପାରିନି ଉଚିତ ଭିତିଭୂମି । ବହୁ ବର୍ଷର ପୁରୁଣା ଶ୍ରେଣୀଗୃହ ରେ ଚାଲିଥିଲା ପାଠପଢା ।କଭିଡ ସମୟ ରେ ସ୍କୁଲ ବନ୍ଦ ଥିଲା, ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବା ଆଳ ରେ ବିଦ୍ୟାଳୟ ର ପୁରୁଣା ଶ୍ରେଣୀ ଗୃହ କୁ ଭାଗିଦେଲା ବ୍ଲକ ପ୍ରଶାସନ । ହେଲେ ଇତି ମଧ୍ୟରେ ୮ମାସରୁ ଉର୍ଦ୍ଧ ସମୟ ବିତିଥିଲେ ବି ନୂତନ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଅଧପନ୍ତରୀୟା ହୋଇ ପଡିରହିଛି । ଫଳରେ ନବମ ଓ ଦଶମ ଶ୍ରେଣୀ ର ୧୦୩ ଜଣ ଛାତ୍ର ଛାତ୍ରୀ ଏବେ ଦୁଇଟି ଛୋଟିଆ କୋଠରୀ ରେ ଅଧ୍ୟୟନ କରୁଛନ୍ତି । ପାଠ ପଢା ଚାଲିଥିବା ଶ୍ରେଣୀ ଗୃହ ମଧ୍ୟ ବର୍ଷାରେ ପାଣି ଗଳୁଛି । ଫଳରେ ନା ନା ଅସୁବିଧା ରେ ଶିକ୍ଷା ଅଧ୍ୟୟନ କରୁଛନ୍ତି ଛାତ୍ର ଛାତ୍ରୀ ମାନେ । ଏଭଳି ଦୃଶ୍ୟ ସାମ୍ନା କୁ ଆସିଛି ବୋରିଗୁମ୍ମା ବ୍ଲକ ଚଲାନ ଗୁଡା ହାଇସ୍କୁଲ ରେ ।ଏହି ବିଦ୍ୟାଳୟ ଟି ହାଇସ୍କୁଲ ମାନ୍ୟତା ପାଇ ୮ବର୍ଷ ବିତିଛି ।ତଥାପି ଆଜି ପର୍ଯ୍ୟନ୍ତ ହାଇସ୍କୁଲ ପାଇଁ କୌଣସି ଭିତି ଭୁମି ହୋଇନି । ବିଦ୍ୟାଳୟ ରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷତଦାନ ବ୍ୟବସ୍ଥା ରହିଛି ।ପ୍ରାୟ ୩୦୦ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟ ରେ ଥିବା ବହୁ ପୁରୁଣା ୬ଟି ଶ୍ରେଣୀ ଗୃହ ରେ ଶିକ୍ଷାଦାନ ଚାଲିଆସୁଥିଲା । ଏସମସ୍ତ ଶ୍ରେଣୀ ଗୃହ ଗୁଡିକ ପରିତକ୍ତ ଅବସ୍ଥା ରେ ରହିଥିଲା । କଭିଡ ସମୟ ରେ ବିଦ୍ୟାଳୟ ଗୁଡିକ ବନ୍ଦ ରହିଥିଲା । ଏହି ସମୟ ରେ ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବା ପାଇଁ ବିଦ୍ୟାଳୟ ର ୪ଟି ଶ୍ରେଣୀ ଗୃହ ଭାଙ୍ଗି ଦେଇଥିଲା ବ୍ଲକ ପ୍ରଶାସନ । ଯଦିଓ ନୂତନ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ତାହା ଅଧାପନ୍ତରିଆ ହୋଇ ପଡିଛି ।ଏତିକି ନବମ ଓ ଦଶମ ଶ୍ରେଣୀ ଶିକ୍ଷାଦାନ ସ୍ୱଭାଭିକ ହୋଇଛି ।ଶ୍ରେଣୀ ଗୃହ ଅଭାବ କାରଣ ରୁ ଦୁଇଟି କୋଠରୀ ରେ ୧୦୩ ଜଣ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷା ଦାନ କରାଯାଉଛି । ଶ୍ରେଣୀ ଗୃହ ପାଣି ଗଳୁଥିବାରୁ ଛାତ ଉପରେ ପାଲ ଢପା ଯାଇଛି । ଫଳ ରେ ଅନେକ ଛାତ୍ର ଛାତ୍ରୀ ଭୟଭିତ ହୋଇ ବିଦ୍ୟାଳୟ କୁ ମଧ୍ୟ ଆସୁନାହାନ୍ତି ।ନୂତନ ଶ୍ରେଣୀ ଗୃହ ଶୀଘ୍ର ନିର୍ମାଣ ହେଲେ ସୁବିଧା ହୁଅନ୍ତା ବୋଲି ଦଶମ ଶ୍ରେଣୀ ର ଛାତ୍ର ଶଙ୍କର ଷଡଙ୍ଗୀ ଛାତ୍ରୀ ସଂଧାରଣୀ ଦାବି କରିଛନ୍ତି ।,ଦୀର୍ଘ ଦିନ ର ବ୍ୟବଧାନ ପରେ ସ୍କୁଲ ଗୁଲୁଡିକ ଖୋଲିଛି । ଏଥିପାଇଁ ସମସ୍ତ ସ୍କୁଲ ପରିସରକୁ ସାନିଟାଇଜ କରାଯାଇଛି । ହେଲ ଶ୍ରେଣୀ ଗୃହ ଅଭାବ କାରଣ ରୁ ସାମାଜିକ ଦୂରତା କୁ ଭୁଲି ଯାଇ ନିଜ ପାଠପଢା ଉପରେ ଗୁରୁତ୍ୱ ଦେଉଛନ୍ତି ଛାତ୍ର ଛାତ୍ରୀ । ଦୀର୍ଘ ଦିନ ର ବ୍ୟବଧାନ ପରେ ବିଦ୍ୟାଳୟ ଖୋଲିଛି । ପାଠପଢା କୁ ନେଇ ନାନା ଅସୁବିଧା ସମୁଖୀନ ହେଉଥିଲେ ଛାତ୍ର ଛାତ୍ରୀ ।ସ୍କୁଲ ଖୋଲିଛି ସତ ହେଲେ ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବାରୁ ଏବେ ଛାତ୍ର ଛାତ୍ରୀ ମାନେ ନାନା ଅସୁବିଧାରେ ପାଠ ପଢୁଛନ୍ତ ବୋଲି କହିଛନ୍ତି ସ୍ଥାନୀୟ ଅଭିଭାବକ ଶିବ ପ୍ରସାଦ ନାୟକ ।ସେପଟେ ୨୦୧୩ ମସିହା ରେ ହାଇସ୍କୁଲ ଖୋଲି ଥିଲେ ବି ହାଇସ୍କୁଲ ପାଇଁ ଭିତିଭୂମି ହୋଇନି । ଶ୍ରେଣୀ ଗୃହ ଅଭାବ କାରଣ ରୁ ସରକାର ଙ୍କ ନୂଆ ଗାଇଡ଼ ଲାଇନ ପାଳନ କରିବା କଷ୍ଟକର ହେଉଛି । ଯଦି ଆଗକୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଖୋଲେ ତେବେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ର ୧୮୦ଜଣ ଛାତ୍ର ଛାତ୍ରୀ ଙ୍କ ପାଠ ପଢା ସମ୍ପୂର୍ଣ୍ଣ ବଧାପ୍ରାପ୍ତପ ହେବ ବୋଲି କହିଛନ୍ତି ଚଲାନ ଗୁଡ଼ା ଉଚଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୁଣଧର ପୂଜାରୀ,। ଭିତିଭୂମି ଅଭାବ ସ୍ୱତ୍ୱେ ଚାଲିଛି ହାଇସ୍କୁଲ ର ଶିକ୍ଷା ଦାନ ।ଗୋଟିଏ ପଟେ କରନା ସଂକ୍ରମଣ ର ଭୟ ଅନ୍ୟପଟେ ଭବିଷ୍ୟତ ଗଢିବାର ସ୍ୱପ୍ନ ଯାରୀ ଭିତରେ ନିଜର ଅଧ୍ୟୟନ ଜାରି ରଖିଛନ୍ତି ଛାତ୍ରଛାତ୍ରୀ । ଆଗକୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଖୋଲିବା ପୂର୍ବରୁ ପ୍ରଶାସନ ବିଦ୍ୟାଳୟ ର ଭିତିଭୂମି ସଜାଡ଼ିବା ଜରୁରୀ ହୋଇପଡିଛି ।

# ଶାନ୍ତିକୁଞ୍ଜ ହରିଦ୍ୱାର ତତ୍ତ୍ୱାବଧାନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଖଡ଼ିଆଳ ବ୍ଲକ ତରଫରୁ ବୃକ୍ଷରୋପଣ

ଆପଡ଼ା,୩୧/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମ ପଂଚାୟତର ପଂଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶାନ୍ତି କୁଞ୍ଜ ହରିଦ୍ୱାର ତତ୍ୱାବଧାନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ତରୁପତ୍ର ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୁଦପେଜ ପଂଚାୟତ ସରପଂଚ ଗିରିଶ ଚନ୍ଦ୍ର ବାରିକ, ସମ୍ମାନୀତ ଅତିଥି ଭାବରେ ସମିତିସଭ୍ୟ ଗୋବିନ୍ଦ ବିହାରୀ ବାରିକ, ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଅନ୍ନଦା ଶଙ୍କର ଦାସ, ଗାୟାତ୍ରୀ ପରିବାର ନୂଆପଡ଼ା ଉପଯୋନ ସହ ସଂଯୋଜକ କେତନ ସିଂ ବାରିକ, ଖଡ଼ିଆଳ ଶକ୍ତି ପୀଠ ମୁଖ୍ୟ ଟ୍ରଷ୍ଟି ରାଜକୁମାର ଅଗ୍ରୱାଲ, ରତନଲାଲ ସୋନି, ହେମରାଜ ସାହୁ, ମମତା ମଞ୍ଜରୀ ଥପା , ଦୟା ଥପା ଗୀତାରାଣୀ ସାହୁ, କୃଷ୍ଣଚନ୍ଦ୍ର ବେହେରା , ତ୍ରିଲୋଚନ ବିଶି, ନିତ୍ୟାନନ୍ଦ ଭୋଇ, ଶୋଭାରାମ ଶବର , ସନାତନ ଶବର , ବିକ୍ରମ ବନଛୋର, ମୃତ୍ୟୁଞ୍ଜୟ ସିଂ ବାରିକ, ମୋହନ ପ୍ରଧାନୀ, ଖିତିସୁତା ପ୍ରଧାନୀ, କୁଦପେଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମେଶ୍ୱର କଠାର, ପୂର୍ଣ୍ଣିମା ଭୋଇ, ନରୋତମ ଭୋଇ,ଲବ ଶତପଥୀ, କୃଷ୍ଣଚନ୍ଦ୍ର ମହାନ୍ତି ଯୋଗଦାନ କରିଥିଲେ । ବରିଷ୍ଠ କର୍ମକର୍ତା ଗାୟତ୍ରୀ ଶକ୍ତିପୀଠ ଚଳାନପଡାର ଦୟାନିଧି ବାରିକ ମଂଚ ପରିଚାଳନା କରିଥିଲେ । ଏହା ବ୍ୟତୀତ ଗାୟତ୍ରୀ ଶକ୍ତି ପୀଠ ଚଳାନପଡା ପରିଜନ ମାନଙ୍କ ଦ୍ୱାରା ଚଳାନପଡା ସ୍ଥିତ ଖଡ଼ିଆଳ ପାଟଣା କ୍ଷତିୟ ସମାଜ ପରିସର ମଧ୍ୟରେ କଦମ୍ବ ବୃକ୍ଷ ରୋପଣ କରାଯାଇଥିଲା । ସେହିପରି ଖଡ଼ିଆଳ ଶକ୍ତି ପୀଠ ଓ ଡୁକୁଲା ପ୍ରଜ୍ଞା ପୀଠ ପରିସରରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

# ମାଲକାନଗିରି ଜିଲ୍ଲାର ଅଧ୍ୟାପକ ଡ଼.ରଞ୍ଜନ କୁମାର ସ୍ୱାଇଁଙ୍କୁ ଜିଲ୍ଲା କମାଣ୍ଡାଂଟ ଭାବେ ମନୋନୀତ

ମାଲକାନଗିରି,୩୧/୮ (ନି.ପ୍ର): ପ୍ରେରଣା ଆନ୍ତର୍ଜାତିୟ ସବୁଜ ସୈନ୍ୟ ତରଫରୁ ମାଲକାନଗିରି ମହାବିଦ୍ୟାଳୟ ର ଅଧ୍ୟାପକ ଡ଼.ରଞ୍ଜନ କୁମାର ସ୍ୱାଇଁ ଙ୍କୁ ଜିଲ୍ଲା କମାଣ୍ଡାଂଟ ହିସାବରେ ମନୋନୀତ କରିଛନ୍ତି ।ପ୍ରେରଣା ଆନ୍ତର୍ଜାତିୟ ସବୁଜ ସୈନ୍ୟ ର କମାଣ୍ଡାଂଟ ମୁଖ୍ୟ ଦିଲ୍ଲୀପ ଶ୍ରୀଚନ୍ଦନ ଡ଼.ସ୍ୱାଇଁ ଙ୍କ ପରିବେଶ, ସବୁଜ ବିପ୍ଳବୀ, ବୃକ୍ଷ ବା ଚାରା ରୋପଣ ସଚେତନତା କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହିତ ଏହି କାର୍ଯ୍ୟ କ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଡ଼.ସ୍ୱାଇଁ ଙ୍କୁ ମାଲକାନଗିରି ଜିଲ୍ଲା ପାଇଁ ଜିଲ୍ଲା କମାଣ୍ଡାଂଟ ହିସାବରେ ମନୋନୀତ କରିଥିବାରୁ ମାଲକାନଗିରି ମହାବିଦ୍ୟାଳୟ ତରଫରୁ ତାଙ୍କୁ ଏକ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ।ଏହି କାର୍ଯ୍ୟ କ୍ରମରେ ଇଂରାଜୀ ବିଭାଗର ମୁଖ୍ୟ ତଥା ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର ର ସଂଯୋଜକ ଉମେଶ ଚନ୍ଦ୍ର ରାଉତ ,ଶିକ୍ଷା ବିଭାଗ ମୁଖ୍ୟ ଗୌତମ ନାୟକ ,ପ୍ରମୀୟ କୁମାର ମହାନ୍ତି, ଜାତୀୟ ସେବା ଯୋଜନା ଅଧିକାରୀ ତପନ କୁମାର ବେହେରା, ଓଡ଼ିଆ ବିଭାଗ ମୁଖ୍ୟ ପ୍ରଦୀପ ଓରାମ, ଶୁସାନ୍ତ ମାଝି,, ଏନ.ସି.ସି ଅଧିକାରୀ ବି.ଗୁପ୍ତେଶ୍ୱର ରାଓ,ବାଣିଜ୍ୟ ଅଧ୍ୟାପକ, ଛାତ୍ର ଛାତ୍ରୀ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ।ଏହି କାର୍ଯ୍ୟ କ୍ରମକୁ ସୁଚାରୁ ରୁପେ ପାଳନ କରି ଜିଲ୍ଲାରେ ପ୍ରଚାର ଓ ପ୍ରସାର କରିବା ପାଇଁ ଡ଼.ସ୍ୱାଇଁ ଙ୍କୁ ମନୋନୀତ କରିଥିବାରୁ ଦିଲ୍ଲୀପ ଶ୍ରୀଚନ୍ଦନ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚକାପାଦ ଆଶ୍ରମରେ ସ୍ୱାମୀଜୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

କନ୍ଧମାଳ,୩୧/୮ (ନି.ପ୍ର): ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ କନ୍ଧମାଳ ଜିଲ୍ଲାର ଚକାପାଦ ସ୍ଥିତ ସଂସ୍କୃତ ଗୁରୁକୁଳ ଆଶ୍ରମ ପରିସରରେ ସ୍ୱାମୀଜୀଙ୍କ ତ୍ରୟୋଦସ ବ୍ରହ୍ମଲୀନ ଶଦ୍ଧାଞ୍ଜଳି ଉତ୍ସବ ବୈଦ୍ଧିକ ରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ମହାମାରୀ କୋଭିଡ୍ ନିୟମ ଅନୁପାଳନ ପୂର୍ବକସ୍ୱାମୀଜୀଙ୍କ ଉତରାଧିକାରୀ ସ୍ୱାମୀସଚ୍ଚିଦାନନ୍ଦ ମହାରାଜଙ୍କ ସମେତ ମୁଷ୍ଟିମେୟ ସାଧୁସନ୍ଥ,ଆଶ୍ରମକର୍ମକର୍ତା, ବିଦ୍ୟାଳୟ ୟଶିକ୍ଷକ ଏବଂ ଛାତ୍ରଛାତ୍ରୀ ବ୍ରହ୍ମଲୀନ ସ୍ୱାମୀଜୀଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହି ଅବସରରେ ଭଗବତ ଆରାଧନା ପୂର୍ବକ ଘୃତ ଯଜ୍ଞ, ଗୁରୁ ପୂଜନ, ରୁଦ୍ରାଭିଷେକ, ବ୍ରାହ୍ମଣଭୋଜନ ଆଦି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଛି । ସୂଚନା ଯୋଗ୍ୟ ୨୦୦୮ ମସିହା ଜନ୍ମାଷ୍ଟମୀ ତିଥିରେ ସ୍ୱାମୀଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଅନ୍ୟତମ ଜଲେସପଟା ସ୍ଥିତକନ୍ୟାଶ୍ରମରେ ଆତତାୟୀଙ୍କ ଗୁଳିରେ ସ୍ୱାମୀଜୀ ନିହତ ହୋଇଥିଲେ । ଏହା ପରବର୍ତୀ ସମୟରେ ଏହାର ପ୍ରଭାବରେ ସମଗ୍ର କନ୍ଧମାଳରେ ଧର୍ମୀୟ ହିଂସାରେ ଅନେକଙ୍କ ଜୀବନହାନୀ ଘଟିଥିଲା । ଯାହାକି ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଥିଲା । ସ୍ୱାମୀଜୀଙ୍କ ଏହି ବ୍ରହ୍ମଲୀନ ତିଥିରେ ଚକାପାଦ ଅଂଚଳ ବାସୀଙ୍କ ସମେତ ସମଗ୍ର କନ୍ଧମାଳର ହିନ୍ଦୁ ଧର୍ମାବଲମ୍ବୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଆଇନ ଶୃଙ୍ଖଳା ଦୃଷ୍ଟିରୁ ଚକାପାଦ ଅଂଚଳରେ ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ପୋଲିସ ବାହୀନି ମୁତୟନ କରାଯାଇଛି । କନ୍ଧମାଳ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିପିନ ବିହାରୀ ବେହେରାଏବଂ ଘୁ.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡି.ତିରୁପତି ରାଓ ପଟ୍ଟନାୟକ ସମସ୍ତ ସ୍ଥିତକୁ ଅନୁଧ୍ୟାନ କରୁଛନ୍ତି ।

# ଜାଲେଶପଙ୍ଗା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୩ ତମ ବଳିଦାନ ଦିବସ ପାଳିତ

କନ୍ଧମାଳ,୩୧/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଜଳେଶପଙ୍ଗା ଗ୍ରାମ ସ୍ଥିତ ଶଙ୍କରାଚାର୍ଯ୍ୟ ସଂକୃତ କନ୍ୟାଶ୍ରମ ପରିସରରେ ଆଜି ସୋମବାର ଦିନ ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କର ୧୩ ତମ ବଳିଦାନ ଦିବସ ପାଳନ ହୋଇଯାଇଛି । ୨୦୦୮ ମସିହା ଅଗଷ୍ଟ ମାସ ୨୩ ତାରିଖ ଜନ୍ମାଷ୍ଟମୀ ତିଥିରେ ୧୦ ରୁ ୧୫ ଜଣ ଆତତାୟୀ ହଠାତ ସନ୍ଧ୍ୟା ସମୟରେ ସ୍ୱାମୀଜୀ ଓ ତାଙ୍କ ଚାରି ଜଣ ସହକର୍ମୀ ଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା କରିଥିଲେ । ସେହିଦିନ ଠାରୁ ଏହି ଦିବସକୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରତିବର୍ଷ ବଳିଦାନ ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ କନ୍ୟାଶ୍ରମ ଅନ୍ତେବାସୀ ଛାତ୍ରୀ ମାନେ ସ୍ୱାମୀଜୀ ଙ୍କ ତ୍ୟାଗ, ପ୍ରେମ ପାଇଁ ତୁମୁଡିବନ୍ଧ ସ୍ଥିତ ଜଳେଶ୍ୱର ପିଠରୁ ଛାତ୍ରୀ ମାନେ କଳସରେ ପାଣି ଧରି କଳସଯାତ୍ରା କରିଥିଲେ । ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏକି ସଭା ରେ ଆଶ୍ରମ ର ମୁଖ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜି ପୁରୀ, ସମର୍ପଣ ଟ୍ରଷ୍ଟର ସମ୍ପାଦକ ଅଜିତ କୁମାର ବାରିକ, କୋଟଗଡ଼ ଆସରାମ ବାପୁ ଆଶ୍ରମର ସାଧୁ ଯୋଗିରାଜ ଜି, ଆଶ୍ରମ । ସମ୍ପାଦିକା ସାଧରାଣୀ ପାଣିଗ୍ରାହୀ, ଉପ ସଭାପତି ପ୍ରକାଶ ସାହୁ, କୋଷାଧ୍ୟକ୍ଷ ପୂର୍ଣଚନ୍ଦ୍ର ପଢି, ନେତ୍ର ମାନସେଠ୍, ଲୋକନାଥ ପତ୍ର, ଡ଼.ହୀରାଲାଲ ପ୍ରଧାନ ଉପସ୍ଥିତ ରହିଥିଲେ । ଶତାଧିକ ଶ୍ରଦ୍ଧାଳୁଙ୍କ ଦ୍ୱାରା ନାମ ସଂକୀର୍ତନ କରିବା ସହ ଏକ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ତେବେ ରାଜ୍ୟ ସରକାର ସ୍ୱାମୀଜୀ ଙ୍କ ହତ୍ୟା ତଦନ୍ତ ପାଇଁ ଏକ କମିଶନ ଗଠନ କରି ତଦନ୍ତ ସାରିଛି । କିନ୍ତୁ ଦୁଃଖର ବିଷୟ ନାୟୁଡୁ କମିଶନ ଓ ପାଣିଗ୍ରାହୀ କମିଶନ ଙ୍କ ତଦନ୍ତ ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ନହୋଇ ସରକାରଙ୍କ ନାଲିଫିତା ତଳେ ରହିଯାଇଛି ।

ତଦନ୍ତ ରିପୋର୍ଟ କୁ ସାର୍ବଜନୀନ କରିବା, ସ୍ୱାମୀଜୀଙ୍କ ପ୍ରକୃତ ହତ୍ୟାକାରୀ ତଥା ଷଡଯନ୍ତ୍ର କାରୀଙ୍କୁ ଧରି ଉଚିତ ଦଣ୍ଡ ଦେବା ପାଇଁ ବିଶ୍ୱହିନ୍ଦୁ ତରଫରୁ ଦାବି କରାଯାଇଛି । ତଦନ୍ତକୁ ୧୨ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାମୀଜୀ ଙ୍କୁ ନ୍ୟାୟ ମିଳିପାରିନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି କ୍ଷ ସ୍ଥାନୀୟ ପୋଲିସ ପ୍ରଶାସନ ଦ୍ୱାରା ଆଶ୍ରମ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରିବାସହ ମୁଖ୍ୟ ରାସ୍ତାରେ ଯାତାୟତ କରୁଥିବା ସମସ୍ତ ଜନବାହାକୁ ଟିକିନିକି ତନଖି କରୁଥିବା ଦେଖିବାକୁ ମିଳିଥିଲା । ଫୁଲବାଣୀ ରୁ ଡି.ଏସ. ପି କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଏକ ପ୍ଲାଟୁନ ଏ.ପି.ଆର ଫୋର୍ସ ମୁତୟନ ହୋଇଥିଲେ । ତେବେ ଆଶ୍ରମର ଚତୁର୍ଦିଗକୁ ନଜରରେ ରଖି ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ତରୁଣ ତପନ ବେହେରା ଓ ସିଆରପିଏଫ କମାଣ୍ଡାଣ୍ଟ ସନ୍ତୋଷ କୁମାର ଦଣ୍ଡସେନା ସମେତ ତୁମୁଡିବନ୍ଧ ଥାନାର ପୋଲିସ ବାହିନୀ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ପାଇଁ ତୀକ୍ଷ୍ଣ ନଜର ରଖିଥିଲେ । ସୂଚନା ଯୋଗ୍ୟ ସ୍ୱାମୀଜୀ ଙ୍କ ନିଧନ ପରେ ସମଗ୍ର ରାଜ୍ୟରେ ଏକ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା

## କାଲିମେଳା ପଂଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ବଂଟନ

ମାଲକାନଗିରି,୩୧/୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ବିଭିନ୍ନ ପଂଚାୟତ ରେ ଆଜି ବିଜୁ ସ୍ୱାସ୍ଥ୍ୟ ବିମା ସ୍ମାଟ କାର୍ଡ ବଂଟନ କରାଯାଇଛି । ପ୍ରତି କେନ୍ଦ୍ର ରେ ହିତାଧିକାରୀଙ୍କ ଭିଡ ଦେଖିବାକୁ ମିଳିଛି । ଏହି ଅବସରରେ କାଲିମେଳା ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ୪ଗୋଟି, ଏମଭି ୯୦ ବିଦ୍ୟାଳୟ ରେ ୨ ଟି ଓ ଏମପିଭି ୩ ୧ ରେ ଗୋଟିଏ ବୁଥ କରାଯାଇ ବିଭିନ୍ନ ଗ୍ରାମର ଲୋକମାନଙ୍କୁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ କରାଯାଇଛି । ଏଥିରେ କାଲିମେଳା ବିଜୁ ଜନତା ଦଳର କର୍ମ କର୍ତା ମାନେ କେନ୍ଦ୍ର ରେ ଉପସ୍ଥିତ ରହି କାର୍ଯ୍ୟ କ୍ରମକୁ ସହଯୋଗ କରିଥିଲେ । କାଲିମେଳା ପଂଚାୟତ ର୨୧୩୬ଜଣ ହିତାଧିକାରୀଙ୍କ ମଧ୍ୟ ରୁ ଆଜି୧୬୦୦ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଥିବା ବେଳେ ଆସନ୍ତା କାଲି ବଳକା କାର୍ଡ ବଂଟନ କରାଯିବ । ତେବେ କାଲିମେଳା ପଂଚାୟତ ଅନ୍ତର୍ଭୁକ୍ତ ଗ୍ରାମ ଗୁଡିକ ମଧ୍ୟରୁ ପୁଷ୍ପଗୁଡା, ଦାମାଗୁଡା,ଆଦିବାସୀ କଲୋନୀ, ଗରେଗୁଡା, ଇପିଡିପି କଲୋନୀ, ଫାର୍ମ କଲୋନୀ, ଅଳସିଗୁଡା, ତୁମ୍ବାଗୁଡା, ଆମ୍ବାଗୁଡା, ବୁଟୁଗୁଡା, ଆର ଆର କଲୋନୀ, ଏମ ପି ଭି -୩୧, ଏମପିଭି ୩୫,ଏମ ଭି-୯୦, ଓ ଏମଭି ୬୯ ଇତ୍ୟାଦି ରହିଛି ।

# ହରିଶ୍ଚନ୍ଦ୍ର ଯୋଜନାରେ ମିଳୁନି ସହାୟତା ରାଶି

ନୂଆପଡା,୩୧/୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଚନାବେଡା ପଂଚୟତ ବରପଦର ଗ୍ରମର ୩୦ରୁ ୪୦ ଜଣ ପରିବାରକୁ ମିଳିପାରିନାହିଁ ହରିଶ୍ଚନ୍ଦ୍ର ଯୋଜନା ର ରାଶି ରାଜ୍ୟ ସରକାର ଜନ୍ମ ରୁ ଆରମ୍ଭ କରି ମୃତ୍ୟୁ ଯାଏଁ ଯୋଜନା କରିଛନ୍ତି । ହେଲେ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି ଖଡ଼ିଆଳ ବ୍ଲକ୍ ଚନା ବେଡା ପଂଚାୟତ ବରପଦର ଗାଁ ରେ ।ମତ୍ୟୁର ବର୍ଷ ବର୍ଷ ପରେ ବି ମିଳିପାରିନୀ ହରିଶ୍ଚନ୍ଦ୍ର ଯୋଜନା ର ସହାୟତା ଏହି ଯୋଜନା ରେ ବ୍ୟବସ୍ଥା ଅଛି ମୃତ୍ୟୁ ବରଣ କଲେ ରାଜ୍ୟ ସରକାରଙ୍କ ତରଫରୁ ଦୁଇ ହଜାର ଟଙ୍କା ଆର୍ଥିକ ସହାୟତା ଦେବା କଥା କିନ୍ତୁ ଖଡ଼ିଆଳ ବ୍ଲକ ଚନାବେଡା ପଂଚାୟତର ବରପଦର ଗାଁରେ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି । ଏନେଇ ବରପଦର ଗାଁର ରାମ ପ୍ରସାଦ ନାଏକଙ୍କ ମାଁ ମାୟାବତୀ ନାଏକ ମୃତ୍ୟର ଦୁଇ ବର୍ଷ ପରେ ମଧ୍ୟ ସହାୟତା ରାଶି ମିଳି ପାରିନାହିଁ ଏନେଇ ତାଙ୍କର ପୁଅ ରାମ ପ୍ରସାଦ ଅନେକ ଥର ସରପଂଚଙ୍କୁ ଜଣେଇ ଥିଲା ସୁଦ୍ଧା କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି । ଠିକ୍ ସେହିପରି ଗାଁର ବଳରାମ ବେହେରା, ଅହଲ୍ୟା ବେହେରା, ବନିତା ନାୟକ, ଲକ୍ଷମାନ ନାୟକ , ବୁଡୁ ବେହେରା , ହୀରାଲଲ ବେହେରା , ନିଖେକ ବାଗ , ଦିବାକର ବେହେରା ,ବାଂଟି ବେହେରା, କୃଷ୍ଣଚନ୍ଦ୍ର ବେହେରା, ବଙ୍କ ବେହେରା, ଆଘାଧୁ ହାତୀ, ଦୁଖୁ ନାଗ, ଚନ୍ଦ୍ରକାନ୍ତି ବେହେରା, ଭୂପତି ବାଗ, ଜଳଦେଇ ବେହେରା, ମକାରୁ ହରିଜନ, ସନ୍ତୋଷି ହରିଜନ, ନୂଆଦେଇ ବେହେରା, ମଙ୍ଗଳ ସାଏ ବେହେରା, ବୁଡୁ ବେହେରା, ଚୈତନ୍ୟ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଗୁରୁବାରି ନିଆଲ ଭଳି ପ୍ରାୟ ୩୦ ରୁ ଉର୍ଦ୍ଧ ଲୋକେ ମୃତ୍ୟୁ ବରଣର ବର୍ଷ ବର୍ଷ ପରେ ମଧ୍ୟ ତାଙ୍କ ପରିବାର ଯୋଜନାରୁ ବଂଚିତ ହୋଇଛନ୍ତି । ଅନେକ ଥର ସରପଂଚଠୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ପାଖରେ ଗୁହାରି କଲେ ମଧ୍ୟ ପାଉନଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ ମାନେ । ଅନ୍ୟପଟେ ବହୁତ ଜଲଦି ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଚନାବେଡା ସରପଂଚ ତୋଷବନ୍ତ ବେହେରା ।

## କରୋନା ମହାମାରୀ ପାଇଁ ସଚେତନତା ବୃଦ୍ଧି ନିମନ୍ତେ ଚିତ୍ରକଳା ପ୍ରତିଯୋଗିତା

କନ୍ଧମାଳ,୩୧/୮ (ନି.ପ୍ର): ରିଖ ସ୍ୱାୟତ ଶାସନ ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଫୁଲବାଣୀ ପୌରାଂଚଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସ୍ୱାତୀ" ତରଫରୁ ସ୍ଥାନୀୟ ଏ.ଜେ.ଓ. ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । କରୋନା ମହାମାରୀର ତୃତୀୟ ଲହର ଆଶଙ୍କାକୁ ଏଡାଇବା ପାଇଁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ନିମନ୍ତେ କୋଭିଡ୍ ୧୯ ସଂପର୍କିତ ବିଷୟକୁ ନେଇ ବିଭିନ୍ନ ପ୍ରକାର ଆକର୍ଶଣୀୟ କଳାକୃତି ଅଙ୍କନ କରିଥିଲେ । ଏଥିରେ ସ୍ଥାନୀୟ ପୋଲିସ୍ ହାଇସ୍କୁଲ, ସରକାରୀ ବାଳିକା ବିଦ୍ୟାଳୟ, କାର୍ମେଲ ସ୍କୁଲ ଓ ଏ.ଜେ.ଓ. ହାଇସ୍କୁଲର ୩୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବିକାଶ ଦାସ, ଆଡଭୋକେଟ ବିଜୟକୃଷ୍ଣ ପଟ୍ଟନାୟକ, ସମାଜସେବୀ ଅଶୋକ କୁମାର ପରିଡା, ଶିକ୍ଷାବିତ୍ ସନ୍ତୋଷ କୁମାର ରଥ ଓ ଜିଲ୍ଲା ଲାଇବ୍ରେରିଆନ୍ ହର ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଭୂମିକା ସଂପର୍କରେ ରୂପାୟନ ଦେଇଥିଲେ ।

## ଗର୍ଭାବସ୍ଥାରେ ମଧୁମେହ



କେତେକ ମହିଳାଙ୍କ ଠାରେ ଗର୍ଭାବସ୍ଥାରେ ମଧୁମେହ ବା ଡାଇବେଟିସ ଦେଖାଯାଏ । ପୂର୍ବରୁ ଡାଇବେଟିସ ନଥିଲେ ମଧ୍ୟ ଏହି ସମୟରେ ଦେଖାଯାଏ । ଏଥିପାଇଁ ଏହାକୁ ଗର୍ଭକାଳୀନ ମଧୁମେହ ବୋଲି କୁହାଯାଏ । ଜୀବନଶୈଳୀରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହେତୁ ମହିଳାମାନେ ଗର୍ଭବତୀ ସମୟରେ ଡାଇବେଟିସର ଶିକାର ହେଉଛନ୍ତି । ଏହି ସମୟରେ ଡାଇବେଟିସ୍‌କୁ ଅବହେଳା କଲେ ଗର୍ଭାବସ୍ଥା ପରେ ମହିଳା ଜଣକ ଟାଇପ୍-୨ ଡାଇବେଟିସ୍‌ରେ ଶିକାର ହୋଇଥାଏ । ଯାହାକି ଜୀବନସାରା ଭୋଗିବାକୁ ପଡ଼ିଥାଏ । ଏମିତି ବି ହୋଇପାରେ ଗର୍ଭାବସ୍ଥାରେ ହୋଇଥିବା ଡାଇବେଟିସ ସ୍ଥାୟୀ ଭାବେ ରହେନାହିଁ । ଏହା କିନ୍ତୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ । ଏଣୁ ଗର୍ଭଧାରଣ କରିଥିବା ପ୍ରତ୍ୟେକ ମହିଳା ଶୁଗାର ସ୍ତର ପରୀକ୍ଷା କରିବା ଦରକାର । ଏହାର ଶିକାର ହେବା ଦ୍ୱାରା ଉଭୟ ମା' ଓ ପିଲା ପ୍ରଭାବିତ ହୋଇଥାନ୍ତି । ଗର୍ଭକାଳୀନ ମଧୁମେହ ଯୋଗୁଁ ମା' ଓ ପିଲା ଉଭୟଙ୍କ ପାଇଁ ଶରୀରରୁ ଆବଶ୍ୟକ ଇନସୁଲିନ ନିର୍ଗତ ହୋଇପାରେ ନାହିଁ । ଫଳରେ ମା' ଓ ପିଲା ଅସୁସ୍ଥ ହୋଇଥାନ୍ତି । ପିଲାଜନ୍ମ ହେବା ପରେ ମା' ଠାରେ ଡାଇବେଟିସ୍ ରହିନପାରେ । ହେଲେ ଏହା ଗର୍ଭାବସ୍ଥାରେ ଦେଖାଯାଏ । ତେବେ ଗର୍ଭାବସ୍ଥରେ ମଧୁମେହ ହେବାର କାଣଣ କ'ଣ ହୋଇପାରେ ।

**କାରଣ :** ଯଦିଓ ଗର୍ଭକାଳୀନ ଡାଇବେଟିସ ବଂଶଗତ ନୁହେଁ, ଏହା ଗର୍ଭବତୀ ମହିଳାଙ୍କୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥାଏ ।

♦ ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ମୁଖ୍ୟ କାରଣ ହେଉଛି ଅଧିକ ଓଜନ । ମେଦବହୁଳ ଓ ଅଧିକ ଓଜନ ହୋଇଥିବା ମହିଳାମାନେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଶିକାର ହୋଇଥାନ୍ତି । ଏଣୁ ଏପରି ମହିଳାମାନେ ଗର୍ଭବତୀ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ ।

♦ ଦ୍ୱିତୀୟତଃ ଯଦି ବଂଶରେ କାହାର ଡାଇବେଟିସ୍ ହେବାର ଆଶଙ୍କା ଥାଏ ।

♦ ତୃତୀୟରେ ଯଦି ଆପଣ ଡାଇବେଟିସ୍‌ର ଶିକାର ହୋଇନଥାନ୍ତି, କିନ୍ତ ରକ୍ତରେ ସୁଗାର ସ୍ତର ଅଧିକ ରହିଛି, ତାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହୋଇଥାଏ ।

♦ ଚତୁର୍ଥରେ ପ୍ରଥମ ସନ୍ତାନ ସମୟରେ ଯଦି ଡାଇବେଟିସ୍ ନଥାଏ, ହେଲେ ଆପଣଙ୍କର ପ୍ରସବ ପିଲାର ଓଜନ ୪ କେଜି ଉପରକୁ ଥିଲେ ଦ୍ୱିତୀୟ ଥର ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ଅଧିକ ବଢ଼ିଯାଏ ।

♦ ଶେଷରେ, ୨୫ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭବତୀ ହେଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ । ଅନ୍ୟପକ୍ଷରେ ପିସିଓଡି (ପଲିସିଷ୍ଟକ ଓଭରିଆନ ଡିଜିଜ୍), ପିସିଓଡି ଯୋଗୁଁ ରକ୍ତରେ ଉଚ୍ଚ ଶୁଗାର ସ୍ତର ଆଦି ଥିଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ ।

**ଲକ୍ଷଣ :** ଗର୍ଭାବସ୍ଥାରେ ଡାଇବେଟିସ୍ ଗର୍ଭଧାରଣର ୨୪ସପ୍ତାହ ପରେ ଶୁଗାର ପରୀକ୍ଷାରୁ ଜଣାପଡ଼େ । ଏହି ଡାଇବେଟିସ୍‌ର ଲକ୍ଷଣ ଖୁବ କମ୍ ଦେଖାଯାଏ । ଏଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇନଥାଏ ।

♦ ଗର୍ଭଧାରଣର ମାସେ ଭିତରେ ଯଦି ଦୁର୍ବଳ ଲାଗୁଥାଏ, ପାଟି ଶୁଖିଯାଉଥାଏ, ତାହେଲେ ରକ୍ତର ଶୁଗାର ସ୍ତର ପରୀକ୍ଷା କରିବା ଦରକାର । ଏହି ପରୀକ୍ଷା ବିଳମ୍ବ କରିବା ଅନୁଚିତ୍ ।

♦ ଗର୍ଭାବସ୍ଥା ସମୟରେ ବାରମ୍ବାର ପରିସ୍ରା ଲାଗୁଥିଲେ, ଏ ବିଷୟରେ ଡାକ୍ତରଙ୍କୁ ନିଶ୍ଚିତ ଜଣାନ୍ତୁ । ବାରମ୍ବାର ଶୋଷ ହେଉଥିଲେ ଅବା ତଣ୍ଟି ଶୁଖିଯାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ । କାରଣ ଏହା ମଧ୍ୟ ଗର୍ଭାବସ୍ଥଶରେ ଡାଇବେଟିସ୍‌ର ସୂକ୍ଷ୍ମ ଲକ୍ଷଣ ।

♦ ଯଦି ରକ୍ତରେ ଶୁଗାର ସ୍ତର ଅସାମାନ୍ୟ ହୋଇଥାଏ, ଡାକ୍ତରଙ୍କୁ ଜଣାନ୍ତୁ । କାରଣ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ସମୟରେ ଅଧିକ ଖାଦ୍ୟ ଗ୍ରହଣ କରୁଥିବାରୁ ଶୁଗାର ସ୍ତର ବଢ଼ିଯାଏ । ଶୁଗାର ସ୍ତର ବଢ଼ିବା ହେତୁ ଥକ୍କା ଲାଗେ, ପରିସ୍ରା ଅଧିକ ଲାଗେ ଓ ଶୋଷ ଅଧିକ ଲାଗେ ।

♦ ଗର୍ଭାବସ୍ଥାରେ ମଧୁମେହ ବିଭିନ୍ନ ପ୍ରକାର କାରଣ ହେତୁ ହୋଇଥାଏ, ସେହିପରି ଏହା ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାର ଦେଖାଯାଇଥାଏ । ଏଣୁ ଗର୍ଭାବସ୍ଥାରେ ସୁରକ୍ଷିତ ରହିବା ପାଇଁ ସମସ୍ତ ପ୍ରକାର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ ।



**ପ୍ରତିକାର :**

♦ ଗର୍ଭାବସ୍ଥାରେ ମଧୁମେହଠୁ ଦୂରେଇ ରହିବା ପାଇଁ ପ୍ରଥମତଃ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଡାଏଟ୍ ଚାର୍ଟ କରନ୍ତୁ । ସୁସ୍ଥ ଖାଦ୍ୟ ଖାଆନ୍ତୁ । ପ୍ରତିଦିନ ୩ଥର ମଧ୍ୟମ ଧରଣର ଭୋଜନ କରନ୍ତୁ । ଦୁଇଥରରୁ ଅଧିକ ଜଳଖିଆ କରନ୍ତୁ ନାହିଁ । ମିଠା ପାନୀୟ, ମିଠାଫଳ ଜୁସ ଆଦି ଠାରୁ ଦୂରେଇ ରହନ୍ତୁ । ପ୍ରୋଟିନ ଜାତୀୟ ଖାଦ୍ୟ ଖାଆନ୍ତୁ । ଦୁଗ୍ଧ ଜାତୀୟ ଖାଦ୍ୟ ଖାଆନ୍ତୁ । ତନ୍ତୁ ଜାତୀୟ ଖାଦ୍ୟ ମଧ୍ୟ ସାମିଲ କରନ୍ତୁ ।

♦ ଆଜିକାଲି ଏପରି ହେଲାଣି ଗର୍ଭାବସ୍ଥାରେ ଡାଇବେଟିସ ରୋକିବାକୁ ବହୁ କଷ୍ଟସାଧ୍ୟ । କାରଣ ଯାହା ବି ପନିପରିବା। ଖାଉଛେ, ସେଥିରେ କୀଟନାଶକ ଔଷଧ ଓ ରଙ୍ଗମିଶା ଯାଉଛି, ଯାହା ରକ୍ତରେ ଶୁଗାର ସ୍ତର ବଢ଼ାଇବାରେ ସହାୟକ ହୋଇଥାଏ । ଏଣୁ ଆମକୁ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଳନ କରିବା ଦରକାର । ଏଣୁ ଖାଦ୍ୟପେୟ ପ୍ରତି ଟିକେ ସଚେତନ ହେବା ସହ ଡାକ୍ତରଙ୍କ ପରାମର୍ଶ ରହିବା ଦରକାର ।

♦ ଗର୍ଭାବସ୍ଥା ସମୟରେ ସକାରାତ୍ମକ ପରୀକ୍ଷଣ ପରେ ଉଚିତ ଆହାର ଓ ବ୍ୟାୟାମ କରିବା ଦରକାର । କେତେକ ମହିଳା ବ୍ୟାୟାମ କରିବା ବନ୍ଦ କରିଦିଅନ୍ତି । ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଫଳରେ ୨୪ ସପ୍ତାହ ବେଳକୁ ଗର୍ଭବତୀ ମଧୁମେହର ଶିକାର ହୋଇଥାଏ । ଏଣୁ ଖାଦ୍ୟପେୟ ଓ ବ୍ୟାୟାମ ଦିଗ ପ୍ରତି ସର୍ବଦା ସତର୍କ ରହିବା ଦରକାର । କାରଣ ମା' ସୁସ୍ଥ ରହିଲେ ହିଁ ଶିଶୁ ସୁସ୍ଥ ରହିପାରିବ ।

♦ ଯଦି ପୂର୍ବରୁ କେବେ ବ୍ୟାୟାମ କରିନାହାଁନ୍ତି, ତେବେ ଏହି ସମୟରେ ସକାଳୁ ଉଠି ୩୦/୪୫ମିନିଟ୍ ବ୍ୟାୟାମ କରନ୍ତୁ । ଅତିକମରେ ସପ୍ତାହରେ ୩ଦିନ କରନ୍ତୁ ।

♦ ଗହମରୁ ପ୍ରସ୍ତୁତ ରୋଟି, ତନ୍ତୁଜାତୀୟ ଖାଦ୍ୟ, ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ । ଯାହା ରକ୍ତରେ ଶୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ । ବ୍ୟାୟାମ ସହିତ ଶରୀରକୁ ଆବଶ୍ୟକୀୟ ଖାଦ୍ୟ ଖାଆନ୍ତୁ ।

## ଚାପ କମ୍ କରେ ଫୁଲ



ମାନସିକ ଚାପକୁ କମ୍ କରିବାକୁ ଚାହୁଁଥିଲେ ରଙ୍ଗବେରଙ୍ଗର ଫୁଲ ଦେଖିଲେ ଯେତିକି ଆତ୍ମସନ୍ତୋଷ ମିଳେ, ତାହାର ମଧୁର ବାସ୍ନା ପ୍ରଭାବ ମଧ କିଛି କମ୍ ନୁହେଁ ବୋଲି ଅନୁସନ୍ଧାନରୁ ଜଣାପଡିଛି । ଜାପାନର ଶିତୋମୀ ସହର ନିବାସୀ ହୁଙ୍ଗ୍ ଜିଓନ୍ ଓ ତାଙ୍କ ପତ୍ନୀ ଶିନ୍ତାଓ ଏହାର ସୁନ୍ଦର ଉହଦାରଣଟିଏ । ସାଧାରଣ ଜୀବନଯାପନ କରୁଥିବା ଏଇ ଦମ୍ପତି କିଛି ବର୍ଷ ତଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏଥିରେ ଶିନ୍ତାଓ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇଥିଲେ । ଦେଖିନପାରିବା କାରଣରୁ ଶିନ୍ତାଓ ଖୁବ୍ ଚିଡଚିଡା ସ୍ୱାଭାବର ହୋଇଗଲେ । ସାମାନ୍ୟ କଥାରେ ବିରକ୍ତ ପ୍ରକାଶ କରିବା ସହି ତାଙ୍କ ମାନସିକ ସ୍ଥିତି ମଧ ଠିକ୍ ରହିଲାନାହିଁ । ସ୍ୱାମୀ ହୁଙ୍ଗ୍ ଏସବୁ ଦେଖି ବ୍ୟତିବ୍ୟସ୍ତ ହେଲେ, କିନ୍ତୁ ସେ ମଧ ନିରୁପାୟ ଥିଲେ । କ'ଣ ବା କରିପାରିବେ ? ନିୟମିତ ଭାବେ ପତ୍ନୀଙ୍କୁ ପାର୍କ ନେଇଗଲେ । ହୁଙ୍ଗ୍ ଲକ୍ଷ୍ୟ କଲେ ପାର୍କରେ ଯେଉଁ ସବୁ ସ୍ଥାନରେ ସୁଗନ୍ଧିତ ଗଛ ଥିଲା, ସେ ସ୍ଥାନରେ ଶିନ୍ତାଓ ଅଧିକ ସମୟ ଅତିବାହିତ କରିବାକୁ ଚାହୁଁଥିଲେ । ପତ୍ନୀଙ୍କୁ ହାବଭାବ ଦେଖି ସେ ନିଜ ଘର ପାଖ ଜମିରେ ଫୁଲଚାଷ ଆରମ୍ଭ କରିଦେଲେ । ଦିନକେଇଟାରେ ରଙ୍ଗବେରଙ୍ଗ ତଥା ସୁଗନ୍ଧିତ ଫୁଲରେ ଚତୁର୍ଦ୍ଦିଗ ମହକି ଉଠିଲା । ସ୍ୱାମୀ-ସ୍ତ୍ରୀ ଦୁହେଁ ଦିନର ଅଧିକାଂଶ ସମୟ ଏଠି ଅତିବାହିତ କରିଥାନ୍ତି । ହୁଙ୍ଗ୍‌ଙ୍କର ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରଶଂସା କରିବା ସହ ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ ମଧ ହୋଇଛି । ଗବେଷକଦଳ ସ୍ୱଷ୍ଟ କରିଛନ୍ତି, ଫୁଲର ବାସ୍ନା ମାନସିକ ଚାପକୁ ଅନେକାଂଶରେ ନିୟନ୍ତ୍ରିତ କରିଥାଏ ।

## ମେରୁଦଣ୍ଡ ଯକ୍ଷ୍ମା

ମେରୁଦଣ୍ଡ ଯକ୍ଷ୍ମା ଏକ ମାରାତ୍ମକ ରୋଗ । ସିଟି ସ୍କାନ୍, ଏମବଆରଆଇ ଆଦି ପରୀକ୍ଷା ଦ୍ୱାରା ଏହି ରୋଗ ଚିହ୍ନଟ ହୁଏ । ମେରୁଦଣ୍ଡରେ କଷ୍ଟ ହେବା ସାଧାରଣ ଲକ୍ଷଣ । ଯକ୍ଷ୍ମା ଜୀବାଣୁ ମେରୁଦଣ୍ଡର ଅସ୍ଥି ସଙ୍କୁଚିତ କରାଏ । ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାବେଳେ ମଣିଷକୁ ଆକ୍ରାନ୍ତ କରିଥାଏ । ଏହି ଜୀବାଣୁ ରକ୍ତରେ ରହି ନାନା ସମସ୍ୟା ସୃଷ୍ଟି କରାଏ । ମେରୁଦଣ୍ଡ ଅସ୍ଥି ସଂକୁଚିତ ହେଲେ ସ୍ନାୟବିକ ସମସ୍ୟା ହୁଏ । ଚିକିତ୍ସା କରାନଗଲେ ମେରୁଦଣ୍ଡ ସବୁ ଦିନପାଇଁ ବିକୃତ ହୋଇଯାଇପାରେ ।
ବାରକ୍ୟୁଲାର କେମୋଥେରାପି ଦ୍ୱାରା ଏହା ଚିକିତ୍ସା କରାଯାଉଛି । ଏହି ଚିକିତ୍ସା ସୁବିଧା ଅଧିକାଂଶ ସରକାରୀ ଚିକିତ୍ସାଳୟରେ ମାଗଣାରେ ମିଳୁଛି । ଠିକ୍ ସମୟରେ ଚିକିତ୍ସା କଲେ, ରୋଗରୁ ସଂପୂର୍ଣ୍ଣ ମୁକ୍ତି ପାଇବା ସଂଭବ ।

## ଚିନାବାଦାମ



ଚିନାବାଦାମ ମଣିଷ ପାଇଁ ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏଥିରେ ପ୍ରୋଟିନ ସହିତ ବିଭିନ୍ନ ପ୍ରକାର ଭିଟାମିନ ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ବିଷାକ୍ତ ପ୍ରତିକ୍ରିୟାରୁ ଦେହକୁ ରକ୍ଷା କରିଥାଏ । ଏଥିରେ ଲୌହ , କ୍ୟାଲିସିୟମ, ଜିଙ୍କ, ମ୍ୟାଗ୍ନେସିୟମ, ପୋଟାସିୟମ , ସେଲେନିୟମ, ମାଙ୍ଗାନିଜ ଓ କପର ପ୍ରଭୃତି ଭରପୂର ପରିମାଣରେ ରହିଥାଏ । ଚିନାବାଦାମରେ ଥିବା 'ନିଆସିନ' ଆଲାଜାଇମର ପରି ରୋଗର ଏକ ଉତ୍ତମ ପ୍ରତିରୋଧକ । ଏହା ମସ୍ତଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରି ଆଲାଜାଇମର ଆଶଙ୍କାକୁ ଦୂରକରେ । ଏଥିରେ ଥିବା ଭିଟାମିନ ଇ ତ୍ୱଚାକୁ ସ୍ନିଗ୍ଧ ଓ କୋମଳ କରିବା ସହ ଚମକ ବୃଦ୍ଧି କରେ । ତା ସହିତ ବୟସର ପ୍ରଭାବକୁ ମଧ ହ୍ରାସ କରେ ।

♦ ଚିନାବାଦାମରେ ଭିଟାମିନ ଏତ ମଧ ରହିଛି । ଏଥିରେ ଥିବା 'ବାୟୋଟିନ' ବଳ ଓ ନଖ ପାଇଁ ଅତ୍ୟନ୍ତ ଉପଯୋଗୀ ।

♦ ଶିଶୁ ଓ କିଶୋର/ କିଶୋରୀଙ୍କ ପାଇଁ ଚିନାବାଦାମ ଏକ ଉତ୍ତମ ଖାଦ୍ୟ । ଏହା ସେମାନଙ୍କ ଶରୀରିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରେ ।

♦ ଚିନାବାଦାମ ନିୟମିତ ଶଖଇଲେ ମଧୁମେହ ଆଶଙ୍କା ପ୍ରତିତ ଦୂର ହୁଏ ।

♦ ରକ୍ତରେ ଶର୍କରା ସ୍ତରକୁ ନିୟମନ୍ତ୍ରଣ କରେ । ଶରୀରରେ ଥିବା କ୍ୟାଲସିୟମର ଅବଶୋଷଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ପାକଶକ୍ତିକୁ ଦୃଢ଼ କରେ ।

♦ ଏଥିରେ ଥିବା 'ଟ୍ରିପଟୋଫୋନ' ନାମକ ଆମିନୋଏସିଡ ମାନସିକ ସ୍ଥିରତା ପ୍ରଦାନ କରିବା ସହ ଚାପ ଦୂର କରେ ।

♦ ଖରାପ କୋଲେଷ୍ଟାରଲ ନାଶ କରିବା ସହ ଭଲ କୋଲେଷ୍ଟରଲ ବୃଦ୍ଧି କରି ହୃଦରୋଗ ଆଶଙ୍କା ଦୂର କରେ ।

♦ ପେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଓ ଫଙ୍ଗାଲ ଇନଫେକ୍ସନର ଉତ୍ତମ ପ୍ରତିରୋଧକ ।



## ଅମୃତଭଣ୍ଡାର ଉପକାରିତା



ଅମୃତ ଭଣ୍ଡାରେ ଅନେକ ପ୍ରକାରର ଭିଟାମିନ ସହିତ ରୋଗପ୍ରତିରୋଧକ ଶକ୍ତି ମଧ ରହିଛି । ପାଚିଲା ଅମୃତଭଣ୍ଡା ସାଙ୍ଗରେ ବତୁରା ହୋଇଥିବା କିସମିସ ଏବଂ ମହୁ ମିଶାଇ ପ୍ରତିଦିନ ସକାଳୁ ଖାଇଲେ ଯକୃତ କ୍ରିୟା ଠିକ୍ ହୋଇଥାଏ । ମୁହଁରେ କଳାଦାଗ ହେଲେ କିଛି ଦିନ ନିୟମିତ, ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇଲେ କଳାଦାଗ ନିର୍ଶ୍ଚିହ୍ନ ହୋଇଯାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିପାଏ ।
ପାଚିଲା ଅମୃତଭଣ୍ଡାରେ କିସମିସ୍, କ୍ଷୀର ଏବଂ ଚିନି ମିଶାଇ ଖାଇଲେ ମଳ ପରିଷ୍କାର ହୁଏ । କେବଳ ପାଚିଲା ଅମୃତଭର୍ଣ୍ଡା ନିୟମିତ ଖାଇଲେ କୋଷ୍ଠବଦ୍ଧତା ରୋଗରଉପକାର ମିଳେ ।
ପ୍ରତିଦିନ କଞ୍ଚା ଅମୃତଭଣ୍ଡା ଚୋବାଇ ଖାଇଲେ ଅର୍ଶ ରୋଘୀ ଖୁବ୍ ବେଶୀ ଉପକାର ପାଇପାରିବେ । ସ୍ତ୍ରୀମାନଙ୍କର କ୍ଷୀର ନ ହେଉଥିଲେ ଅମୃତଭଣ୍ଡା ତରକାରୀ ବିଶେଷ ଉପକାରୀ ହୋଇଥାଏ ।

## ଅଫିସିଆଲ୍ ୱାର୍କ ପାଇଁ ପ୍ୟାଣ୍ଟସୁଟ୍

ଅଫିସିଆଲ ୱାର୍କ ପାଇଁ ହୋଇଥିବା ପ୍ୟାଣ୍ଟସୁଟ୍ କେବଳ ବୋର୍ଡରୁମ୍ ମଧରେ ସୀମିତ ହୋଇ ରହିନାହିଁ । ଏବେ ଏହାକୁ ଅପ୍‌ଗ୍ରେଡ କରି ଫ୍ୟାସନେବଲ କରିଦିଆଯାଇଛି । ଏହାକୁ ରନ୍‌ୱେ ଠାରୁ ଆରମ୍ଭ କରି ରେଡ କାର୍ପେଟ ପର୍ଯ୍ୟନ୍ତ ପିନ୍ଧାଯାଇ ପାରିବ । ପ୍ୟାଣ୍ଟସୁଟ୍ ଲଗାତାର ବାକ୍ସି ଡିଜାଇନ ଓ ଓଭର ସାଇଜରୁ ଆରମ୍ଭ କରି ବ୍ରାଇଟ୍ କଲର୍ ଓ ଏମ୍ବେଲିଶ୍‌ଡ ପାୱାରସୁଟ୍ ପର୍ଯ୍ୟନ୍ତ ଅପଗ୍ରେଡ୍ ହୋଇଛି । ନିକଟ ଅତୀତରେ ଏହାର ନୂଆ ଡିକନ୍‌ଷ୍ଟ୍ରଡ୍ ଷ୍ଟାଇଲ୍ ମଧ ଦେଖିବାକୁ ମିଳିଲା । ଯାହାକୁ ବଲିଉଡ ଅଭିନେତ୍ରୀମାନେ ମଧ ବହୁତ ପସନ୍ଦ କରୁଛନ୍ତି । ଡିକନଷ୍ଟ୍ରେକ୍ଟେଡ ପ୍ୟାଣ୍ଟସୁଟ୍‌ରେ ଏସେମେଟ୍ରିକଲ ଫ୍ରମ ବ୍ୟାକସାଇଡ, କ୍ରାପ୍‌ଡ ଫ୍ରାମ୍ ଫ୍ରଣ୍ଟ, ୱାନ ଅଫ୍ ସୋଲଡର ଓ ମିଡିରିକ କଟଆଉଟ ଭର୍ଜନ ଏବେ ଟ୍ରେଣ୍ଡରେ ଅଛି । ଏହାକୁ ଅଲଗା ଅଲଗା ଡିଜାଇନରମାନେ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ଡିକନ୍‌ଷ୍ଟ୍ରକ୍ଟେଡ ପ୍ୟାଣ୍ଟ ସୁଟ୍ ରହିଛି ଯାହାକୁ ଆପଣ ନିଜ ଷ୍ଟାଇଲ୍‌ରେ ସାମିଲ କରି ପାରିବେ ।





♦ ପାଉଡର ବ୍ଲୁ ପ୍ୟାଣ୍ଟ ସୁଟ୍‌କୁ ଆପଣ ବହୁତ ଅବାକାରୀ ସହିତ କ୍ୟାରୀ କରିପାରିବେ । ଏପରି ପ୍ୟାଣ୍ଟସୁଟ୍, ପାର୍ଟି ଓ ଆଉଟିଙ୍ଗ ପାଇଁ ଟ୍ରାଏ କରି ପାରିବେ ।

♦ ପ୍ୟାଣ୍ଟସୁଟ୍‌କୁ କ୍ୟାରୀ କରି ପାରିବେ । ଏହା ଆପଣଙ୍କୁ ଆକର୍ଷଣୀୟ ଲୁକ୍ ଦେବ ।

♦ ନିଜର ଲୁକ୍‌କୁ ଅଧିକ ଫ୍ରେସ୍ ଓ ଆକର୍ଷଣୀୟ କରିବା ପିଇଁ ଆପଣ ନିୟନ କ୍ରାଫ୍‌ଡ ପ୍ୟାଣ୍ଟସୁଟ୍ ସହିତ ଟାଇଅପ୍ କରି ପିଙ୍କ୍ ହିଲ୍‌ସ ପିନ୍ଧିପାରିବେ ।

♦ ଅନ୍‌କଣ୍ଡିସନାଲ ଜମ୍ପସୁଟ୍ ବା ପ୍ୟାଣ୍ଟସୁଟ୍ ହାଇବ୍ରିଡ ଆଉଟ୍‌ଫିଟ୍‌ରେ ଆପଣ ଭିଡ ଭିତରେ ଅଲଗା ଦେଖାଯିବେ ।

♦ କ୍ରାଫ୍‌ଡ ପ୍ୟାଣ୍ଟ ଓ ପବନରେ ଉଡୁଥିବା କେପକୁ ଦେଖି ଏହାକୁ କେହି ବି ପ୍ୟାଣ୍ଟସୁଟ୍ କହିବେ । କିନ୍ତୁ ଏହି ପ୍ୟାଣ୍ଟସୁଟ୍‌କୁ ନିକଟରେ ଷ୍ଟାଇଲ୍ କରାଯାଇଛି ।

♦ ପ୍ରିଣ୍ଟେଡ ଏସେମେଟ୍ରିକଲ ପ୍ୟାଣ୍ଟ ସୁଟ୍ ଓ ପଫ୍ ସ୍ଲିଭ୍‌ସ ବାଲା ମୋନୋଟୋନ ପ୍ୟାଣ୍ଟସୁଟ୍ ଆପଣଙ୍କୁ ସକରାତ୍ମକ ଅନୁଭବ କରାଇବ । ଏହି ଲୁକ୍ ଅଫିସ୍ ଲୁକ୍ ସହିତ ସାଙ୍ଗାମାନଙ୍କ ସହିତ ପାର୍ଟିରେ ମଧ ଫରଫେକ୍ଟ ରହିବ ।

## ପିଲାଙ୍କ ଖାଦ୍ୟପେୟ ସମ୍ପର୍କିତ ନୂତନ ତଥ୍ୟ



ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ଖାଦ୍ୟପେୟ ନେଇ ଖୁବ୍ ଯତ୍ନଶୀଳ । ପିଲାମାନେ ଖାଦ୍ୟପେୟରେ ହେଳା କରିବା ମାତ୍ରେ ପିତାମାତାଙ୍କ ଚିନ୍ତାନ୍ତ ବଢ଼ିଯାଏ । ଗବେଷକଦଳ ପିଲାଙ୍କ ଉପରେ ଗବେଷଣା କରିବା ସମୟରେ ଏକ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ପ୍ରାୟ ୪୫%ରୁ ଅଧିକ ପିଲା ଖାଇବା ପିଇବାରେ ଖୁବ୍ ହଇରାଣ କରନ୍ତି । ଏହି ପ୍ରବୃତ୍ତି ସେମାନେ ନିଜ ପିତାମାତା, ଜେଜେବାପା, ଜେଜେ ମାଙ୍କ ଠାରୁ ଗ୍ରହଣ କରିଥାନ୍ତି । ଦେଢ଼ ବର୍ଷରୁ ୧୦ବର୍ଷ ବୟସର ପିଲାମାନେ ନିୟମିତ ଭାବରେ ଅନ୍ୟମାନଙ୍କ ଖାଦ୍ୟପେୟକୁ ନିରୀକ୍ଷଣ କରନ୍ତି । ବଡ଼ମାନେ ଯେଉଁଖାଦ୍ୟକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି, ପରବର୍ତ୍ତୀ ସମୟରେ ପିଲାମାନେ ମଧ ସେହି ପଥରେ ପରିଚାଳିତ ହୋଇଥାନ୍ତି । ଗବେଷକଙ୍କ ମତରେ ନିଜ ପିଲାଙ୍କ ସୁସ୍ଥତା ପାଇଁ ପ୍ରଥମେ ଅଭିଭାବକଙ୍କୁ ସଚେତନ ହେବାକୁ ପଡ଼ିବ ।

## ମିଠା ବିସ୍କୁଟଠାରୁ ଦୂରେଇ ରୁହନ୍ତୁ

ଆଜିକାଲି ବଜାରରେ ବିଭିନ୍ନ ନାମୀ କମ୍ପାନୀର ଭିନ୍ନଭିନ୍ନ ସ୍ୱାଦର ବିସ୍କୁଟମାନ ଉପଲବ୍ଧ ହେଉଛି । ଲୁଣି, ମିଠା, ଖଟା-ମିଠା, ସାମାନ୍ୟ ଭାଗ ସ୍ୱାଦର ବିସ୍କୁଟ ବଜାରରେ ମିଳୁଛି । ଏ ଦିଗରେ ଖାଦ୍ୟ ବିଶେଷଜ୍ଞଙ୍କ ମତ ହେଉଛି ମିଠା ସୁଆଦର ବିସ୍କୁଟ ସ୍ୱାସ୍ଥ୍ୟ ଖୁବ୍ କ୍ଷତିକାରକ । ଦିନକୁ ୫-୬ ଟିରୁ ଅଧିକ ମିଠା ବିସ୍କୁଟ ଖାଇବା ହାନିକାରକ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ମିଠା ବିସ୍କୁଟରେ ଥିବା ଟ୍ରାନ୍ସଫ୍ୟାଟ୍ ଆମ ସ୍ମୃତିଶକ୍ତି ପ୍ରଭାବିତ ହୋଇଥାଏ ନିୟମିତ ଭାବେ ଏଇ ବିସ୍କୁଟ୍ ଖାଉଥିଲେ ଏ ଅଭ୍ୟାସକୁ ବନ୍ଦ କରନ୍ତୁ । ଅଧିକ ମିଠା ବିସ୍କୁଟ ଏହା ଖାଇଲେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଥାଏ । ବୋଲି ବିଶେଷଜ୍ଞଙ୍କ ମତ । ଶରୀରର ପୋଷକତ୍ତ୍ୱ ମଧ ଏହା କାରଣରୁ ପ୍ରଭାବିତ ହୋଇଥାଏ । ଏଇ ବିସ୍କୁଟରେ ଥିବା ଫ୍ୟାଟ୍ସ କାରଣରୁ ଶରୀରର ମେଦ ମଧ ବଢ଼େ । ହୃଦରୋଗୀମାନେ ମିଠା ବିସ୍କୁଟ୍ ନଖାଇବା ଭଲ ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୧ ସେପ୍ଟେମ୍ବର ୨୦୨୧, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରାଥମିକତା ପ୍ରଦାନ...

ଗତ କିଛି ବର୍ଷ ହେଲା ସାରା ବିଶ୍ୱରେ ଚାଲିଛି ପ୍ରକୃତିର ଛାଇ-ଆଲୁଅ ଖେଳ । କେଉଁଠି ମାସ ମାସ ଧରି ଜଙ୍ଗଲରେ ନିଆଁ ଜଳୁଛି ତ' ଆଉ କେଉଁଠି ପାହାଡ଼ ଧସି କୋଡ଼ି କୋଡ଼ି ଜନବସତି ନିଶ୍ଚିହ୍ନ ହୋଇଯାଉଛି । ବର୍ଷା-ବନ୍ୟାଜନିତ କ୍ଷୟକ୍ଷତିର ସୁମାରି ନାହିଁ । ଚୀନ, ଆମେରିକା, ପେରୁ ଓ ହାଇତି ଭଳି ବହୁ ଦେଶରେ ପ୍ରକୃତିର ତାଣ୍ଡବ ଲୀଳା ସମସ୍ତଙ୍କୁ ଥରହର କରିପକାଇଥିବା ବେଳେ ଅନ୍ୟ କେଉଁଠି ପ୍ରବଳ ଭୂକମ୍ପଜନିତ ଧନ-ଜୀବନ ହାନିର କରାଳ ଚିତ୍ର ମିଳୁଛି । ବୃଷ୍ଟିହୀନତା ଯେମିତି ମରୁଡ଼ିକୁ ଡାକି ଆଣୁଛି, ସେମିତି ବର୍ଷାବିପ୍ଳାତ ପାଇଁ ଜନଜୀବନ ହୋଇପଡୁଛି ଅସ୍ତବ୍ୟସ୍ତ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯେମିତି ବିକଳ ଚିତ୍ର ଦେଖାଯାଉଛି, ଆମ ଦେଶର ଚିତ୍ର କିଛି ବ୍ୟତିକ୍ରମ ନୁହେଁ । ବିହାର, ଆସାମ, ୟୁପି ଭଳି ରାଜ୍ୟରେ ଅଚାନକ ବନ୍ୟା ଆସିବା ପରେ ହଜାର ହଜାର ଲୋକ ବାସଚ୍ୟୁତ ହୋଇପଡିଥିବା ଏବଂ ସାଧାରଣ ଜୀବନଯାତ୍ରା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥିବା ଦେଖାଦେଇଛି । ଏବେ କରୋନାର ଦ୍ୱିତୀୟ ଲହର ଅପସାରିତ ହେବା ବେଳକୁ ତୃତୀୟ ଲହର ଉଙ୍କି ମାରିବା ସମସ୍ତଙ୍କୁ ଯେମିତି ଆତଙ୍କିତ କରି ରଖିଛି । ପ୍ରକୃତିର ବିଚିତ୍ର ଆଚରଣ ଦେଶ ବିଦେଶରେ ଆଣିଦେଇଥିବା ବିକୃତି ସୂଚାଇ ଦେଉଛି କି, ସବୁ କିଛି ଠିକ୍‌ଠାକ୍ ନାହିଁ । ପୂର୍ବବର୍ଷଗୁଡ଼ିକ ଭଳି ଏଥର ଅନାବୃଷ୍ଟିଜନିତ ଅସ୍ୱାଭାବିକ ଅବସ୍ଥା ସମସ୍ତଙ୍କୁ ହନ୍ତସନ୍ତ କରି ରଖିଛି । ମୌସୁମୀର ଅନିୟମିତ ଆଚରଣ ହେତୁ ଚାଷୀକୂଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅନ୍ୟ ରାଜ୍ୟଗୁଡ଼ିକ ଭଳି ଆମ ରାଜ୍ୟରେ ସ୍ୱଳ୍ପ ବୃଷ୍ଟିଜନିତ ସଙ୍କଟ ଚାଷବାସରେ ବଡ଼ ବାଧକ ହୋଇ ଛିଡ଼ା ହୋଇଛି । ଆମ ରାଜ୍ୟର ୩୦ଟିରୁ ୨୭ ଜିଲ୍ଲାରେ ଅଭାବୀ ବର୍ଷା ପାଇଁ ଧାନରୁଆ ହୋଇପାରିନାହିଁ । ସେଥିପାଇଁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଯେଉଁ କେତେକ ଅଞ୍ଚଳରେ ଜଳସେଚନର ସୁବିଧା ଥିବାର କୁହାଯାଉଛି, ସେଠାରେ କେନାଲରୁ ପାଣି ଛଡ଼ା ନଯିବାରୁ ତଳି ପୋଡ଼ି ଚାଷୀର ଚିନ୍ତା ବଢ଼ାଇ ଦେଇଛି । ଜୁନ୍ ପହିଲାରୁ ଅଗଷ୍ଟ ୨୨ ସୁଦ୍ଧା ମାତ୍ର ୫୩୮୭ ମିଲିମିଟର ବୃଷ୍ଟିପାତ ହୋଇଛି । ଏହା ସ୍ୱାଭାବିକ ବର୍ଷାଠାରୁ ୩୦% କମ୍ । ବିଭିନ୍ନ ଜିଲ୍ଲାରେ ଅଭାବୀ ବା ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ମାଲକାନଗିରିରେ ୭୩ମିମି ବର୍ଷା ରେକର୍ଡ ହୋଇଛି ଚଳିତ ମାସ ୧୨ରୁ ୧୮ ଭିତରେ । କୋରାପୁଟ, ନବରଙ୍ଗପୁର ଓ ଗଜପତିରେ ଅଧିକ ବୃଷ୍ଟିପାତ ରେକର୍ଡ କରାଯାଇଛି । ନୂଆପଡ଼ା, କଳାହାଣ୍ଡି ଭଳି ଜିଲ୍ଲାରେ ବର୍ଷାରେ କିଛି ସ୍ଥିରତା ପରିଲକ୍ଷିତ ହୋଇନାହିଁ । ପୁରୀ, କେନ୍ଦ୍ରପଡ଼ା, ଭଦ୍ରକ, ଢେଙ୍କାନାଳ ଓ ବୌଦ୍ଧ ଭଳି ଜିଲ୍ଲାରେ ଅଭାବୀ ବର୍ଷା ହେତୁ ବିଷମ ଅବସ୍ଥା ସୃଷ୍ଟି ହୋଇଛି । ଚଳିତ ମୌସୁମୀ ବର୍ଷା କେଉଁ ରାଜ୍ୟରେ କିଭଳି ହୋଇଛି, ତାହାର ଠିକ୍ ଠିକଣା ନାହିଁ । ଆମ ରାଜ୍ୟ ଭଳି ଅନ୍ୟ ପ୍ରାନ୍ତରେ ଦେଖାଦେଇଛି ଅସ୍ୱାଭାବିକ ଅବସ୍ଥା । ସରକାରମାନେ ସ୍ଥିତିର ମୁକାବିଲା ସକାଶେ ବିଭିନ୍ନ ରାସ୍ତା ବାହାର କରୁଥିବା ସମୟରେ ଅନ୍ନଦାତା, ବସ୍ତୁତଃ ଇନ୍ଦ୍ର ଦେବତାଙ୍କର ଶରଣ ଯାଇଛନ୍ତି । ଯଦି ଠିକ୍ ସମୟରେ ଆଶାଜନକ ବର୍ଷା ହେଉନାହିଁ, ଖାଦ୍ୟସଂକଟ ଦେଖାଦେବା ଥୟ । ଯେତେ ପ୍ରକାର ଉଦ୍ୟମ ହେଲେ ସୁଦ୍ଧା ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ଠିକ୍ ଉପଚାର ହେଉନଥିବାର ଅଭିଯୋଗ ରହିଛି । ପଞ୍ଜାବ ସମେତ ବିଭିନ୍ନ ରାଜ୍ୟରେ ଚାଷୀ ତାହାର ଉତ୍ପାଦିତ ଶସ୍ୟ ପାଇଁ ଉପଯୁକ୍ତ ସହାୟକ ମୂଲ୍ୟ ପାଉନଥିବାର ଦର୍ଶାଇ ହଜାର ହଜାର ଚାଷୀ ବସି ରହିଛନ୍ତି । ସରକାର ନିଜ ପକ୍ଷରୁ ସମସ୍ୟାର ସମାଧାନ ପାଇଁ କଥାବାର୍ତ୍ତା କଥାବର୍ତ୍ତା ପାଇଁ ପ୍ରସ୍ତୁତ ରହିଥିବାର କହୁଛନ୍ତି । ତାହାର ପରିପ୍ରେକ୍ଷୀ ଭିନ୍ନ ହୋଇଥିଲେ ସୁଦ୍ଧା ପ୍ରକୃତିର ବିକୃତ ଆଚରଣ ସମସ୍ତଙ୍କୁ ଦୁରବସ୍ଥା ଭିତରକୁ ଠେଲି ଦେଲା ଭଳି ଲାଗୁଛି । ଯଦି ଅଳ୍ପ କିଛି ଦିନ ଭିତରେ ଭଲ ବର୍ଷା ନହୁଏ, ଚାଷବାସ ଘୋର ଦୁର୍ଦ୍ଦଶାଗ୍ରସ୍ତ ହେବ । ସୁତରାଂ, କିଭଳି ସ୍ଥିତିର ସମ୍ମୁଖୀନ ହେବାକୁ ଅନ୍ନଦାତାମାନଙ୍କୁ ବାଟ ଦେଖାଯିବ, ତାହା ନେଇ ପ୍ରାଥମିକତା ପ୍ରଦାନ ମୁଖ୍ୟ କାର୍ଯ୍ୟ ହେବା ଉଚିତ୍ ।

## ମୁକ୍ତି ସଂଗ୍ରାମର ପର୍ଦ୍ଦା ଅନ୍ତରାଳେ....



ଭାଗୀରଥି ସାଗର
ଡାଲଗୁମା, କୋକସରା, କଳାହାଣ୍ଡି
(ମୋ) ୯୩୩୭୬୨୪୮୯୯

ସୁଜଳ ସୁଫଳା ଭାରତ ଭୂମି, ଏହାର କଳା, ଭାସ୍କର୍ଯ୍ୟରେ ଭରି ରହିଥିଲା ହୀରା, ନୀଳା, ମୋତି, ମାଣୀକ୍ୟର ପସରା।ମନ୍ଦିର ମାଳିନୀ ଏ ଦେଶର ଦେବାଦେବୀ ସ୍ୱର୍ଣ୍ଣ ନିର୍ମିତ ଥିଲେ। ଏଣୁ ଯୁଗେ ଯୁଗେ ମୋଗଲ ମରହଟ୍ଟା ଶାସକ ଗଣ ଭାରତ ପ୍ରତି ପ୍ରଲୁବ୍ଧ ହୋଇ ବାରମ୍ବାର ଆକ୍ରମଣ କରିଛନ୍ତି। ଭାରତର ଦୌଲତ ଏମାନଙ୍କୁ ଅନ୍ଧ କରିଛି।ଲୁଣ୍ଠନ କରି ସୁନା ମୂର୍ତ୍ତି ମୂଲ୍ୟ ଦ୍ରବ୍ୟ ବୋହି ନେଇଛନ୍ତି । ଚତୁର ବେପାରୀଙ୍କ ଲୋଭଭରା ଦୃଷ୍ଟି ପଡ଼ିଛି ଉତ୍କର୍ଷ କପା, ହାତୀଦାନ୍ତ, ମସଲା, ଚା, କଫି ଉପରେ, ଉରୋପୀୟ ବଜାରରେ ଏସବୁ ଦ୍ରବ୍ୟର ମୂଲ୍ୟ ଯଥେଷ୍ଟ, ଏ ଗୁଡ଼ିକ କମ୍ ମୂଲ୍ୟରେ କିଣି ଇଉରୋପ ବଜାରରେ ଚଢା ଦରରେ ବିକ୍ରୟ କରୁ ଥିଲେ ବେପାରୀ ଗୋଷ୍ଠୀ, ଯେଉଁ ଅଂଚଳ ଗୁଡିକରୁ ବେପାରୀ କଞ୍ଚାମାଲ ସଂଗ୍ରହ କରୁଥିଲେ ସେହି ଅଞ୍ଚଳ ସବୁକୁ ନିଜ ଅଧୀନରେ ରଖି କଲୋନୀ ସୃଷ୍ଟି କରୁଥିଲେ।ଧୀରେ ଧୀରେ ଶାସନ କରିବା ନିଶା ଏ ମାନଙ୍କୁ ଘାରି ଥିଲା। ଆମ ଦେଶର ହସ୍ତତନ୍ତ ବନ୍ଦ ହୋଇଗଲା, କୁଟୀର ଶିଳ୍ପର ଅବସାନ ଘଟିଲା।ଜୀବିକା ହରାଇ ଲୋକେ ବ୍ରିଟିଶ ବସାଇଥିବା କାରଖାନାରେ କାମ କରିବାକୁ ବାଧ ହେଲେ। କୃଷକମାନେ ନିଜ ଆୟରୁ ଅଧା ରାଜସ୍ୱ ଖଜଣା ବ୍ରିଟିଶ ମାନଙ୍କୁ ଜମା କରୁଥିଲେ, ଫଳରେ ଏମାନଙ୍କ ଉପରେ କୃଷକମାନେ ମଧ୍ୟ ଅସନ୍ତୋଷ ହୋଇ ଉଠିଲେ। ଲୋକେ ନିଜ ଜମିକୁ ଚାଷ କରିବାକୁ ଏବଂ ଜମିର ଉନ୍ନତି କରଣ କରିବାକୁ ଅମଙ୍ଗ ପ୍ରକାଶ କରୁଥିଲେ କାରଣ ଖଜଣା ବ୍ରିଟିଶ୍ ମାନଙ୍କୁ ଦେବାକୁ ପଡୁଥିଲା। ବେଳେ ବେଳେ ମରୁଡି ହୋଇ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେଉଥିଲା। ତଥାପି ବ୍ରିଟିଶ ମାନଙ୍କୁ ମହାଜନଙ୍କ ନିକଟରେ ଜମି ବନ୍ଧକ କରି କିମ୍ବା ସାଉକାରଙ୍କ ଠାରୁ ଋଣ ଆଣି ଟିକସ ଦେବାକୁ ପଡୁଥିଲା। ଆମ ଭାରତରୁ କଞ୍ଚାମାଲ ନେଇ ବ୍ରିଟିଶ କଳକାରଖାନା ଗୁଡିକରେ ବିଭିନ୍ନ ଦ୍ରବ୍ୟ ତିଆରି କରା ଯାଇ ଚଢା ଦରରେ ଭାରତରେ ହି ବିକ୍ରୟ କରୁଥିଲେ। ବ୍ରିଟିଶ ମାନେ ଭାରତୀୟଙ୍କୁ ଶୋଷଣ କରିବାରେ ଲାଗିଥିଲେ। ଏ ମାନଙ୍କ ଉପରେ ଚାରି ଆଡ଼େ ଜନ ଅସନ୍ତୋଷ ତେଜିୟାନ୍ ହୋଇ ଉଠିଲା, ଅନେକ ରାଜ୍ୟର ଆଦିବାସୀ ସଂପ୍ରଦାୟର ଲୋକମାନେ ମଧ ଅସନ୍ତୋଷ ହୋଇ ଉଠିଲେ, ନିଜ ଜଙ୍ଗଲକୁ ଛଡ଼ାଇ ନେଇ ଅନ୍ୟତ୍ର ଆଦିବାସୀ ମାନଙ୍କୁ ପଳାୟନ କରିବାର ଧମକ ଦେଉଥିଲେ ଇଂରେଜ ମାନେ। ଏଣୁ ଚାରି ଆଡ଼େ ଆଦିବାସୀ ବିପ୍ଳବୀ ଜାଗି ଉଠି ଥିଲା।

ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୦ ବର୍ଷ କଟାଇ ଜାତିର ପିତା ମହାତ୍ମା ଗାନ୍ଧୀ ୧୯୧୯ ମସିହାରେ ଭାରତକୁ ଫେରି ଆସିଲେ। ବ୍ରିଟିଶ ମାନଙ୍କ ଦ୍ୱାରା ଦକ୍ଷିଣ ଆଫ୍ରିକାରେ କାମ କରୁଥିବା ଭାରତୀୟ ଓ ସେଠାକାର କୃଷ୍ଣକାୟ ମାନେ ଅତ୍ୟାଚାରର ଶିକାର ହେଉଥିଲେ। ଏମାନଙ୍କୁ ସଂଗଠନ କରାଇ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଇଥିଲେ। ଏଠାରେ ସେ ଅହିଂସା ନୀତି ଅବଲମ୍ବନ କରି ଇଂରେଜ ମାନଙ୍କ ବିରୁଦ୍ଧରେ ଲଢ଼ିଥିଲେ ଏବଂ ସଫଳ ହୋଇଥିଲେ।

ଭାରତରେ ମଧ ସମାନ ପରିସ୍ଥିତି ଦେଖିଲେ।ଏଇଠି ମଧ ଭାରତୀୟମାନେ ଇଂରେଜ ମାନଙ୍କ କବଜାରେ। ଏଭଳିକି ଶିକ୍ଷିତ ଭାରତୀୟମାନେ ମଧ ଇଂରେଜମାନଙ୍କ ବିରୋଧରେ କହିବାକୁ ସାହସ କରୁ ନଥିଲେ। ଭାରତର ଅଧିକାଂଶ ଲୋକେ ଅଶିକ୍ଷିତ ଥିଲେ କିଭଳି ଲେଖିବାକୁ ପଡେ କିଭଳି ପଢିବାକୁ ପଡେ, କିଛି ଜଣା ନ ଥିଲା, ବେକାରୀ ସମସ୍ୟା ପରିପୂର୍ଣ୍ଣ ଥିଲା। ଚାରି ଆଡ଼େ ଜାତିଆଣ ଭେଦଭାବ, ଅସ୍ପୃଶ୍ୟତା ଭଳି ସାମାଜିକ କୁସଂସ୍କାର ପରିପୂର୍ଣ୍ଣ ଥିଲା। ଲୋକମାନଙ୍କ ମଧ୍ୟରେ ଏକତାର ଅଭାବ ଥିଲା। ଗାନ୍ଧିଜୀ ଜାଣିବାକୁ ପାଇଲେ ଲୋକଙ୍କ ଏକତା ହେଉଛି ବ୍ରିଟିଶମାନଙ୍କ ସହ ଲଢ଼ିବାର ଗୋଟିଏ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ସେ ଚିନ୍ତା କଲେ ଯେ ପ୍ରତ୍ୟେକ ଭାରତବାସୀ ହୃଦୟଙ୍ଗମ କରିବା କଥା ଯେ ଆମେ ଭାରତୀୟ ଏବଂ ଆମେ ସମସ୍ତେ ଭାରତ ମାର ସନ୍ତାନ। ଏହା ଗୁରୁତ୍ୱ ନୁହଁ ଯେ ଆମେ କେଉଁ ଧର୍ମାବଲମ୍ବୀ ଏବଂ ଆମେ କେଉଁ ଭାଷାରେ କଥାବାର୍ତ୍ତା କରୁଛେ। ଗାନ୍ଧିଜୀ ଭାରତ ମାଟିରେ ଜାତିଆଣ ଭେଦଭାବ ଦେଖି ସ୍ତମ୍ଭିଭୂତ ହୋଇଗଲେ। ତେଣୁ ଏହି ଅଛୁଆଁ ଲୋକମାନଙ୍କୁ ହରିଜନ ନାମରେ ନାମିତ କରି ସମାଜରେ ଏମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଚେଷ୍ଟା କରିଥିଲେ। ହରିଜନର ଅର୍ଥ ହେଲା ଈଶ୍ୱରଙ୍କ ସନ୍ତାନ। ଗାନ୍ଧିଜୀ ମହିଳାମାନଙ୍କ ଅଧିକାର ପାଇଁ ମଧ କାର୍ଯ୍ୟ କରିଥିଲେ।ଏ ସବୁ କାର୍ଯ୍ୟକଳାପ ପରବର୍ତ୍ତୀ ମୁହୂର୍ତ୍ତରେ ସଫଳତା ଆଣିବାରେ ତାଙ୍କୁ ସାହାଯ୍ୟ କରିଥିଲା। ଦକ୍ଷିଣ ଆଫ୍ରିକାରେ ସେ ଯେଉଁ ଅସ୍ତ୍ର ପ୍ରୟୋଗ କରି ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରି ସେଠାରେ ଥିବା ଭାରତୀୟ ଏବଂ କୃଷ୍ଣକାୟ ମାନଙ୍କୁ ଅଧିକାର ପ୍ରଦାନ କରିବାରେ ସଫଳ ହେଲେ ସେହି ଅସ୍ତ୍ର ଭାରତୀୟ ମାଟିରେ ମଧ ପ୍ରୟୋଗ କରି ଥିଲେ ଏହି ଅସ୍ତ୍ର ହେଲା ସତ୍ୟ ଏବଂ ଅହିଂସା। ସେ ବିଶ୍ୱାସ କରୁଥିଲେ ଯେ ପ୍ରକୃତରେ ଯିଏ ସତ୍ୟାଗ୍ରହୀ ଦିଏ ନିର୍ଭୀକ ଏବଂ ସତ୍ୟବାଦୀ। ଜାଲିଆନାୱାଲା ହତ୍ୟାକାଣ୍ଡକୁ ଭାବିଲେ ଏବେ ବି ଶରୀରର ଲୋମଗୁଡିକ ଟାଙ୍ଗୁରି ଉଠେ ହଜାର ହଜାର ନିରୀହ ଶିଶୁ, ନାରୀ ପୁରୁଷ ଏଠାରେ ଡ଼ାୟର ଏବଂ ତା ଟ୍ରପଙ୍କ ଗୁଳି ବନ୍ଧୁକ ମାଡ଼ରେ ଟଳି ପଡିଛନ୍ତି। ନିଷ୍ଠୁର ବ୍ରିଟିଶ କେଡେ ନିର୍ଦ୍ଦୟ, କଠୋର, ହାୟ !

ଗାନ୍ଧିଜୀଙ୍କ ଡ଼ାକରାରେ ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନ ହୋଇଥିଲା। ଏଥିରେ ଦେଶର ହଜାର ହଜାର ଛାତ୍ରଛାତ୍ରୀ, ମହିଳା, ପୁରୁଷ, ଶିଶୁ ସାମିଲ ହୋଇଥିଲେ। ଇଂରେଜ ମାନଙ୍କୁ କୌଣସି କ୍ଷେତ୍ରରେ ମଧ ସାହାଯ୍ୟ କରିବା ନାହିଁ ଥିଲା ଏହି ଆନ୍ଦୋଳନର ଆଭିମୁଖ୍ୟ । ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟର ଅବଗତି ଫଳରେ ଆନ୍ଦୋଳନରୁ ଓହରି ଯାଇଥିଲେ ମଧ ଦେଶର ଅନେକ ନେତା ଏହି ଆନ୍ଦୋଳନକୁ ଆଗେଇ ନେଇ ଥିଲେ,ଏମାନଙ୍କ ମଧ୍ୟରେ ଥିଲେ ଡାକ୍ତର ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମହମ୍ମଦ ଅଲ୍ଲୀ, ସୌକତ ଅଲ୍ଲୀ, ମଉଲନା ଅବଦୁଲ କାଲାମ ଆଜାଦ୍, ସରୋଜିନୀ ନାଇଡୁ, ସି ଗୋପଳଚାରି, ମୋତିଲାଲ୍ ନେହେରୁ ଏବଂ ଚିତ୍ତରଞ୍ଜନ ଦାସ। ୧୯୨୯ ମସିହାରେ ସତ୍ୟାଗ୍ରହ ଆନ୍ଦୋଳନ ହୋଇଥିଲା। ପୂର୍ଣ୍ଣ ସ୍ୱରାଜ ପାଇବା ପାଇଁ ଦେଶର ସତ୍ୟାଗ୍ରହ ସ୍ଥାନେ ସ୍ଥାନେ ଅନଶନ, ଧର୍ମଘଟ, ସଭା ସମିତି ଆଦି ଜୋର୍ ସୋର୍ ପରିମାଣରେ କରିଥିଲେ। ଲବଣ ସତ୍ୟାଗ୍ରହ ମଧ ସ୍ୱାଧୀନତା ପାଇଁ ଭାରତୀୟ କେତେ ଯେ ତତ୍ପର ସୂଚାଇ ଦେଲା। ୧୯୪୨ ମସିହାରେ ବାପୁଜୀଙ୍କ ନେତୃତ୍ୱରେ ଭାରତ ଛାଡ ଆନ୍ଦୋଳନ ହୋଇଥିଲା। ଏହା ସାରା ଭାରତର କୋଣ ଅନୁକୋଣରେ ପ୍ରସାରିତ ହୋଇଥିଲା। ଏତିରେ କେତେ ପ୍ରମୁଖ ନେତା ବନ୍ଦୀ ହେଲେ, ତଥାପି ଭାରତୀୟ ହାରି ନ ଥିଲେ, ଦେଶର ଅନେକ ଜନତା ଏଥିରେ ସାମିଲ ହୋଇ ବହୁ ସାହସିକତା ସହ ଇଂରେଜମାନଙ୍କ ସହିତ ଲଢେଇ କରିଥିଲେ। ଦ୍ୱିତୀୟ ଥର ପାଇଁ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ। ସେ ଚାହୁଥିଲେ ଇଂରେଜମାନଙ୍କ ସହ ସାମ୍ନା ସାମ୍ନି ଲଢେଇ କରିବାକୁ, ତେଣୁ ସେ ଆଜାଦ୍ ହିନ୍ଦ୍ ଫଉଜ ଗଠନ କରିଥିଲେ । ସେ ଭାରତ ସୈନିକ ମାନଙ୍କ ସହ ପ୍ରସିଦ୍ଧ ସ୍ଲୋଗାନ କହିଥିଲେ। ଜୟ ହିନ୍ଦ୍ ଏବଂ ଦିଲ୍ଲୀ ଚଲୋ। ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି। ଏହି ସ୍ଲୋଗାନ ଅନେକ ଭାରତୀୟଙ୍କୁ ଅଭିପ୍ରେରଣା ପ୍ରଦାନ କରିଥିଲା। ସେ ନେତାଜୀ ଭାବରେ ଜଣାଶୁଣା ଥିଲେ।

ଅନେକ ସଂଘର୍ଷ ଫଳରେ ଇଂରେଜ ମାନେ ହୃଦୟଙ୍ଗମ କଲେ କି ଭାରତକୁ ସ୍ୱାଧିନତା ନ ଦେଲେ ଆମର ଅନ୍ୟ ରାସ୍ତା ନାହିଁ। ଶେଷରେ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଆମ ଭାରତ ସ୍ୱାଧୀନ ହୋଇଥିଲା। ସେ ଦିନ ସକାଳର ସୁଲୁ ସୁଲୁ ପବନରେ ଭାରତର ତ୍ରିରଙ୍ଗା ପତାକା ଫର ଫର ହୋଇ ଉଡିବାକୁ ଲାଗିଥିଲା। ଚାରିଆଡ଼େ ଉତ୍ସାହର ଲହରୀ। ଆମେ ହୋଇ ଥିଲୁ ମୁକ୍ତ, ସ୍ୱାଧୀନ। ବର୍ତ୍ତମାନ ଆମେ ମୁକ୍ତ ଆକାଶର ବିହଙ୍ଗମ, ସ୍ୱାଧୀନ ଦେଶର ସନ୍ତାନ, ବହୁ କଷ୍ଟ ଲବ୍ଧ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ।ଭାରତ ମାର ତ୍ରିରଙ୍ଗା ଝଣ୍ଡା ତଳେ ଆମେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। ଆମେ ଭାରତ ମାର ଟେକ ରଖିବା ପାଇଁ ଶପଥ ଦେବା, ଆଉ ସମସ୍ତେ ଗର୍ବରତାର ସହିତ କହିବା, ଆମେ ସବୁ ଭାରତୀୟ।

## ମନୋରଞ୍ଜନ ତିରିଆ

## ଓଡ଼ିଶା ରାଜନୀତିରେ ଝାରଖଣ୍ଡ ମୁକ୍ତିମୋର୍ଚ୍ଚା

ସ୍ୱତନ୍ତ୍ର ଝାରଖଣ୍ଡ ରାଜ୍ୟ ଗଠିତ ହେବାର ୨୧ ବର୍ଷ ବିତି ଗଲାଣି। ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲ୍ଲାରେ 'ଝାରଖଣ୍ଡ' ନାଁରେ ଗଠିତ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେ.ଏମ୍.ଏମ୍) ରାଜନୈତିକ ଦଳ ଏବେ ବି ସକ୍ରିୟ ରହିଛି। ଝାରଖଣ୍ଡ ରାଜ୍ୟ ଗଠନ ସମୟରେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେ.ଏମ୍.ଏମ୍), ଅଲ୍ ଝାରଖଣ୍ଡ ଷ୍ଟୁଡ଼େଣ୍ଟସ୍ ୟୁନିଅନ୍(ଆଜ୍‌ସୁ) ବର୍ତ୍ତମାନର ଆଜ୍‌ସୁ ପାର୍ଟି ଓ ଝାରଖଣ୍ଡ ପିପୁଲସ୍ ପାର୍ଟି (ଜେ.ପି.ପି) ସକ୍ରିୟ ଥିଲା। ୨୦୧୪ ସାଧାରଣ ନିର୍ବାଚନ ସମୟରେ ତତ୍କାଳୀନ ଜେ.ଏମ୍.ଏମ୍‌ର ରାଜ୍ୟ ସଭାପତି ତଥା ଟାଣୁଆ ଆଦିବାସୀ ନେତା ସୁଦାମ ମାରାଣ୍ଡି ଅନୁଗତମାନଙ୍କ ସହିତ ବିଜୁ ଜନତା ଦଳରେ ସାମିଲ୍ ହୋଇ ଯାଇଥିଲେ। ସେତେବେଳେ ଓଡ଼ିଶା ରାଜନୀତିରେ ଜେ.ଏମ୍.ଏମ୍ ଲୋପ ପାଇଯିବ ବୋଲି ଆଶଙ୍କା କରାଯାଉଥିଲା। ଦେଖିବାକୁ ଗଲେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଦଳ ତାହାର ସଙ୍ଗଠନକୁ ପୁଣିଥରେ ମଜବୁତ୍ କରିବା ପାଇଁ ଅଣ୍ଟା ଭିଡ଼ିଛି। ତେବେ ଯଦିଓ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲା ଝାରଖଣ୍ଡ ସୀମାକୁ ଲାଗି ରହିଥିଲେ ମଧ୍ୟ, ଏଠାରେ ଜେ.ଏମ୍.ଏମ୍ କିମ୍ବା ଝାରଖଣ୍ଡ ନାମଧାରୀ ଦଳର ଚିହ୍ନବର୍ଣ୍ଣ ନାହିଁ। ଆଶ୍ଚର୍ଯ୍ୟର ବିଷୟ ମୟୂରଭଞ୍ଜ ଜିଲ୍ଲାରେ ଜାତୀୟ ଦଳ କଂଗ୍ରେସଠାରୁ ଜେ.ଏମ୍.ଏମ୍ ୧୫/୧୬ ବର୍ଷ ଧରି ଅଧିକ ମଜବୁତ୍ ରହିଛି। ନୂତନ ଝାରଖଣ୍ଡ ପ୍ରଦେଶ ଗଠନ ବେଳେ କେବଳ ବିହାରକୁ ବିଭାଜନ କରାଗଲା। ମାତ୍ର ସେଥିରେ ପଶ୍ଚିମବଙ୍ଗ, ଓଡ଼ିଶା ଓ ମଧ୍ୟପ୍ରଦେଶର କୌଣସି ଅଞ୍ଚଳକୁ ସାମିଲ କରାଗଲା ନାହିଁ।

ଓଡ଼ିଶା ରାଜନୀତିରେ ବିଜୁ ଜନତା ଦଳର ନେତା ନବୀନ ପଟ୍ଟନାୟକ ୨୧ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହିଛନ୍ତି । ମାତ୍ର 'ଓଡ଼ିଆଙ୍କ ସ୍ୱାଭିମାନଙ୍କ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି' କହୁଥିବା ତାଙ୍କରି ସରକାର ଝାରଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ରେ ରହିଯାଇଥିବା ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ଓଡ଼ିଶାରେ ସାମିଲ୍ କରାଯିବା କଥା କହୁନାହାଁନ୍ତି। ପଶ୍ଚିମବଙ୍ଗର ମେଦିନୀପୁର, ଆନ୍ଧ୍ରପ୍ରଦେଶର ପଲାସା, ମଞ୍ଜୁଷା, ଟିକାଲି, ତରଳା ଓ ଛତିଶଗଡ଼ର ବସ୍ତର ଅଞ୍ଚଳ ଦିନେ ଓଡ଼ିଶାର ଅଂଶବିଶେଷ ରହିଥିଲା। ଝାରଖଣ୍ଡରେ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ଭାଷାଭାଷୀ ରହିଥିବା ବେଳେ ଓଡ଼ିଆକୁ ଝାରଖଣ୍ଡ ସରକାର ଦ୍ୱିତୀୟ ରାଜଭାଷାର ମାନ୍ୟତା ମଧ୍ୟ ଦେଇଛନ୍ତି। ଏହାସତ୍ତ୍ୱେ ବିଜୁ ଜନତା ଦଳ ଓଡ଼ିଆ ବହୁଳ ସିଂହଭୂମ ଓ ଷଢ଼େଇକଳା-ଖରସୁଆଁ ଅଞ୍ଚଳରେ ନିଜର ସଙ୍ଗଠନକୁ ବିସ୍ତାର କରିବାକୁ ଚେଷ୍ଟା କରିନାହିଁ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଝାରଖଣ୍ଡ ଗଠିତ ହେବାର ୨୧ ବର୍ଷ ପରେ ମଧ୍ୟ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଜେ.ଏମ୍.ଏମ୍ ଦଳ ତିଷ୍ଠି ରହିଛି।

ଝାରଖଣ୍ଡ ଆନ୍ଦୋଳନ ବେଳେ ଓଡ଼ିଶାର ୪ଟି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଅବିଭକ୍ତ ସମ୍ବଲପୁର; ପଶ୍ଚିମବଙ୍ଗର ୩ଟି ଜିଲ୍ଲା ବାଙ୍କୁଡ଼ା, ପୁରୁଲିଆ ଓ ମେଦିନୀପୁର; ମଧ୍ୟପ୍ରଦେଶ (ବର୍ତ୍ତମାନ ଏହା ଛତିଶଗଡ଼ ଅନ୍ତର୍ଭୁକ୍ତ)ର ୨ଟି ଜିଲ୍ଲା ସୁରଗୁଜା ଓ ରାୟଗଡ଼ ସମେତ ତତ୍କାଳୀନ ବିହାରର ଅର୍ଦ୍ଧେକ ଜିଲ୍ଲାକୁ ନେଇ ବୃହତ ଝାରଖଣ୍ଡ ରାଜ୍ୟର ପରିକଳ୍ପନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଶାସନ ସମୟରେ ୨୦୦୦ ମସିହା ୧୫ ନଭେମ୍ବରରେ ବିହାରର ୧୮ଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଝାରଖଣ୍ଡ ରାଜ୍ୟର ମାନ୍ୟତା ପାଇଛି । ବିହାରର ଛୋଟନାଗପୁର ଅଞ୍ଚଳରେ ପ୍ରଥମେ ଆଦିବାସୀମାନଙ୍କର ସାମାଜିକ, ଆର୍ଥିକ ଓ ରାଜନୈତିକ ଚେତନା ସୃଷ୍ଟି ନିମନ୍ତେ ୧୯୨୧ରେ 'ଛୋଟନାଗପୁର ଉନ୍ନୀତ ସମାଜ' ଗଠିତ ହୋଇଥିଲା। ଏହାର ନାଁ ୧୯୩୯ରେ 'ଛୋଟନାଗପୁର ଆଦିବାସୀ ମହାସଭା' ରଖା ଯାଇଥିଲା। ପରେ ପରେ ଏହା 'ଆଦିବାସୀ ମହାସଭା' ନାମରେ ପରିଚିତ ହେଲା। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ବିଶିଷ୍ଟ ଆଦିବାସୀ ନେତା ମାରାଂ ଗୋମ୍‌କେ ଜୟପାଲ୍ ସିଂ ମୁଣ୍ଡାଙ୍କ ନେତୃତ୍ୱରେ ୧୯୫୦ରେ ସ୍ୱତନ୍ତ୍ର ଝାରଖଣ୍ଡ ରାଜ୍ୟ ଆନ୍ଦୋଳନରେ ଜନ ସମର୍ଥନ ହାସଲ ପାଇଁ 'ଝାରଖଣ୍ଡ ପାର୍ଟି' ନାମରେ ରାଜନୈତିକ ଦଳ ଜନ୍ମ ନେଇଥିଲା। ଜୟପାଲ୍ ସିଂ ଭାରତୀୟ ସମ୍ବିଧାନ ସଭାର ସଦସ୍ୟ ମଧ୍ୟ ରହିଥିଲେ। ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ବିହାର ବିଧାନସଭା ନିର୍ବାଚନରେ ଜୟପାଲ ସିଂଙ୍କ ଝାରଖଣ୍ଡ ପାର୍ଟି ଦ୍ୱିତୀୟ ବୃହତ୍ତମ ଦଳ ରୂପେ ୩୫ଟି ଆସନ ପାଇଥିଲା। ଏପରିକି ୧୯୫୧ ମସିହାରେ ଅନୁଷ୍ଠିତ ପ୍ରଥମ ଲୋକସଭା ନିର୍ବାଚନରେ ୪ ଗୋଟି ଆସନ ଯଥା- ଓଡ଼ିଶାର ମୟୂରଭଞ୍ଜ, ବିହାରର ପୁରନିଆ ତଥା ସାନ୍ତାଳ ପ୍ରଗଣା, ରାଞ୍ଚି ପଶ୍ଚିମ, ଚାଇଁବାସାକୁ ଝାରଖଣ୍ଡ ପାର୍ଟି ଅକ୍ତିଆର କରିଥିଲା । ପ୍ରଥମେ ଜୟପାଲ୍ ସିଂ ୧୯୫୫ରେ ରାଜ୍ୟ ପୁନର୍ଗଠନ ଆୟୋଗ ନିକଟରେ ଆଦିବାସୀମାନଙ୍କ ପାଇଁ ସ୍ୱତନ୍ତ୍ର ଝାରଖଣ୍ଡ ରାଜ୍ୟ ଗଠନ ପାଇଁ ଦାବି କରିଥିଲେ। ଭାଷାକୁ ଭିତ୍ତିକରି ରାଜ୍ୟ ଗଠନର ପ୍ରସ୍ତାବ ରହିଥିଲା, ମାତ୍ର ଆଦିବାସୀମାନଙ୍କର ନିର୍ଦ୍ଦିଷ୍ଟ ଗୋଟିଏ ଭାଷା ନଥିବାରୁ ଝାରଖଣ୍ଡ ରାଜ୍ୟ ଗଠନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଦ୍ୱିତୀୟ ଲୋକସଭା ନିର୍ବାଚନରେ ଝାରଖଣ୍ଡ ପାର୍ଟି ୬ଟି ଆସନ ପାଇ ଏହାର ସ୍ଥିତି ଜାହିର୍ କରିଥିଲା।

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଝାରଖଣ୍ଡ ଆନ୍ଦୋଳନର ପୁରୋଧା ଜୟପାଲ୍ ସିଂଙ୍କର ସହପାଠୀ ଥିଲେ। ଝାରଖଣ୍ଡ ପାର୍ଟି ମାଧ୍ୟମରେ ଝାରଖଣ୍ଡ ରାଜ୍ୟ ଗଠନ ଅସମ୍ଭବ ମନେକରି ଜୟପାଲ୍ ୧୯୬୩ରେ ଝାରଖଣ୍ଡ ପାର୍ଟିକୁ କଂଗ୍ରେସ ଦଳରେ ବିଲୀନ କରିଥିଲେ। ଯାହା କି ଜୟପାଲ୍ ସିଂଙ୍କର ସବୁଠାରୁ ବଡ଼ ରାଜନୈତିକ ଭୁଲ୍ ଥିଲା। ସେତେବେଳେ ଝାରଖଣ୍ଡ ପାର୍ଟିର ନିର୍ବାଚନ ସଂକେତ କୁକୁଡ଼ାଗଞ୍ଜା ଥିଲା। ଝାରଖଣ୍ଡ ପାର୍ଟିର କଂଗ୍ରେସ ଦଳରେ ବିଲୀନକୁ ଆଦିବାସୀମାନେ ଜୟପାଲ୍‌ଙ୍କୁ ଫୁସୁଲାଇ ନେହେରୁ ତାଙ୍କର କୁକୁଡ଼ାଗଞ୍ଜାକୁ ଖାଇଗଲେ ବୋଲି ଥଟ୍ଟାରେ କହୁଥିଲେ। ଏହାପରେ ୧୯୬୭ରେ ବାଗୁନ୍ ସୁମ୍ରୁଇ ଓ ଏନ୍.ଇ. ହୋରୋଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ଝାରଖଣ୍ଡ ପାର୍ଟି ଓ ୧୯୬୮ରେ ଡାଭିଡ୍ ମୁନ୍‌ଜାନୀଙ୍କ ନେତୃତ୍ୱାଧୀନ ହୁଲ୍ ଝାରଖଣ୍ଡ ପାର୍ଟି ତରଫରୁ କିଛି କାଳ ଆନ୍ଦୋଳନ ଚାଲୁ ରହିଥିଲା। କମ୍ରେଡ଼ ଏ.କେ ରାୟଙ୍କ ନେତୃତ୍ୱରେ ୧୯୭୧ରେ ଅଲଗା ଝାରଖଣ୍ଡ ରାଜ୍ୟ ସପକ୍ଷରେ କମ୍ୟୁନିଷ୍ଟ ଦଳଗୁଡ଼ିକର ସମନ୍ୱୟ ସମିତି ଗଠିତ ହୋଇଥିଲା। ବିନୋଦ ବିହାରୀ ମାହାତୋ ନାମକ ଜଣେ କୁର୍ମୀ ନେତା କୁର୍ମୀମାନଙ୍କୁ ଏକଜୁଟ୍ କରିବା ନିମନ୍ତେ 'ଶିବାଜୀ ସମାଜ' ଗଠନ କରିଥିଲେ। ତାଙ୍କରି ନେତୃତ୍ୱରେ ହିଁ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେ.ଏମ୍.ଏମ୍) ନାମକ ନୂତନ ରାଜନୈତିକ ଦଳ ଗଠିତ ହୋଇଥିଲା। ସେ ୧୯୮୦ରୁ ୧୯୯୧ ପର୍ଯ୍ୟନ୍ତ ଲଗାତାର ୩ ଥର ବିହାର ବିଧାନସଭାର ବିଧାୟକ ହେବା ସହିତ ୧୯୯୧ ରେ ସ୍ୱଳ୍ପ ସମୟ ପାଇଁ ଗିରିଡ଼ିହରୁ ସାଂସଦ ହେବାର ଗୌରବ ଅର୍ଜନ କରିଥିଲେ। ବିନୋଦ ବିହାରୀ ମାହାତୋ ଜେ.ଏମ୍.ଏମ୍‌ର ପ୍ରତିଷ୍ଠାତା ସଭାପତି ଥିବା ବେଳେ ଶିବୁ ସୋରେନ୍ ସାଧାରଣ ସମ୍ପାଦକ ରହିଥିଲେ। ୧୯୮୦ ମସିହାରେ ବିନୋଦ ବିହାରୀ ମାହାତୋ, ଶିବୁ ସୋରେନ୍ ଓ ଏ.କେ. ରାୟଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ସେତିକି ବେଳେ ଆଉ ଜଣେ କୁର୍ମୀ ନେତା ନିର୍ମଳ ମାହାତୋଙ୍କ ହାତରେ ସଭାପତି ଦାୟିତ୍ୱ ଦେଇ ଶିବୁ ସୋରେନ୍ ଦଳର ସାଧାରଣ ସମ୍ପାଦକ ରହିଥିଲେ। ୧୯୮୬ ଜୁନ୍ ୨୨ ତାରିଖରେ ଅଖିଳ ଝାରଖଣ୍ଡ ଛାତ୍ର ସଂଘ(ଆଜ୍‌ସୁ) ଗଠିତ ହୋଇଥିଲା। ପ୍ରଭାକର ତିର୍କି ଆଜସୁର ପ୍ରତିଷ୍ଠାତା ସଭାପତି ରହିଥିବା ବେଳେ ସୁରଜ ସିଂ ବେଶ୍ରା ସାଧାରଣ ସମ୍ପାଦକ ରହିଥିଲେ। ଜେ.ଏମ୍.ଏମ୍. ଓ ଆଜ୍‌ସୁ ଝାରଖଣ୍ଡ ରାଜ୍ୟ ଦାବିରେ ଆନ୍ଦୋଳନକୁ ଜୋରଦାର୍ କରିଥିଲେ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ଆସ ଗଢ଼ିବା ସୁନ୍ଦର ପୃଥିବୀ

ଅମରନାଥ ବାରିକ୍



ଆସ କରିଦେବା ସବୁଜ ବନାନୀ
ମିଳିମିଶି ଜଗତକୁ
ଅମ୍ଳଜାନ ହେବ ଭରପୁର ଭାବେ
ନିରୋଗରେ ରହିବାକୁ ।

କରିଲେ ରୋପଣ ବୃକ୍ଷ ଗୋଟି ଗୋଟି
ବାଡ଼ି ବଗିଚାରେ କ୍ରମେ
ହୋଇବ ବରଷା ଉଚିତ ସମୟେ
ଉପକୃତ ହେବା ଆମେ ।

ସବୁଜ ବନାନୀ ପାଟ ଶାଢ଼ୀ କରି
ପିନ୍ଧେଇଲେ ବସୁଧାକୁ
ଦେବ ତା ପରଶ ନିର୍ମଳ ପବନ
ସୁସ୍ଥ ପୁଣି ରହିବାକୁ ।

ଖାଇବାକୁ ଦେବ ମିଠା ମିଠା ଫଳ
ପିଇବାକୁ ଦେବ ଜଳ
ବଞ୍ଚିବାକୁ ଦେବ ସୁନ୍ଦର ପୃଥିବୀ
ସବୁଜ ଗାଲିଚା ତଳ ।

ସବୁଜ ବନାନୀ ଚାଦର ବିଛେଇ
ମହୀକୁ କଲେ ସୁନ୍ଦର
ଆସୁଥିବା ପିଢ଼ି ସରସ କରିବ
ପ୍ରଦୂଷଣ ହେବ ଦୂର ।

ଆସ ପ୍ରତିଦିନ ଗୋଟିଏ ଲେଖାଏଁ
ଲଗେଇବା ଆମେ ବୃକ୍ଷ
ମହାପ୍ରଭୁଙ୍କର ରଥଯାତ୍ରା ପାଇଁ
ଚକରେ ଲାଗିବ ଅଖ ।

କାଟିବାନି କେବେ ତରୁଲତା ବଣ
ପ୍ରାକୃତିକ ସୌନ୍ଦର୍ଯ୍ୟର
କରିବା ଶପଥ ସଜାଇବା ପାଇଁ
ଲଗାଇ ଚାରା ବୃକ୍ଷର ।

ପାରିବାନି ଯଦି ଲଗାଇ ଗଛଟେ
କାଟିବା କାହିଁକି ପୁଣି
କ୍ଷେତ ପାଇଁ ଆଉ ଖୋଜିବା କାହିଁକି
ଟୋପାଏ ବରଷା ପାଣି ।

କରିଲେ କରମ ମିଳିବଟି ଫଳ
ଏ କଥା ରଖିବା ମନେ
ପରିବେଶ ପାଇଁ ଗଢ଼ିବା ଜଙ୍ଗଲ
ହସିବ ଧରଣୀ ଦିନେ ।

ପଢ଼ିଥିଲେ ପରା ପିଲାଟି ଦିନରୁ
'ରହ ଆରେ କାଠୁରୀଆ'
ସେ କଥାକୁ ପୁଣି ମନରୁ ପାସୋରି
ଭୁଲିଯିବା ଆଜି କିଆଁ ।

ଗଢ଼ିବା କୋମଳ ସବୁଜ ବନାନୀ
ପରିବେଶ ପାଇଁ ସୃଷ୍ଟି
କ୍ଷେତ ପାଇଁ ଜଳ ଋତୁ ପାଇଁ କାଳ
ନିର୍ଦ୍ଧାରଣ ହେଉ ବୃଷ୍ଟି ।

ଚାଲିଯିବେ ଛାଡ଼ି ରୋଗ ମହାମାରୀ
ଅଗଣିତ ହେଲେ ବୃକ୍ଷ
ଜୀବନ ହୋଇବ ଅମୃତ ସମାନ
ବଢ଼ାଇଲେ ପ୍ରାଣେ ଦକ୍ଷ ।

+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
(ମୋ)୯୫୪୦୩୦୮୦୯୫
(ନୂଆଦିଲ୍ଲୀ)

### ବେଳେ ବେଳେ ନିରୋଳା ରାତିରେ..

ରାହାସ କୁମାର ବେହେରା



ବେଳେ ବେଳେ ନିରୋଳା ରାତିରେ
ତୁମ କଥା ଭାରି ମନେପଡେ ,
ନିଦ ନଆସିଲେ
କଡ଼ ଲେଉଟାଇ ଲେଉଟାଇ ଅଜଣା ,
ଅକୁହା ଦୁଃଖରେ
ଅନ୍ଧାରକୁ ଚାହିଁ ଚାହିଁ ବେଳସରିଯାଏ ।

ରାତିର ପ୍ରତିଟି ପ୍ରହରେ
ଦେହ ଥାଏ ହେଲେ ମନ ହଜିଯାଏ
ସ୍ୱପ୍ନରେ ତୁମେ ନଆସିଲେ
ତୁମ ଛବି କଳ୍ପନାରେ ଆଙ୍କୁ ଆଙ୍କୁ
କିଛି ଅବୁଝା ପଣରେ
ବିରହ ଲୁହରେ ସାରା
ଶେଜ ଭିଜିଯାଏ ।

କିଟିମିଟି ନିଘୋଡ଼ ଅନ୍ଧାରେ
ତୁମ କଥା ଭାବି ଏତେ କାହିଁ ଭାରି
ବ୍ୟସ୍ତ ଲାଗେ ??

ଝରକା ସେପାଖେ ଆକାଶକୁ
ଚାହିଁ ଚାହିଁ
ତାରା ସାଥେ କଥା ହୋଇ
ପାଗଳ ମନ ମୋର
କେତେ ଲୁଚକାଳି ଖେଳେ ,
ଫୁଲେଇ ଜହ୍ନର ଫୁଲ ଅଗଣାରେ
ପୁରୁଣା ସ୍ମୃତିକୁ ସବୁ ସାଉଁଟୁ ସାଉଁଟୁ
ଜାଣିତ ହୁଏନି
କେତେବେଳେ/କେଉଁବେଳେ
ରାତିପାହି ସକାଳଯେ ହୁଏ ।

ବେଳେ ବେଳେ ନିରୋଳା ରାତିରେ
ତୁମ କଥା ଭାରି ମନେପଡେ ,
ଭାରି ମନେପଡେ ।

+ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ:୭୫୯୦୧୫
(ମୋ) ୯୪୩୮୧୧୪୩୬୮

### ତୁମେ ନଥିବା ବେଳେ

ଅଜୟ କୁମାର ଜେନା

ଆମ ସାଥିରେ ବିତିଥିବା
ତମାମ୍ ରାତି ମାନଙ୍କ ଦେହରୁ
ଖୁବ୍ ସନ୍ତର୍ପଣରେ ପୋଛିଦେଇ ଅନ୍ଧାର
ମୁଁ ଆଙ୍କିଦେଲି ଜହ୍ନ !

ହସିଲନି ତୁମେ,ଶୁଭିଲାନି
ତୁମ ପାଉଁଜି ଶବ୍ଦ,
ଦିଶିଲାନି ତୁମ ମୁହଁ କି ଭାଂଗିଲାନି
ତୁମ ନିଦ !
କିନ୍ତୁ ହସୁଥିଲା ରାତି,
କେହିଜଣେ ଜହ୍ନକୁ ସାକ୍ଷୀ ରଖି
ଗାଉଥିଲା ବିରହ ସଙ୍ଗୀତ
ଦିଶୁଥିଲା ହଳେ ପାଦ
ଓ ଭାଙ୍ଗିଯାଉଥିଲା ମୋ କବିତାର
ଧାଡି ଧାଡି ଶବ୍ଦ।

ମୁଁ ବି ସବୁଥର ଭାଙ୍ଗିଯାଏ ଏମିତି
ଲିଭିଯାଏ ମୁଁ ଜାଳିଥିବା ମୋ
ବିଶ୍ୱାସର ଦୀପାଳି !
ମଉଳିଯାଏ ମୋ ପ୍ରେମର
ହରରଙ୍ଗୀ ଫୁଲମାଳି !
ଫିକାଲାଗେ ଜହ୍ନ ଓ
ଜ୍ୟୋସ୍ନାଭରା ଆକାଶ !
ଓ ଏବେ ଏବେ ତୁଛଲାଗେ
ଜୀବନର ସବୁ ଅବଶୋଷ।

ସବୁଥର ତୁମ ନଥିବାର
ଅବଶୋଷରେ ହିଁ
ଏଇ କ୍ଷେତରେ
ଫୁଟେନାହିଁ ହଳଦୀଫୁଲ,
ମୋ ଦେହସାରା ଚରିଯାଏ ଅନ୍ଧାର
ରାସ୍ତାକଡରୁ ଲିଭିଯାଏ ବତୀଖୁଣ୍ଟ
ଓ ମୋ ଆଖିକୁ ଲୁହଯେତେ
ପଡୁଥାଏ ନିଅଣ୍ଟ !

ଅନ୍ତଃତ ତୁମେ କୁହ
ଏ ଭଙ୍ଗା ମନରେ ଚଢିହୁଏ
ବିଶ୍ୱାସର ଚଳନ୍ତି ଗାଡ଼ି ?
ନା ଭଙ୍ଗା ଶବ୍ଦରେ ଯୋଡିହୁଏ
କବିତାର ରଙ୍ଗୀନ ଧାଡି ?

ତଥାପି ମୁଁ ଆଙ୍କୁଥାଏ ଜୀବନ
ଜୀଇଁବାର ଜହ୍ନ
ତଥାପି ମୁଁ ପୋଛେନାହିଁ ତୁମେ
ଛାଡିଯାଇଥିବା ପାଦଚିହ୍ନ,
ତଥାପି ମୁଁ ଲେଖୁଥାଏ ବାଟ
ଚାଲିବାର ଗପ ଓ କବିତା
ତଥାପି ମୁଁ ଖୋଜୁଥାଏ ତୁମପାଖୁ ଆରମ୍ଭ
ହୋଇଥିବା ସବୁରାସ୍ତା
ତଥାପି ମୁଁ ଘୋଷୁଥାଏ ଆମ
ପ୍ରେମର ପୁରୁଣା ରଫ୍ ଖାତା।

+ ବଡରମ୍ପାସ,କେନ୍ଦୁଝର
(ମୋ)୬୩୭୨୨୬୦୪୭୯

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ସେପ୍ଟେମ୍ବର ୦୧, ୨୦୨୧

# ଶୂନ୍ୟ ସହନଶୀଳତରେ ଭାରତର ସୁସଂହତ ଆଫଗାନ ନୀତି !



ପ୍ରଦୋଷ କୁମାର ଦାସ

ବର୍ତ୍ତମାନ ଆଫଗାନିସ୍ତାନରେ ନିତି ପ୍ରତିଦିନ ସମୟକୁ ସମୟ ସଂଘଟିତ ହେଉଥିବା ଘଟଣାକ୍ରମମାନ ଆମ ଦେଶ ଭାରତ ପାଇଁ ଅତ୍ୟନ୍ତ ଉଦବେଗର ବିଷୟ ଅଟେ । ସାରା ବିଶ୍ୱ କରୋନା ଭୂତାଣୁ ବିରୋଧରେ ଲଢି ଜୀବନ ମରଣ ସମସ୍ୟାରେ ଜର୍ଜରିତ ରହିଥିବା ବେଳେ ଆମ ପାଖ ଏସୀୟ ରାଷ୍ଟ୍ର ଆଫଗାନିସ୍ତାନକୁ ତାଲିବାନ ଆତଙ୍କିମାନେ ଏବେ ଅକ୍ତିଆର କରିସାରିଛନ୍ତି ।ଦେଶର ରାଷ୍ଟ୍ରପତି ଅସ୍ରଫ ଘନି ପଳାୟନପନ୍ଥୀ ହୋଇ ଅନ୍ୟ ଦେଶରେ ନିଜର ସୁରକ୍ଷା ପାଇଥିବା ବେଳେ ଦେଶର ନିରୀହ ସାଧାରଣ ଜନତାଙ୍କୁ ଅସୁରକ୍ଷିତ କରିଦେଇଯାଇଛନ୍ତି । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ଅବିମୃଷ୍ୟକାରୀ ତଥା ଅପରିଣାମଦର୍ଶୀ ବୈଦେଶିକ ନୀତି ଏଥିପାଇଁ କେବଳ ଉତ୍ତରଦାୟୀ ବୋଲି ବିଶ୍ୱ ସମୁଦାୟଙ୍କ ପକ୍ଷରୁ ମତ ପ୍ରକାଶ ପାଉଛି । ପରିସ୍ଥିତିକୁ ଆକଳନ ନକରି ଆମେରିକା ହଠାତ୍ ନିଜର ସୈନ୍ୟବାହିନୀକୁ ଆଫଗାନିସ୍ତାନରୁ ପ୍ରତ୍ୟାହାର କରିବା ନିଷ୍ପତ୍ତି ଫଳରେ ଏବେ ତାଲିବାନ ଅରାଜକତା ଆଫଗାନିସ୍ତାନକୁ ୨୦ ବର୍ଷ ପରେ ପୁଣି ଫେରିଆସିଛି । ଦୁର୍ଦ୍ଧର୍ଷ ତାଲିବାନ ଆତଙ୍କି ଗୋଷ୍ଠି ବିସ୍ଫୋରଣ, ବୋମା, ଗୁଳିଗୋଳା, ହାଣକାଟ , ନାରୀ ଧର୍ଷଣ , ଅପହରଣ,ଶିଶୁ, ଝିଅ ବୋହୁ, ନିରୀହା, ଅବଳାଙ୍କୁ ବଳାତ୍କାର, ଯୌନ ଶୋଷଣ ସମେତ ରକ୍ତପାତ ଘଟାଇ ସାରା ଦେଶକୁ ଛିନଭିନ୍ କରିଚାଲିଛନ୍ତି । ତାଲିବାନଙ୍କ ସଂଘଟିତ ଏହି ଅମାନବୀୟ ଘଟଣାକୁ ଆଫଗାନ ରକ୍ଷାକର୍ତ୍ତା ସାଜି ଆସିଥିବା ଆମେରିକା ସମେତ ସାରା ବିଶ୍ୱ ଏବେ ଏହାକୁ ନିରବରେ କେବଳ ଅବଲୋକନ କରିଚାଲିଛନ୍ତି । ଫଂଜସିର ପ୍ରଦେଶକୁ ଛାଡି ସାରା ଆଫଗାନିସ୍ତାନ ଦଖଲ ପରେ ତାଲିବାନ ନେତୃତ୍ୱ କଠୋର ସରିଆତ୍ ଆଇନ ଲାଗୁ କରି ଶାସନ ପାଇଁ ସେଠାରେ ସରକାର ଗଠନ ପାଇଁ ପ୍ରୟାସରତ । ସେମାନଙ୍କୁ ଆମର ଚିର ଶତ୍ରୁ ଚାଇନା ଓ ପଡୋଶୀ ପାକିସ୍ତାନ ଦେଶ ଖୁଲମଖୁଲା ସମର୍ଥନ ଦେବା ସହ ମାନ୍ୟତା ମଧ ଦେଇ ସାରିଲେଣି । ଏଥିରେ ଋଷ ରାଷ୍ଟ୍ର ମଧ ସବୁଜ ସଂକେତ ଦେଲାଣି ।ଏଭଳି ସ୍ଥିତିରେ ବିଶ୍ୱ ଜାତି ସଂଘ ମଧ ଅସହାୟ ହୋଇ କେବଳ ନୀରବଦ୍ରଷ୍ଟା ପାଲଟିଛି ।

ତାଲିବାନ ଏବେ ଭାରତର କୁଟନୈତିକ ସମର୍ଥନ ଓ ମାନ୍ୟତା ଲୋଡିଛି । ଅଗଣତାନ୍ତ୍ରିକ ଉପାୟରେ ଦେଶ ଅଧିକାର କରି ଆଫଗାନରେ ମାନବବାଦକୁ ପଦଦଳିତ କରିଥିବା ତାଲିବାନ ପ୍ରତି ନିରବ ରହି ସମଦୂରତ୍ୱ ରକ୍ଷାକରିବାକୁ ଭାରତ ଏବେ ଉଚିତ ମଣିବା ବିଧେୟ । ବାସ୍ତବରେ ତାଲିବାନଙ୍କୁ ନ୍ୟାୟତଃ ବିରୋଧ କଲେ ବିଶ୍ୱ ସମୁଦାୟ ଆଗରେ ହୁଏତ ବାହାବା ପାଇପାରେ । ହେଲେ ତୁଚ୍ଛାରେ ସାମରିକ ସ୍ତରରେ ଯୁଦ୍ଧ ଘନଘଟାରେ ଛନ୍ଦି ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଭାରତର ଏଯାଏଁ ରହିଥିବା ନୀରବତାକୁ ଅନ୍ୟ ରାଷ୍ଟ୍ରମାନେ ହୁଏତ ସହଜେ ଗ୍ରହଣ କରିପାରୁନଥିବେ । ହେଲେ ଏହା ଭାରତର ଆଫଗାନ ସଂକଟରେ କଦାଚିତ ଅସହାୟତା ବୋଲି ବିଚାର କରାଯିବା ଉଚିତ ନୁହେଁ ।ଏଠାରେ ବୁଝିବାକୁ ପଡିବଯେ, ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ଅପସାରଣ ହେବା ଓ ତାଲିବାନଙ୍କର ରାଜଧାନୀ କାବୁଲ ଦଖଲ କରିବା ପରେ ଆନ୍ତର୍ଜାତିକ ସ୍ତରରେ ସବୁ ସମୀକରଣ ବଦଳିଯାଇଛି । ଏହାକୁ ଏକ ମୌକା ଭାବି ତାଲିବାନୀଙ୍କୁ ମୋହରା କରି ଆମ ପଡୋଶୀ ତଥା ଚିର ଶତ୍ରୁ ଦେଶ ଚାଇନା ଓ ପାକିସ୍ତାନ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ମସୁଧା ଚଳାଇଥିବା ଦ୍ୱିରୁକ୍ତି ନୁହେଁ । ଏପରିକି ଧୃତ ପାକିସ୍ତାନ ଏବେ ତାର ଚିରାଚରିତ ଉଠାଉଥିବା କାଶ୍ମୀର ପ୍ରସଂଗକୁ ପୁଣି ଉଠାଇବାରେ ତାର ସ୍ୱରକୁ ଶାଣିତ କଲାଣି । ତାଲିବାନୀ ଆତଙ୍କୀଙ୍କ ସହାୟତା ମାଧମରେ ପାକିସ୍ତାନ କାଶ୍ମୀର ହାତେଇବାକୁ ଏବେ ଦିବା ସ୍ୱପ୍ନ ଦେଖିବାରେ ଲାଗିଲାଣି । ଏପରି ସ୍ଥିତିରେ ହଠାତ୍ ତାଲିବାନ ସପକ୍ଷରେ କିମ୍ବା ବିପକ୍ଷରେ କିଛି ମତାମତ ରଖିବା ଅଥବା କିଛି କାର୍ଯ୍ୟ କରିବା ହୁଏତ ଭାରତ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ । ଆଫଗାନିସ୍ତାନରେ ବଦଳିଯାଉଥିବା ପରିସ୍ଥିତିକୁ ଭାରତ ଅନୁଧ୍ୟାନର ସହ ନୀରିକ୍ଷଣ ଓ ଆକଳନ କରି ସୁସଂହତ କୁଟନୀତି ଓ ସାମରିକ ନୀତି ଅବଲମ୍ବନ କରିବା ବର୍ତ୍ତମାନ ଭାରତ ପାଇଁ ଏକ ଆହ୍ୱାନ ଅଟେ । ଅପରପକ୍ଷେ ଆଫଗାନିସ୍ଥାନରେ ଭାରତ ପୁଂଜି ନିବେଶ କରିଥିବା ପ୍ରାୟ ୨୨ ହଜାର କୋଟି ଟଙ୍କାର ଭବିଷ୍ୟତ ସୁରକ୍ଷା ପାଇଁ ମଧ ବିଜ୍ଞତାର ସହ ବିବେଚନା କରିବାର ଅବକାଶ ରହିଛି । ଆନ୍ତର୍ଜାତିକ ସ୍ତରରେ ସ୍ଥିରତା ଆଣିବାକୁ ହେଲେ ଆଫଗାନିସ୍ତାନରେ ଶାନ୍ତି ରକ୍ଷା ସହ ସେଠାର ସ୍ଥିତି ମଧ ସୁଧୁରିବା ଜରୁରୀ । ସେଠାରେ ଯାହାବି ହେଉ ଏକ ସ୍ଥିର ଓ ଜନମଂଗଳକାରୀ ସରକାରଙ୍କର ଆବଶ୍ୟକତା ନିହାତି ରହିଛି । ଆଫଗାନିସ୍ତାନରେ ସୁନା ସମେତ ଅନ୍ୟାନ୍ୟ ମୁଲ୍ୟବାନ ଖଣିଜ ଖାଦାନ ଉପରେ ଆମେରିକା ସମେତ ଚାଇନା, ଇରାନ, ଋଷିଆ ଭଳି ରାଷ୍ଟ୍ର ଗୁଡିକର ଲୋଲୁପ ଦୃଷ୍ଟି ରହିଛି ।ଚାଇନା କୁଆଡେ ସେଠାରେ ଖଣିଖାଦାନ ଉପରେ ତାର କାର୍ଯ୍ୟ ଆରମ୍ଭ କରିଦେଲାଣି । ଆଫଗାନିସ୍ତାନର ଏଭଳି ସଂକଟରେ ଇରାନ ମଧ ଏବାବଦରେ ତାଲିବାନଙ୍କ ଶୀର୍ଷ ଗୋଷ୍ଠୀଙ୍କ ସହ ଆଗୁଆ ଚୁକ୍ତି କରିବାକୁ ମନ ସ୍ଥିର କରିସାରିଲାଣି ।

ବର୍ତ୍ତମାନ ଭାରତ ଅତି ଚତୁରତାର ସହ ଆଫଗାନ ସଂକଟକୁ ନିରତ ଅନୁଶୀଳନ କରି ଆବଶ୍ୟକ କାର୍ଯ୍ୟପନ୍ଥା ଖୋଜି ବାହାର କରିବାକୁ ପଡିବ ।

ଭାରତ ଅତୀତରେ ବହୁ କଠିନ ପରିସ୍ଥିତିର ସାମ୍ନା କରି ଜୟଯୁକ୍ତ ହୋଇଛି । ତେବେ କୋଉ ପାଣି କୋଉଠିକୁ ଯାଉଛି ବୋଲି ଆମ ଦେଶର ସରକାର ଓ ସାମରିକ ବିଭାଗ ପକ୍ଷରୁ ଅନୁଧ୍ୟାନ କରିବାକୁ ପଡିବ ।

ଅବଶ୍ୟ ଆତଙ୍କବାଦ ବିରୋଧରେ ଭାରତ ସର୍ବଦା ତାର ଶୁନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆସିଛି ।

ନିକଟରେ ଆମ ରାଜ୍ୟ ତାମିଲନାଡୁର ୱେଲିଂଟନ ସ୍ଥିତ ଡିଫେନ୍ସ ସର୍ଭିସେସ ଷ୍ଟାଫ କଲେଜ( ଡିଏସଏସ ସି) ଠାରେ ଅଦବୋଧନ ଦେବା ଅବସରରେ ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଥିଲେଯେ, ଭାରତ କେବଳ ନିଜ ଦେଶରୁ ଆତଙ୍କବାଦର ଅନ୍ତ ଘଟାଇବାକୁ ଦୃଢସଂକଳ୍ପ ନୁହେଁ, ବରଂ ଆବଶ୍ୟକ ପଡିଲେ ଏହା ସୀମା ପାର କରି ବିଦେଶ ମାଟିରେ ମଧ ଆତଙ୍କବାଦ ନିରୋଧୀ କାର୍ଯ୍ୟକଳାପ ଚଳାଇବାକୁ କଦାଚିତ କୁଣ୍ଠିତ ହେବନାହିଁ । ସୀମାନ୍ତରେ ନାନା ଆହ୍ୱାନର ସମ୍ମୁଖୀନ ହୋଇ ସତତ ସୁଦୃଢ ରହିଆସିଥିବା ଆମ ଦେଶ ଭାରତ ପାଇଁ ସାଂପ୍ରତିକ ଆଫଗାନିସ୍ତାନ ପରିସ୍ଥିତିରେ ବିଶ୍ୱର ବଡବଡ ଦେଶମାନେ କିଭଳି ସେମାନଙ୍କର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି , ଜାଣି ନିଜର ବୈଦେଶିକ ନୀତିକୁ ଆପଣାଇ ଯାହା ଆବଶ୍ୟକ ପଦକ୍ଷେପ ନେବ ବୋଲି ଆଶା ରହିଛି । ସର୍ବୋପରି ଜନମଂଗଳକାରୀ ଗଣତାନ୍ତିକ ରାଷ୍ଟ୍ର ଭାବେ ବିବେଚିତ ଭାରତ , ତାର ସମ୍ମୁଖରେ ଉପନୀତ ଆଫଗାନ ସଂକଟରେ ପୀଡିତ ମହିଳା, ଶିଶୁଙ୍କ ସୁରକ୍ଷା ସମେତ ମାନବିକତାର ସୁରକ୍ଷା ନିମିତ୍ତ ନିଜର କୁଟନୀତି ପ୍ରୟୋଗ କରି ତାଲିବାନୀଙ୍କ ଦୁର୍ଦ୍ଧର୍ଷ ନୀତିକୁ ପ୍ରଭାବିତ କରିବା ଆବଶ୍ୟକ । ଏହା ହୁଏତ ସମୟ କ୍ରମେ ବିଶ୍ୱ ଶାନ୍ତି ପାଇଁ ତାଲିବାନୀଙ୍କୁ ଆଫଗାନିସ୍ତାନରେ କ୍ରମେ ସୁଂହତ ଉପାୟରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ନୀତି ଓ ଶାସନ ଆପଣେଇବାରେ ଅନୁପ୍ରାଣିତ କରିପାରନ୍ତା ।

ନାଚୁଣୀ, ଖୋର୍ଦ୍ଧା, ପିନ୍-୭୫୨୦୩୪
ମୋ: ୬୩୭୦୪୯୫୯୪୪

## ଫ୍ରୁଟ ଜିଲାପି

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ୍ ମଇଦା, ୫୦ଗ୍ରାମ୍ ବେସନ, ୨ଚାମଚ ଦହି, ଛାଣିବା ପାଇଁ ଘିଅ, ୩ କପ୍ ଚିନି, ଏକ ଚାମଚ ଲେମ୍ବୁରସ, ୨୦୦ଗ୍ରାମ୍ ପାଣି ବାହାରି ଯାଇଥିବା ଦହି, ଏକ ଚାମଚ ସରୁ ସରୁ କଟାଯାଇଥିବା ଅଦା, ଏକ ଚାମଚ ଅରେଞ୍ଜ୍ ମାମଲେଡ୍, ୨ ଚାମଚ କମଳା ରସ ଓ ଅଧା କପ୍ ତାଜା କଟାଯାଇଥିବା ଫଳ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଇଦାରେ ବେସନ, ଦହି ଓ ପାଣି ମିଶାଇ ଗାଢ଼ା ପେଷ୍ଟ କରି ୫/୬ ଘଣ୍ଟା ରଖି ଦିଅନ୍ତୁ । ଏହି ମିଶ୍ରଣକୁ ପାଇପିଂ ବ୍ୟାଗରେ ରଖନ୍ତୁ । ସିରପ୍ ତିଆରି କରିବା ପାଇଁ ପ୍ୟାନରେ ପାଣି ପକାନ୍ତୁ । ଏଥିରେ ଚିନି ଓ କେସର ପକାଇ ସିରପ୍ ପ୍ରସ୍ତୁତ କରନ୍ତୁ । ଏକ ଅଲଗା ଫ୍ରାଇଂ ପ୍ୟାନରେ ଘିଅ ଗରମ କରନ୍ତୁ । ପାଇପିଂ ବ୍ୟାଗରେ ଭରାଯାଇଥିବା ମିଶ୍ରଣକୁ ତେଲରେ ଛାଣି ଦିଅନ୍ତୁ । ଏହା ପରେ ଜିଲାପିକୁ ଚିନି ସିରପ୍‌ରେ ପକାଇ ପରେ ବାହାର କରି ଦିଅନ୍ତୁ । ଫ୍ଲେଭର୍ଡ ଦହି ତିଆରି କରିବା ପାଇଁ ତାୱାରେ କମଳା ରସରେ ଅଦାକୁ ମିଶାଇ କିଛି ସମୟ ଫ୍ରାଏ କରନ୍ତୁ । ଏଥିରେ ଅରେଞ୍ଜ ମାମଲେଡ୍ ପକାଇ ମିନିଟିଏ ପୁଣିଥରେ ଫ୍ରାଏ କରନ୍ତୁ । ଆଞ୍ଚରୁ ବାହାର କରି ପାଣି ବାହାର କରାଯାଇଥିବା ଦହି ତାଜା କଟାଯାଇଥିବା ଫଳରେ ମିଶାନ୍ତୁ । ଏହା ପରେ ଗରମ ଗରମ ଜିଲାପି ସର୍ଭ କରନ୍ତୁ ।

## ଉପକାରୀ ଖାଦ୍ୟ

ବ୍ୟସ୍ତ ମଣିଷ ସମୟ ସହିତ ତାଳ ଦେଇ ଧାଉଁଛି । ଏସବୁ ଭିତରେ ଖାଦ୍ୟପେୟ ଉପରେ ଅଧିକାଂଶ ଧ୍ୟାନ ଦେଇପାରୁନାହାନ୍ତି । କାନାଡାର ଏକ ଗବେଷକ ଦଳ ଏସବୁ ଉପରେ ଅନୁଧ୍ୟାନ କରି କିଛି ତଥ୍ୟ ପ୍ରକାଶ କରିଛନ୍ତି ।

ମକା ଖଇ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ମୁଠାଏ ମକାଖଇ ଖାଇଲେ ୩୧ ଖାଦ୍ୟଜ ଶକ୍ତି ଓ ୬ ଗ୍ରାମ କାର୍ବୋହାଇ ଡ୍ରେଟ୍ ମିଳେ ।

ଗୋଟିଏ କଦଳୀ ସକାଳ ଜଳଖିଆରେ ଖାଇଲେ ପୂରା ଦିନ ଶରୀରକୁ ଶକ୍ତିଦିଏ । ଏଥିରେ ଫାଇବର ଓ ଭିଟାମିନ-୬ ଅଛି, ଯାହା ବିଭିନ୍ନ ପ୍ରକାର କାର୍ଯ୍ୟ କରିବାକୁ ବଳ ଦେଇଥାଏ ।

ବିନ୍ସ ଭଜା କିମ୍ବା ସାଲାଡରେ ଖାଇଲେ ଓଜନରେ ସମତା ରହିବା ସହ ଶରୀରକୁ ପ୍ରୋଟିନ ମିଳେ । ଷ୍ଟ୍ରବେରୀ ଖାଇବା ଦ୍ୱାରା ଶରୀରକୁ ଭିଟାମିନ ଓ ଫାଇବର ମିଳିଥାଏ ସପ୍ତାହକୁ ଏହା ଥରେ ମଧ ଖାଇଲେ ଭଲ ।





## ବାଥରୁମ ବାସ୍ତୁ

**କାଚ ପାତ୍ରରେ ଲୁଣ ରଖନ୍ତୁ:** ବାଥରୁମରେ ଏକ କାଚ ପାତ୍ରରେ ଲୁଣ ଭରି ରଖନ୍ତୁ । ଏହାଦ୍ୱାରା ବାଥରୁମ ବାସ୍ତୁ ଦୋଷ ଦୂର ହୋଇଥାଏ । କିନ୍ତୁ ଧ୍ୟାନ ରଖିବେ ପ୍ରତି ସପ୍ତାହରେ ବାଥରୁମରେ ଥିବା ଲୁଣକୁ ବଦଳାଇବାକୁ ।

**ଉତ୍ତର ପୂର୍ବ ଦିଗରେ ପାଣି ପାଇପ୍:** ବାଥରୁମ ନିର୍ମାଣ କରିବା ସମୟରେ ପାଣି ଟ୍ୟାବ୍ ଉତ୍ତର କିମ୍ବା ପୂର୍ବ ଦିଗରେ ଯେପରି ରହିବ ତା ଉପରେ ଧ୍ୟାନ ଦେବା ଉଚିତ୍ । ଯଦି ବାଥରୁମ ପାଣି ଦକ୍ଷିଣ ବା ପଶ୍ଚିମ ଆଡ଼କୁ ବହୁଛି ତେବେ ଏଥିରେ ଘରେ ଅଶାନ୍ତି ସୃଷ୍ଟି ହୋଇଥାଏ ।

**ଦ୍ୱାର ଆଡକୁ ମୁହଁ କରି ଦର୍ପଣ ରଖନ୍ତୁନି :** ଯଦି ବାଥରୁମରେ ଦର୍ପଣ ଲଗାଉଛନ୍ତି ତେବେ ଏହାକୁ ଦ୍ୱାର ଆଡକୁ ମୁହଁ କରି ଲଗାନ୍ତୁ ନାହିଁ । ବାସ୍ତୁ ଅନୁସାରେ ଏପରି କରିବା ଫଳରେ ଘରର ଖୁସି ସ୍ଥାୟୀ ରୂପରେ ରହିନଥାଏ ।

**ଦକ୍ଷିଣ-ପୂର୍ବ ଦିଗରେ ଲଗାନ୍ତୁନି ଗେଜେଟ:** ବାଥରୁମରେ ଗିଜର ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ଗେଜେଟକୁ ଦକ୍ଷିଣ-ପୂର୍ବ ଦିଗରେ ଲଗାନ୍ତୁନି । ଏଥିରେ ନେଗେଟିଭ ଶକ୍ତି ଦୂର ହେବ ନାହିଁ ।



## ଗୃହିଣୀଙ୍କ ନିମନ୍ତେ ଟିପ୍ସ

ସକାଳ ପହରରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୃହିଣୀଙ୍କୁ ଘରର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ । ଏସବୁ ଭିତରେ ସେମାନେ ନିଜ ପ୍ରତି ଧ୍ୟାନ ଦେବାକୁ ସମୟ ପାଆନ୍ତିନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ଗୃହିଣୀଙ୍କ ମୁଖ୍ୟ ସମସ୍ୟା ହେଲା ଓଜନ ବଢ଼ିବା ସମସ୍ୟା । ଏଥିରୁ ମୁକୁଳିବାର ସହଜ ଘରୋଇ ଉପଚାର ମାନ ହେଲା-

- ଦିନର ଆରମ୍ଭ ଫଳ ଖାଇ କରନ୍ତୁ । କଦଳୀ, ସେଓ ଅବା ଡାଳିମ୍ବ ଏସବୁ ଫଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶୀଘ୍ର ଥକ୍କା ଲାଗିନଥାଏ ।
- ନିଜ ପାଇଁ ଯେପରି ହେଲେ ପ୍ରତିଦିନ ୩୦ମିନିଟ୍‌ରୁ ୧ଘଣ୍ଟା ସମୟ ବାହାର କରନ୍ତୁ । ଏଇ ସମୟରେ ଧ୍ୟାନ, ଯୋଗ କିମ୍ବା ପ୍ରାଣାୟମ



ନଚେତ ପାଖରେ ଥିବା ପାର୍କରେ ଚଲାବୁଲା କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କୁ ଫୂର୍ତ୍ତି ଲାଗିବ ।

- ତେଲ- ଛଣାଛଣି ଖାଇବାର ଅଭ୍ୟାସଠାରୁ ଦୂରେଇବା ସହ ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।
- ମାସକୁ ଥରୁଟିଏ ଅନ୍ତତଃ ପାର୍ଲର ଯାଇ ଫେସିଆଲ କରାନ୍ତୁ ।
- ଖାଦ୍ୟ ପାନୀୟରେ ନିଜେ ସତର୍କ ହେବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ ସତର୍କ କରାଇବା ହି ଆପଣଙ୍କର ମୁଖ୍ୟ କର୍ତ୍ତବ୍ୟ । ଓଜନ କମ କରିବାକୁ ଚାହୁଁଥିଲେ ପ୍ରଥମେ ଚିନି ଖାଇବା ବନ୍ଦ କରନ୍ତୁ । ଏହା ପରିବର୍ତ୍ତେ ଗୁଡ଼, ମହୁ ଇତ୍ୟାଦିର ଉପଯୋଗ କରିପାରିବେ ।
- ଦ୍ୱିପହର ଭୋଜନ ଅବା ରାତ୍ରି ଭୋଜନରେ ସାଲାଡ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏପରି କଲେ ଆପଣଙ୍କ ଓଜନ ମଧ ନିୟନ୍ତ୍ରିତ ହୋଇଥାଏ ।

## ‘ୱାର୍କ ଫ୍ରମ୍ ହୋମ୍’ ବେଳେ ଭୁଲନ୍ତୁ ନାହିଁ

ଯଦି ସକାଳୁ ସକାଳୁ ନିଦ ଭାଙ୍ଗିବା ମାତ୍ରେ କପେ ଚା’ ମିଳିଯାଆନ୍ତା, ଆଉ କିଛି ସମୟ ପରେ ଅଫିସ୍ ନ ଯାଇ ବେଡ୍‌ରେ ବସି ଅଫିସ୍‌ର ସମସ୍ତ କାମ କରିପାରନ୍ତେ । ଖୁବ୍ ଭଲ ହୁଅନ୍ତା ନା ! ଏଥିପାଇଁ ୨୦ ପ୍ରତିଶତ କମ୍ ଦରମା ମିଳିଲେ ବି ଯୁବପିଢ଼ିଙ୍କର ଚିନ୍ତା ନାହିଁ । ଏହାର କାରଣ ହେଲା, ଆମେ ଅଫିସ୍ ଯିବା ଆସିବାରେ ସପ୍ତାହକୁ ୧୦ ଘଣ୍ଟା ନଷ୍ଟ କରିଥାଉ । ତେବେ ଏପରି ସୁବିଧା ପାଇବା କ’ଣ ସମ୍ଭବ ? ଘରେ ବସି କାମ କରିବା ଦ୍ୱାରା କ’ଣ ଆପଣଙ୍କ କ୍ୟାରିଅରକୁ ଆଗେଇ ନେଇ ପାରିବେ ? ହଁ, ଆପଣ ଯଦି ନିମ୍ନ କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ଦିଅନ୍ତି । ତେବେ ସବୁ କିଛି ସମ୍ଭବ ହୋଇ ପାରିବ ।



### ବସ୍‌ଙ୍କ ସହ କଥା ହୁଅନ୍ତୁ:

ପ୍ରଥମେ ନିଜ କମ୍ପାନିର ପଲିସିରେ ‘ୱାର୍କ ଫ୍ରମ ହୋମ୍’ ସୁଯୋଗ ଅଛି କି ନା ଜାଣନ୍ତୁ । ଏହା ପରେ କମ୍ପାନିର ମ୍ୟାନେଜର୍‌ଙ୍କ ସହ ଏ ବିଷୟରେ କଥା ହୁଅନ୍ତୁ । ବହୁ କମ୍ପାନିର ସୁପରଭାଇଜର୍ ଏହି ମଞ୍ଜୁରୀ ଦେବାକୁ ରାଜି ହୋଇ ନଥାନ୍ତି । ଆପଣ ତାଙ୍କୁ ନିଜ ଟାଇମ୍‌ଲାଇନ୍ ଓ ଟାରଗେଟ୍‌କୁ ନେଇ କେବେ ହେଲେ ଅବହେଳା କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦିଅନ୍ତୁ । ଏପରି କରିବା ଦ୍ୱାରା ହୁଏତ ଆପଣଙ୍କ ଉପରେ ତାଙ୍କର ଭରସା ବଢ଼ିପାରେ । ଅଫିସ୍ କାମ ମଝିରେ ଯଦି କୌଣସି ବ୍ୟକ୍ତିଗତ କାମ କରିବାକୁ ଥାଏ, ତେବେ ଏ ବିଷୟରେ ଆପଣ ବସ୍‌ଙ୍କୁ ଅବଗତ କରନ୍ତୁ ।

### କାମ ପାଇଁ ଜାଗା ପ୍ରସ୍ତୁତ କରନ୍ତୁ:



ଶାନ୍ତିରେ ବସି କାମ କରିବା ପାଇଁ ଅଫିସ୍‌ର ସମସ୍ତ ସୁବିଧା ସୁଯୋଗ ଓ ଅଫିସିଆଲ୍ ମାହୋଲ ସୃଷ୍ଟି କରନ୍ତୁ । ଏପରି ବାତାବରଣରେ ସୃଷ୍ଟି କରିପାରିଲେ କାମ କରିବା ଆପଣଙ୍କ ପାଇଁ ସହଜ ହୋଇଥାଏ ।

### ଅଶାନ୍ତିକର ପରିବେଶରୁ ନିଜକୁ ରକ୍ଷା କରନ୍ତୁ:

‘ୱାର୍କ ଫ୍ରମ୍ ହୋମ୍’ କରିବା ବେଳେ ଘରର କୌଣସି ସଦସ୍ୟ ବା ପିଲାମାନେ ଯେପରି ହଇରାଣ ନ କରନ୍ତି ତା’ ପ୍ରତି ଧ୍ୟାନ ଦିଅନ୍ତୁ । କାମ ଉପରେ ଦୃଷ୍ଟି ନିକ୍ଷେପ କରିବା ପାଇଁ ଫେସ୍‌ବୁକ୍, ଫୋନ୍ ଓ ଟିଭି ଆଦିକୁ ବନ୍ଦ କରିଦେବା ହିଁ ଠିକ୍ ହେବ । କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଅଫିସ୍ ଲାପ୍‌ଟପ୍ ବା ସଫ୍ଟୱେର୍ ବ୍ୟବହାର କରନ୍ତୁ ।

### କାମର ସମୟ ସ୍ଥିର କରନ୍ତୁ:

ନିୟମିତ କାମ କରିବା ପାଇଁ ଏକ ରୁଟିନ୍ ତିଆରି କରନ୍ତୁ । କିଛି ଲୋକ ଘରେ ଅଫିସ୍ କାମ କରିବାକୁ ଯାଇ ନିଜ କାମ ସାରିବାରେ ବ୍ୟସ୍ତ ରୁହନ୍ତି । ଯଦି ଆପଣ କୌଣସି କଷ୍ଟସାଧ୍ୟ କାମ କରୁଥାନ୍ତି, ତେବେ ନିଜକୁ ମଲ୍ଟି ଟାସ୍କିଙ୍ଗ୍ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।

## ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ



ଏକ ଅଧ୍ୟୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଚାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । ‘କଂଜ୍ୟୁମର ରିସର୍ଚ୍ଚ’ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନାନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ସ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟାକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲି ହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟସୋଲ ସ୍ତର ବୃଦ୍ଧିପାଏ ।

# ବୁକଲେଟ୍ ଦ୍ୱାରା ବିଏମସି : ସରକାରଙ୍କ ବିଫଳତାକୁ ଟାର୍ଗେଟ୍ କଲା ବିଜେପି

## 'ଆମେ କହୁନୁ, କହୁଛି ଗଣମାଧ୍ୟମ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୩୧/୮ (ନି.ପ୍ର): ମୋଦି ସରକାର ସ୍ମାର୍ଟ ସିଟି ତାଲିକାରେ ଭୁବନେଶ୍ୱରକୁ ଅନ୍ତର୍ଭୁକ୍ତ କରିବା ସହ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ପ୍ରଦାନ କରିଛନ୍ତି । ରାଜଧାନୀ ଦେଶର ଏକ ନମ୍ବର ସ୍ମାର୍ଟ ସିଟି ହେବ ବୋଲି ପ୍ରଚାର ସର୍ବସ୍ୱ ରାଜ୍ୟ ସରକାର ଘୋଷଣା କରିଥିଲେ । ଆଜି ମଧ୍ୟ ସ୍ମାର୍ଟ ସିଟିର ବାସ୍ତବ ଚିତ୍ରରୁ ବହୁ ଦୂରରେ ରହିଯାଇଛି ରାଜଧାନୀ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ପରିତାପର ବିଷୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କ୍ଷୋଭ ପ୍ରକାଶ କରି କହିଛନ୍ତି । ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ 'ଆମେ କହୁନୁ, କହୁଛି ଗଣମାଧ୍ୟମ' ଶୀର୍ଷକ ଏକ ପୁସ୍ତକକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଉନ୍ମୋଚନ କରିଛନ୍ତି । ସ୍ମାର୍ଟ ସିଟି ମାନ୍ୟତା ପାଇଥିବା ରାଜଧାନୀ ଏବଂ ରାଜଧାନୀବାସୀଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସମ୍ବାଦପତ୍ର ଓ ଗଣମାଧ୍ୟମରେ ପ୍ରକାଶ ପାଇଥିବା ସମ୍ବାଦକୁ ନେଇ ଏହି ପୁସ୍ତକ ପ୍ରକାଶିତ ହୋଇଛି । ବିଶେଷ ଭାବେ ରାସ୍ତାଘାଟ, ଡ୍ରେନେଜ ଅବ୍ୟବସ୍ଥା, ଅସରାଏ ବର୍ଷା ହେଲେ ରାଜଧାନୀରେ କୃତ୍ରିମ ବନ୍ୟା ସୃଷ୍ଟି ହେବା, ଡେଙ୍ଗୁ ରୋଗ ସମସ୍ୟା ଆଦି ବିଭିନ୍ନ ସମସ୍ୟାକୁ ଆଧାର କରି ବିଭିନ୍ନ ସମୟରେ ଗଣମାଧ୍ୟମ ଓ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିବା ତଥ୍ୟକୁ ଆଧାର କରି ଏହି ପୁସ୍ତକଟି ପ୍ରସ୍ତୁତ କରାଯାଇଛି । ରାଜଧାନୀବାସୀଙ୍କ ପ୍ରତି ରାଜ୍ୟ ସରକାର ଏବଂ ଭୁବନେଶ୍ୱର ମହାନଗର ନିଗମ ଯେଉଁ ଭଳି ଭାବେ ଅବହେଳା ପ୍ରଦର୍ଶନ କରୁଛନ୍ତି, ଏହି ପୁସ୍ତକ ମାଧ୍ୟମରେ ରାଜ୍ୟ ସରକାର ଓ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅବହେଳା ପ୍ରସଙ୍ଗରେ ରାଜଧାନୀବାସୀଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲା ସଭାପତି ବାବୁ ସିଂ ସୂଚନା ଦେଇ କହିଛନ୍ତି । ଆସନ୍ତା କାଲି ସ୍ୱାୟତ ଶାସନ ଦିବସ । ରାଜଧାନୀ ଭୁବନେଶ୍ୱରବାସୀଙ୍କ ପାଇଁ ଗତ ୨୧ବର୍ଷ ଶାସନରେ ରାଜ୍ୟ ସରକାର କଣ ବିକାଶମୂଳକ କାର୍ଯ୍ୟ କରିଛନ୍ତି, ତାହା ସ୍ପଷ୍ଟ କରିବାକୁ ସେ ଦାବୀ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଣ୍ଟିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ରାଜ୍ୟ ଗଣମାଧ୍ୟମ ବିଭାଗର ସୁଜିତ୍ କୁମାର ଦାସ୍, ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଛୋଟରାୟ, ଦିଲ୍ଲୀପ ବେହେରା ଓ ଅଭିଷେକ ଆଚାର୍ଯ୍ୟ, ଆଇଟି ସେଲ୍ ସଂଯୋଜକ ରଶ୍ମୀରଂଜନ କାନୁନଗୋ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି, ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ଜିଲ୍ଲା ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂଙ୍କ ସମେତ ବହୁ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଜନ୍ମାଷ୍ଟମୀରେ କଳ୍ପବୃକ୍ଷ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୩୧/୮ (ନି.ପ୍ର): ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଅର୍ଥାତ୍ ପବିତ୍ର ଜନ୍ମାଷ୍ଟମୀରେ ସହରଠୁ ଧରି ପୁରପଲ୍ଲୀ ପର୍ଯ୍ୟନ୍ତ ଉତ୍ସବ ମୁଖର ପରିବେଶ ଦେଖିବାକୁ ମିଳିଥିଲା । ସବୁଠି ମହାପ୍ରଭୁଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ବେଳେ ରାଜଧାନୀ ଭୁବନେଶ୍ୱରର କିଛି ବୃକ୍ଷପ୍ରେମୀ ଓ ପରିବେଶବିତ୍ ଏକତ୍ରିତ ହୋଇ ଭଗବାନଙ୍କ ଜନ୍ମ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଏକାମ୍ରକ୍ଷେତ୍ରର ଐତିହ୍ୟ ସମ୍ପନ୍ନ ଦୟାନଦୀ କୂଳରୁ ଏହି ପୂଣ୍ୟତିଥିରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଛି କଳ୍ପବୃକ୍ଷ ଅଭିଯାନ । ଏ ସମ୍ପର୍କରେ ଶ୍ରୀ ସାହୁ କୁହନ୍ତି ସମ୍ପ୍ରତି ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖାଦେଇଛି ଅନେକ ସମସ୍ୟା ଯଥା-ବିଶ୍ୱତାପନ, ଅମ୍ଳଜାନ ପରିମାଣ ହ୍ରାସ, ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ ପରି ସୃଷ୍ଟି ହେଉଛି ଅନେକ ସମସ୍ୟା । ପରିବେଶ ସୁରକ୍ଷା ପାଇଁ ବହୁବର୍ଷ ଧରି ବଂଚୁଥିବା ଏହି ଅକ୍ଷୟ ବର ଓ ଅଶ୍ୱତ୍ଥ ବର୍ତ୍ତମାନ ପରିସ୍ଥିତି ପାଇଁ ନିତାନ୍ତ ଜରୁରୀ । ବୈଜ୍ଞାନିକମାନେ ଗବେଷଣା କରି ପାଇଛନ୍ତି ଗୁଳ୍ମ ମଧ୍ୟରେ ତୁଳସୀ ଓ ଦ୍ରୁମ ମଧ୍ୟରେ ଅଶ୍ୱତ୍ଥ ଓ ବର ସର୍ବାଧିକ ଅମ୍ଳଜାନ ପ୍ରଦାନ କରିଥାନ୍ତି । ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ ରଖିବା ଦିଗରେ ବର ଓ ଅଶ୍ୱତ୍ଥ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁଗେ ଯୁଗେ ଏହି ବୃକ୍ଷ ଆମର ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ସହାୟ ହୋଇଆସିଛି । ଏହା ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ଛାୟା ତଳେ ବିଭିନ୍ନ ଧାର୍ମିକ ଓ ଶୁଭକାର୍ଯ୍ୟ ସମ୍ପନ୍ନ ହୋଇଥାଏ । ପୁରାଣ କହେ ଏ ବୃକ୍ଷ ସ୍ୱର୍ଗରେ ଥିଲା । ପୃଥିବୀକୁ ଆସି ତା ନାମ କଳ୍ପବଟ ହୋଇଗଲା । ଯଥାର୍ଥରେ ସୃଷ୍ଟିକର୍ତ୍ତାଙ୍କର ଏହା ଏକ ଅମୂଲ୍ୟ ବରଦାନ । ଏହା ମଧ୍ୟ ଅନେକ ରୋଗର ମହୌଷଧି । ସମ୍ପ୍ରତି ଏହି ବୃକ୍ଷର ସୁରକ୍ଷା ସହ ବ୍ୟାପକ ପରିମାଣରେ ରୋପଣ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ତେବେ ଯାଇ ଆମେ ଏକ ସୁନ୍ଦର, ସବୁଜ ଓ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରିପାରିବା ।

# ଓଡ଼ିଶା ଶିକ୍ଷକ ସଂଘର ପୁନର୍ଗଠନ

ଭୁବନେଶ୍ୱର,୩୧/୮ (ନି.ପ୍ର): ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନଠାରେ ପୂର୍ବତନ ରାଜ୍ୟ କନିଷ୍ଠ ଶିକ୍ଷକ ସଂଘର ସଭାପତି ଶ୍ରୀ ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ସମସ୍ତ ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘର ସଭାପତି ଓ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ରାଜ୍ୟ କନିଷ୍ଠ ଶିକ୍ଷକ ସଂଘର ପୁନର୍ଗଠନ କରାଗଲା । ସର୍ବସମ୍ମତିକ୍ରମେ ଅକ୍ଷୟ କୁମାର ପାଢୀ (ସଭାପତି), ନେତ୍ରାନନ୍ଦ ପ୍ରଧାନ (ସମ୍ପାଦକ), ଆଦିତ୍ୟ ନାରାୟଣ ସ୍ୱାଇଁ (ମହାସଚିବ), ଗୁଲସନ ପଣ୍ଡା (କୋଷାଧ୍ୟକ୍ଷ) ରଶ୍ମିରଞ୍ଜନ ସାହୁ, ଆକାଶ ପଣ୍ଡା (ରାଜ୍ୟ ସଂଯୋଜକ), ସୂୟାସୁ ସତ୍ୟପ୍ରଜ୍ଞ ଶତପଥୀ, ସୌମ୍ୟରଞ୍ଜନ ପ୍ରଧାନ, ରକେଶ କୁମାର ପ୍ରଧାନ, ସୁଶାନ୍ତ କୁମାର ଜେନା (କାର୍ଯ୍ୟକାରୀ ସଭାପତି), ଭାଗ୍ୟବାନ ଝାଙ୍କର, ଶୁଭସ୍ମିତା ଷଡ଼ଙ୍ଗୀ, ବିକ୍ରମ ବେହେରା, ଅଭିଶେକ ପଣ୍ଡା (ଉପସଭାପତି), ରଶ୍ମିନାରାୟଣ ମଲ୍ଲିକ, ସଚିନ ସେଠ୍, ସଞ୍ଜୟ ବେହେରା, ସ୍ୱାତି ସାଗରିକା ତ୍ରିପାଠୀ, ଚନ୍ଦନ କୁମାର ବେହେରା (ଯୁଗ୍ମ ସମ୍ପାଦକ), ତିରୁପତି ମେହେର, କୋଦଣ୍ଡ ନାୟକ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଶିବଶଙ୍କର ପଣ୍ଡା, ପିଣ୍ଟୁ କୁମାର ଭୋଇ, ଦେବପ୍ରସାଦ ସାହୁଙ୍କୁ (କାର୍ଯ୍ୟକାରୀ ସମ୍ପାଦକ) ଭାବେ ଚୟନ କରାଗଲା । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଗଲା ।

# ଶ୍ରାବଣୀ ପର୍ବ ଉଦ୍‌ଯାପିତ

ଭୁବନେଶ୍ୱର, ୩୦ ଅଗଷ୍ଟ - ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଶ୍ରାବଣୀ ଉତ୍ସବ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଉଦ୍‌ଯାପିତ ହୋଇଯାଇଛି ।

ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ କହିଲେ ଯେ, ମହର୍ଷି ଦୟାନନ୍ଦ ହିନ୍ଦୁଧର୍ମରେ ଯେଉଁ ସଂସ୍କାରର ବାର୍ତ୍ତା ଦେଇଛନ୍ତି ତାର ଆବଶ୍ୟକତା ବର୍ତ୍ତମାନ ସମାଜରେ ମଧ୍ୟ ରହିଛି । ଯଜ୍ଞ ଦ୍ୱାରା ପରିବେଶର ବିଶୋଧନ ହୋଇଥାଏ ଯାହା ବିଜ୍ଞାନ ସମ୍ମତ । ବେଦକୁ ସରଳ ଭାଷାରେ ସାଧାରଣ ଜନତାଙ୍କ ନିକଟରେ ପହଂଚାଇବାରେ ମହର୍ଷି ଦୟାନନ୍ଦଙ୍କ ଅବଦାନକୁ ମଣିଷ ସମାଜ ଭୁଲିପାରିବ ନାହିଁ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ପୂର୍ବତନ ନଗରପାଳ ଡ଼ାକ୍ତର ଜଗନ୍ନାଥ ମହାପାତ୍ର ଆଜିର ଯୁବପିଢୀଙ୍କ ଭିତରେ ଆଧ୍ୟାତ୍ମ ଜାଗରଣ ପାଇଁ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ । ବିଶିଷ୍ଟ ଅତିଥି ପ୍ରଫେସର ସଂଘମିତ୍ରା ମିଶ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ, କରୋନା ମହାମାରୀ ଆମକୁ ଏକ ବଡ଼ ଶିକ୍ଷା ଦେଲା, ସବୁର ଉପରେ ଜଣେ ଅଛନ୍ତି, ସେ ବିଶ୍ୱକୁ ନିୟନ୍ତ୍ରଣ କରୁଛନ୍ତି । ଏହାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିନୋଦ ବିହାରୀ ଦାସ ସ୍ୱାଗତ ଭାଷଣ ଓ ଓମ୍ ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରାବଣୀ ପର୍ବ ଅବସରରେ ଡଃ ମନୋଜ ଲେଙ୍କା, ବନବିହାରୀ ମହାନ୍ତି, ଇଂ ବିବେକାନନ୍ଦ ପାତ୍ର, ପ୍ରଭାତ କୁମାର ପାଣିଗ୍ରାହୀ, ନଳିନୀକାନ୍ତ ରାଉତ ଓ ଜଳଧର ପ୍ରଧାନଙ୍କ ଘରେ ଅଗ୍ନିହୋତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆସେଟ୍ ମନିଟାଇଜେସନ ପଲିସି ନାଁରେ ଦେଶର ସଂପତ୍ତି ବିକିଛନ୍ତି ମୋଦି : କଂଗ୍ରେସ

ଭୁବନେଶ୍ୱର,୩୧/୮ (ନି.ପ୍ର): ମୋଦି ସରକାରଙ୍କର ମିଛ ବିକ୍ରୀ ପରେ ଏବେ ଦେଶର ସଂପତି ବିକ୍ରୀ ପର୍ବ ଆରମ୍ଭ ହେଲା । ଦେଶର ବିକାଶ ନାଁରେ ଗୁଡ଼ାଏ ମିଛ କହି ବିଗତ ୭ବର୍ଷ ଭିତରେ କେବଳ ବିନାଶର ପ୍ରକ୍ରିୟା ସୃଷ୍ଟି ହୋଇଛି । ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ, ମୁଖପାତ୍ର ରଜନୀ ମହାନ୍ତି ଓ ପ୍ରଶାନ୍ତ ଶତପଥିଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀ ଜରିଆରେ କେନ୍ଦ୍ର ସରକାରଙ୍କ ଆସେଟ ମନିଟାଇଜେସନ ପାଇପଲାଇନ ନାମରେ ରାଷ୍ଟ୍ରୀୟ ସଂପତି ବିକ୍ରୀକୁ କଡା ନିନ୍ଦା ଓ ସମାଲୋଚନା କରିଥିଲେ । ଏହି ଦୀର୍ଘ ବର୍ଷ ଭିତରେ କେନ୍ଦ୍ର ସରକାରଙ୍କ ବ୍ୟତୀତ ରାଜ୍ୟ ସୃଷ୍ଟି କରିଥିବା ସଂପତି ବିକ୍ରୀ ପାଇଁ ମୋଦି ସରକାର ଆସେଟ ମନିଟାଇଜେସନ ପାଇପଲାଇନ ଘୋଷଣା ନିଷ୍ପତି କରିଛନ୍ତି । ଏଥିରେ ସମୁଦ୍ର ପଥ, ବନ୍ଦର, ବିମାନ ବନ୍ଦର, ଜାତୀୟ ରାଜପଥ, ବିଦ୍ୟୁତ ସରବରାହ ବ୍ୟବସ୍ଥା, ପାର୍କିଂ, ପାନ୍ଥନିବାସ ଓ ଅନେକ ସରକାରୀ ଉଦ୍ୟୋଗ ଓ ମୂଲ୍ୟବାନ ଜମି ରହିଛି । ଓଡ଼ିଶାର ଗର୍ବ ଓ ଗୌରବ ତଥା ଓଡ଼ିଶାର ଅବଦାନରେ ତିଆରି ପାରଦ୍ୱିପ ବନ୍ଦର, ବିଜୁ ପଟ୍ଟନାୟକ ଆର୍ନ୍ତଜାତୀୟ ବିମାନ ବନ୍ଦର ଏବଂ ଅନେକ ପର୍ଯ୍ୟଟନସ୍ଥଳୀ ଏହି ସଂପତି ବିକ୍ରୀ ପ୍ରକ୍ରିୟାର ଅନ୍ତର୍ଭୁକ୍ତ । ଏ ବାବଦରେ କେନ୍ଦ୍ର ସରକାର ୬ ଲକ୍ଷ କୋଟି ଟଙ୍କା ଆସନ୍ତା ୪ ବର୍ଷରେ ପାଇବା ପାଇଁ ଲକ୍ଷ ଧାର୍ଯ୍ୟ କରିଛନ୍ତି । ଅର୍ଥାତ ବର୍ଷକୁ ମୋଦି ସରକାର ମାତ୍ର ଦେଢ଼ ଲକ୍ଷ କୋଟି ଟଙ୍କା ପାଇଁ ଭାରତୀୟ ରେଳପଥର ୪୦୦ ଷ୍ଟେସନ, ୯୦ ଯାତ୍ରୀବାହୀ ଟ୍ରେନ, ୧୫ଟି ରେଳ ଷ୍ଟାଡିୟମ, ୭୪୧ କି.ମି. କୋଙ୍କଣ ରେଲୱେ, ୧୪୦୦ କି.ମି. ରେଳ ଟ୍ରାକ, ୨୬୭୦୦ ଜାତୀୟ ରାଜମାର୍ଗ (ସଡ଼କପଥ), ୨୫ଟି ବିମାନ ବନ୍ଦର ଏବଂ ତତ୍‌ସଂଲଗ୍ନ ସଂପତି, ବିଦ୍ୟୁତ ବିତରଣ ପାଇଁ ଥିବା ୨୮୬୦୦ ସର୍କିଟ କି.ମି., ୪୦୦ କେଭି ଏବଂ ତାଠାରୁ ଅଧିକ କ୍ଷମତା ଥିବା ପାୱାର ଗ୍ରୀଡ଼, ୧୬୦ଟି କୋଇଲା ଖଣି, ବିଏସଏନଏଲ ଏବଂ ବିବିଏନଏଲ ର ୨ଲକ୍ଷ ୮୬ ହଜାର କିଲୋମିଟର ଅପ୍ଟିକାଲ ଫାଇବର ଏବଂ ଗ୍ରାମାଂଚଳ ପାଇଁ ଉର୍ଦ୍ଦିଷ୍ଟ ଥିବା ଭାରତ ନେଟୱାର୍କର ବ୍ରଡବ୍ୟାଣ୍ଡ ସେବା ଓ ତା ସହିତ ହଜାର ହଜାର ମୋବାଇଲ ଟାୱାର ଏବଂ ଦେଶର ସମସ୍ତ ବଡ଼ ବଡ଼ ବନ୍ଦର, ପଣ୍ୟାଗାର ଇତ୍ୟାଦି ବହୁମୂଲ୍ୟ ସଂପତିକୁ ବିକ୍ରୀ କରିବାକୁ ବସିଛନ୍ତି । ମୋଦି ସରକାରଙ୍କ ଏ ସଂପତି ବିକ୍ରୀ ନିଷ୍ପତିକୁ କଂଗ୍ରେସ ଦଳ ତରଫରୁ ଦୃଢ଼ ନିନ୍ଦା କରାଯିବା ସହିତ ଏ ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଦାବି କରାଯାଉଛି । ମୋଦି ସରକାରଙ୍କ ଅପରିଣାମଦର୍ଶୀତା ପାଇଁ ବିମୁଦ୍ରାୟନ ପରଠାରୁ ବିପର୍ଯ୍ୟୟ ଆରମ୍ଭ ହେଲା । ପ୍ରଥମେ ଅବ୍ୟବହୃତ ସଂପତି କଥା କହି ଦେଶର ସମସ୍ତ ମୂଲ୍ୟବାନ ସଂପତି ବିକ୍ରୀ ହେବାର ବ୍ୟବସ୍ଥା କରାଯାଇଛି । ଦେଶର ବୈଦେଶିକ ମୁଦ୍ରା, ପେନସନ ଫଣ୍ଡ, କେନ୍ଦ୍ରସରକାର ପରିଚାଳିତ ବୀମା ଫଣ୍ଡ, ରଜିର୍ଭ ବ୍ୟାଙ୍କ ଓ ବିଭିନ୍ନ ବ୍ୟାଙ୍କରେ ଅବ୍ୟବୃତ ପାଣ୍ଠି ରହିଛି । ସବୁଠାରୁ ବଡ଼ କଥା ହେଉଛି ଦେଶର ଏ ସଂପତି ଲୋକଙ୍କ ଠାରୁ ଆଦାୟ ପ୍ରଭୃତ ଅର୍ଥ- କର (ଟ୍ୟାକ୍ସ / ସେସ୍) ରେ ତିଆରି ହୋଇଚାଲିଥିଲା । ପେଟ୍ରୋଲ ଡିଜେଲ ଉପରୁ ବାର୍ଷିକ ରୋଡ ସେସ୍ ବାବଦରେ ୪ଲକ୍ଷ କୋଟି ଟଙ୍କାରୁ ଅଧିକ ଆଦାୟ ହେଉଛି । ରାଷ୍ଟ୍ରୀୟ ସଂପତି ସୃଷ୍ଟି ସର୍ବଦା ଗ୍ରହଣୀୟ କିନ୍ତୁ ରାଷ୍ଟ୍ରୀୟ ସଂପତି ବିକ୍ରୀ ସବୁବେଳେ ବର୍ଜନୀୟ । ସମଗ୍ର ଦେଶର ବହୁ ମୂଲ୍ୟ ସଂପତିକୁ ଶାଗମାଛ ମୂଲରେ ବିକିବା ପାଇଁ ମୋଦି ସରକାରଙ୍କ ନିଷ୍ପତି ତାଙ୍କର ବୌଦ୍ଧିକ ଦେବାଳିଆ ପଣକୁ ସାବ୍ୟସ୍ତ କରୁଛି । କେନ୍ଦ୍ର ସରକାର ନେଇଥିବା ସମସ୍ତ ସଂପତି ବିକ୍ରୀ ତାଲିକା ଓ ଏ ସଂପର୍କରେ ରାଜ୍ୟ ମାନଙ୍କ ସହିତ କରିଥିବା ଆଲୋଚନାକୁ ଶ୍ୱେତପତ୍ର ମାଧ୍ୟମରେ ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି ।

# ଉଠା ଜଳସେଚନ ନିଗମ ଅଧ୍ୟକ୍ଷଙ୍କ ଛତ୍ରପୁର ଓ ଭଦ୍ରକ ଗସ୍ତ

ଭୁବନେଶ୍ୱର,୩୧/୮ (ନି.ପ୍ର): ଓଡ଼ିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ଛତ୍ରପୁର ଓ ଭଦ୍ରକ ନିର୍ବାଚନମଣ୍ଡଳୀ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଗତ ୨୫ ତାରିଖରେ ଛତ୍ରପୁରର ଝାରେଡ଼ି ରାଧାଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବିଞ୍ଚଣାପାଲି ଗ୍ରାମ ଗସ୍ତ କରି ଶ୍ରୀ ପତ୍ରୀ ଗଭୀର ନଳକୂପ କ୍ଲଷ୍ଟର ପ୍ରକଳ୍ପ ପରିଦର୍ଶନ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା କୃଷକମାନେ କିପରି ଜଳସେଚନ ସୁବିଧା ପାଇପାରୁଛନ୍ତି, ସେ ସମ୍ପର୍କରେ ଅବଗତ ହୋଇଥିଲେ । ଜଳସେଚନ ସମସ୍ୟା ସମ୍ପର୍କିତ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ସ୍ଥାନୀୟ କୃଷି ଓ ଉଠା ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ବିଭିନ୍ନ ସ୍ଥାନରେ ଥିବା ଉଠାଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯାଇ ସେଗୁଡ଼ିକ ଦ୍ୱାରା କିପରି ଅଧିକ ଜମିକୁ ଜଳସେଚିତ କରାଯାଇ କୃଷକମାନେ ଅଧିକ ଲାଭବାନ ହୋଇପାରିବେ, ସେ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଶ୍ରୀ ପତ୍ରୀ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଓଏଲ୍‌ଆଇସି ଅଧ୍ୟକ୍ଷ ଶ୍ରୀ ପତ୍ରୀ ୨୮ ତାରିଖରେ ଭଦ୍ରକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ସ୍ଥିତି, ରକ୍ଷଣାବେକ୍ଷଣ ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଶ୍ରୀ ପତ୍ରୀ କୃଷି କ୍ଷେତ୍ରକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ନିର୍ମାଣାଧୀନ ଉଠା ଜଳସେଚନ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା, ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବା ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଓ ଜଳସେଚନର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ପୂର୍ବତନ ଉପବାଚସ୍ପତିଙ୍କ ପତ୍ନୀ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୩୧/୮ (ନି.ପ୍ର): ପୂର୍ବତନ ଉପବାଚସ୍ପତି ପ୍ରହଲ୍ଲାଦ ଦୋରାଙ୍କ ଧର୍ମପତ୍ନୀ ରତ୍ନମାଳା ନାଏକଙ୍କ ଗତ କାଲି ରାତ୍ରି ୨.୩୦ରେ ଚିକିତ୍ସାଧୀନ ଅବସ୍ଥାରେ ନିଧନ ଘଟିଛି । ସ୍ୱର୍ଗତାଃ ନାଏକ କୋଭିଡ୍ ସଂକ୍ରମଣରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ରାଜ୍ୟ ସଭାପତି ସମୀର ମହାନ୍ତି, ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି ।

୧୯୫୨ ମସିହାରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ମୋଦୀ ନାୟକଙ୍କ ସୁକନ୍ୟା ହେଉଛନ୍ତି ସ୍ୱର୍ଗତାଃ ନାଏକ । ଭୁବନେଶ୍ୱରସ୍ଥିତ ତପୋବନ ହାଇସ୍କୁଲ ଭୁବନେଶ୍ୱରରୁ ୨୦୦୮ ମସିହାରେ ଅବସର ଗ୍ରହଣ କରିଥିବା ସ୍ୱର୍ଗତାଃ ନାଏକ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଅତ୍ୟନ୍ତ ଭଦ୍ର, ନମ୍ର, ମିଷ୍ଟଭାଷୀ ସ୍ୱର୍ଗତାଃ ନାଏକ ହାତୀ ରାମ ଗୁରୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ସଭ୍ୟା ଥିଲେ ।

ବରିଷ୍ଠ ନେତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀଙ୍କ ସମେତ ବହୁ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ସ୍ୱର୍ଗତଃ ନାଏକଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

# ହତାଶ କର୍ମୀଙ୍କ ମନୋବଳ ବଢାଇବାକୁ ମାମୁଲି ପ୍ରସଙ୍ଗ ଉଠାଉଛି ବିଜେପି : ବିଜେଡି

ଭୁବନେଶ୍ୱର,୩୧/୮ (ନି.ପ୍ର): ୨୦୧୯ ସାଧାରଣ ନିର୍ବାଚନ ଓ ପରବର୍ତ୍ତୀ ଉପନିର୍ବାଚନଗୁଡ଼ିକରେ ଲଗାତାର ପରାଜୟ ଯୋଗୁଁ ଓଡ଼ିଶା ବିଜେପି ନେତା ଓ କର୍ମୀମାନଙ୍କ ମନୋବଳ ଭାଙ୍ଗିବା ସହିତ ସେମାନେ ହତୋତ୍ସାହିତ ହୋଇ ପଡ଼ିଛନ୍ତି । ସେମାନଙ୍କୁ ଉତ୍ସାହିତ କରିବା ସହିତ ଓଡ଼ିଶା ବିଜେପି ପ୍ରତିଦିନ ଗଣମାଧ୍ୟମରେ ତିଷ୍ଠି ରହିବାପାଇଁ ଅତି ମାମୁଲି ପ୍ରସଙ୍ଗ ଉଠାଉଛି ଯାହା ରାଜନୈତିକ ଦୃଷ୍ଟି କୋଣରୁ ଆଦୌ ପ୍ରାସଙ୍ଗିକ ନୁହେଁ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ରାଜ୍ୟ ବିଜେପି ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ ଭୁବନେଶ୍ୱର ସ୍ମାର୍ଟ ସିଟି ଭାରତର ଅନ୍ୟ ବିଜେପି ଶାସିତ ସହର ତୁଳନାରେ ବିକଶିତ ଓ ବହୁ ଭଲ ପରିଚାଳିତ ।

# 'କଳିଙ୍ଗରାଜ'କୁ ସୁହାଉଛି କମ୍ ବର୍ଷା : ମକାର ରେକର୍ଡ ଉତ୍ପାଦନ ଆଶା



ଭୁବନେଶ୍ୱର,୩୧/୮ (ନି.ପ୍ର): ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଏ ବର୍ଷ ଧାନ ଉତ୍ପାଦନ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି । କିନ୍ତୁ ଅନ୍ୟ ଦିଗରେ ବର୍ଷା ଋତୁରେ ଅପେକ୍ଷାକୃତ କମ୍ ବର୍ଷା ଯୋଗୁଁ ମକା ଉତ୍ପାଦନ ରେକର୍ଡ କରିବ ବୋଲି କହିଛନ୍ତି ଓୟୁଏଟି କୃଷି ବିଶେଷଜ୍ଞ ଅମରେଶ ଖୁଣ୍ଟିଆ । ଓୟୁଏଟି ପକ୍ଷରୁ ବିକଶିତ କରାଯାଇଥିବା ମକାର ହାଇବ୍ରିଡ୍ କିସମ 'କଳିଙ୍ଗରାଜ' ଚାଷୀଙ୍କୁ ଲାଭ ଦେବ ବୋଲି ସେ କହିଛନ୍ତି ।

ରାଜ୍ୟର ପାହାଡ଼ିଆ ଏବଂ ଡିପ ଜମି ଥିବା ୧୬ଟି ଜିଲ୍ଲା ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟନା, ନୂଆପଡ଼ା, ଗଜପତି, ଫୁଲବାଣୀ, ବୌଦ୍ଧରେ ମକା ଉତ୍ପାଦନ ସର୍ବାଧିକ ହୁଏ । ବର୍ତ୍ତମାନ ଅନ୍ୟ ଅଞ୍ଚଳରେ ମଧ୍ୟ ମକା ପ୍ରତି ଆଗ୍ରହ ବଢ଼ିଲାଣି । ସୂଚନା ଅନୁଯାୟୀ ଚଳିତ ବର୍ଷ ରାଜ୍ୟରେ ୧୦୦ ହେକ୍ଟର ଅଞ୍ଚଳରେ କଳିଙ୍ଗରାଜ ବିହନ ମକା ଚାଷ କରିଛନ୍ତି ଚାଷୀ । ବର୍ତ୍ତମାନର ପାଣିପାଗରେ ଏହା ଭଲ ବଢୁଛି । ଖରିଫ୍‌ରେ ମକା ଉତ୍ପାଦନ ସେତେ ଅଧିକ ନହେଲେ ମଧ୍ୟ ନଭେମ୍ବର ମାସରେ ଏହାର ଅମଳ ହେକ୍ଟର ପିଛା ୫୦ କ୍ୱିଣ୍ଟାଲରୁ ଅଧିକ ହେବ ନେଇ ଆଶା ରହିଛି । କଳିଙ୍ଗରାଜ ସଫଳ ହେଲେ ଓୟୁଏଟି ପକ୍ଷରୁ ଏହାର ବିହନ ବିକ୍ରି ପାଇଁ ମଧ୍ୟ ଯୋଜନା କରାଯାଉଛି । ଏଭଳି ହେଲେ ଚାଷୀ ଲାଭାନ୍ୱିତ ହେବେ ଏବଂ ବିହନ କ୍ରୟ ହେଲେ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଆଶା କରାଯାଉଛି ।

# ଅନନ୍ତ ମହାପାତ୍ର ଓ କୁମ୍‌କୁମ୍ ମହାନ୍ତିଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

ଭୁବନେଶ୍ୱର,୩୧/୮ (ନି.ପ୍ର): ୨୦୧୯ ବର୍ଷ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ବିଶିଷ୍ଟ ନାଟ୍ୟକାର ତଥା ମଂଚନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଓ ୨୦୨୦ ବର୍ଷ ପାଇଁ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ସେମାନଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ସହିତ ଅଙ୍ଗବସ୍ତ୍ର, ପ୍ରଶସ୍ତିପତ୍ର ଓ ବୃକ୍ଷଚାରା ପ୍ରଦାନ କରାଯାଇଥିଲା । ସେହିପରି ପ୍ରଥମ ଥର ପାଇଁ ପ୍ରବର୍ତ୍ତିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ ନିମନ୍ତେ ପଦ୍ମଶ୍ରୀ ଡ. ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ୨୦୧୯ ବର୍ଷ ପାଇଁ ସୁନନ୍ଦା ସମ୍ମାନ ଡ. ରଘୁନାଥ ସାହୁ ଓ ୨୦୨୦ ବର୍ଷ ପାଇଁ ଶ୍ରୀମତୀ ବନ୍ଦିତା ରାୟଙ୍କୁ ପ୍ରଦାନ କରାଯାଇଛି । ଏଥି ସହିତ ଲବ୍ଧପ୍ରତିଷ୍ଠିତ ଗୀତିକାର ସ୍ୱର୍ଗତ ସାରଦା ପ୍ରସନ୍ନ ନାୟକଙ୍କ ସ୍ମୃତିରେ ପ୍ରବର୍ତ୍ତିତ ସାରଦା ଗୀତିକବିତା ସମ୍ମାନ ୨୦୧୯ ବର୍ଷ ପାଇଁ ବିନୋଦ କୁମାର ପଶାୟତ ଓ ୨୦୨୦ ବର୍ଷ ପାଇଁ ଡ. ଅଲେଖ ଚନ୍ଦ୍ର ପଢ଼ିହାରୀଙ୍କୁ ପ୍ରଦାନ କରାଯାଇଛି । ସେମାନଙ୍କୁ ୨.୫ ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା । ସୋମବାର ସନ୍ଧ୍ୟାରେ ରବିନ୍ଦ୍ରମଣ୍ଡପଠାରେ ଆୟୋଜିତ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ ଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହା ବ୍ୟତୀତ ୨୦୧୯ ବର୍ଷ ନିମନ୍ତେ ଅଭିନୟ ପାଇଁ ନବକିଶୋର ଆଚାର୍ଯ୍ୟ, ଏବଂ ଶ୍ରୀମତୀ ମମତା ମହାନ୍ତି, ନାଟ୍ୟ ରଚନା ପାଇଁ ସୁଧାକର ନନ୍ଦ, ନିର୍ଦ୍ଦେଶନା ପାଇଁ ହରିହର ମିଶ୍ର, ମଂଚକଳା ପାଇଁ ପ୍ରଭାସ ଚନ୍ଦ୍ର ମିଶ୍ର, ଲୋକସଂଗୀତ ପାଇଁ ରାଧାଶ୍ୟାମ ସାହୁଶର୍ମା, ଲୋକବାଦ୍ୟ ପାଇଁ ଶଙ୍କର ପ୍ରଧାନ, ଲୋକନୃତ୍ୟ ପାଇଁ କାଳୁଚରଣ ସାହୁ, ଲୋକନାଟ୍ୟ ପାଇଁ କର୍ଣ୍ଣ ଗୌଡ଼, ଯନ୍ତ୍ର ସଂଗୀତରେ ଆନନ୍ଦ ତାଳ ପାଇଁ ଡ. ଜଗନ୍ନାଥ କୁଅଁର, ଓ ତାରବାଦ୍ୟ ପାଇଁ କୈଳାସ ଚନ୍ଦ୍ର ପାତ୍ର, ଓଡ଼ିଶୀ ନୃତ୍ୟରେ ରତିକାନ୍ତ ମହାପାତ୍ର, ଓଡ଼ିଶୀ କଣ୍ଠ ସଂଗୀତରେ ଚନ୍ଦ୍ରମଣି ଲେଙ୍କା, ସୁଗମ ସଂଗୀତରେ ପାଇଁ ତାନ୍‌ସେନ୍ ସିଂଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୨୦ ବର୍ଷ ନିମନ୍ତେ ଅଭିନୟ ପାଇଁ ଶ୍ରୀମତୀ ସୁଶୀଳା ନାୟାର ଏବଂ ବିଜୟ କୁମାର ପଟ୍ଟନାୟକ, ନାଟ୍ୟ ରଚନା ପାଇଁ ଭାସ୍କର ଚନ୍ଦ୍ର ମହାପାତ୍ର, ନିର୍ଦ୍ଦେଶନା ପାଇଁ ସୁବୋଧ ପଟ୍ଟନାୟକ, ମଂଚକଳା ପାଇଁ ପ୍ରଭାତ ମହାରଣା, ଲୋକ ସଂଗୀତ ପାଇଁ ନବୀନ କିଶୋର କୁଅଁର, ଲୋକବାଦ୍ୟ ପାଇଁ କିଶୋର ଚନ୍ଦ୍ର ପ୍ରଧାନ, ଲୋକନୃତ୍ୟ ପାଇଁ ନାରାୟଣ ମହାରଣା, ଲୋକନାଟ୍ୟ ପାଇଁ ନିର୍ମଳ ଚନ୍ଦ୍ର ରାଉତ, ଯନ୍ତ୍ରସଂଗୀତରେ ଆନନ୍ଦ ବାଦ୍ୟ(ତବଲା) ପାଇଁ ଶରତ କୁମାର ପାଣି, ଓ ସୁଶୀର ବାଦ୍ୟ ପାଇଁ ନିତ୍ୟାନନ୍ଦ ମହାପାତ୍ର, ଓଡ଼ିଶୀ ନୃତ୍ୟ ପାଇଁ ଗଜେନ୍ଦ୍ର ପଣ୍ଡା, ଓଡ଼ିଶୀ କଣ୍ଠ ସଂଗୀତ ପାଇଁ ରଘୁନାଥ ପାତ୍ର, ସୁଗମ ସଂଗୀତ ପାଇଁ ବିଭୁଧେନ୍ଦ୍ର ଦାସ, ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ସଂସ୍କୃତି ନିର୍ଦ୍ଦେଶକ ରଂଜନ କୁମାର ଦାସ, ଏକାଡେମୀର ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନର ବଜାଶାଲ ଓ ସୋନପୁର ରୁମ୍‌କୁଝୁମାର ସାଂସ୍କୃତିକ କାର୍ଯ୍ୟକ୍ରମ, ଗଞ୍ଜାମର ରବିନ୍ଦ୍ର ମହାନ୍ତି ଓ ସାଥୀଙ୍କ ଘଂଟବାଦ୍ୟ ଓ ରାଜେନ୍ଦ୍ର ଏବଂ ସାଥୀଙ୍କ ଶଂଖବାଦ୍ୟ ପରିବେଷଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।

# ବାଲିଅନ୍ତା ଗାନ୍ଧୀପୀଠରେ ଆଜାଦିକା ଅମୃତ ମହୋତ୍ସବ ପାଳିତ

ଭୁବନେଶ୍ୱର,୩୧/୮ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀ ଓଡ଼ିଶାରେ ହରିଜନ ପଦଯାତ୍ରା କରିବା ସମୟରେ ୧୯୩୪ ମସିହା ମଇ ମାସ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସମର୍ଥକମାନଙ୍କ ସହିତ ବାଲିଅନ୍ତା କୁଆଖାଇ ଓ କୁଶଭଦ୍ରା ନଦୀ ତଟର ହାଟ ପଡ଼ିଆରେ ତିନି ଦିନ ଅବସ୍ଥାନ କରି ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ, ସ୍ୱଚ୍ଛତା ଓ ଜାତୀୟତାବାଦୀ ଆନ୍ଦୋଳନର ବାର୍ତ୍ତା ପ୍ରଦାନ ସହ ତାଙ୍କ ନେତୃତ୍ୱରେ ଦଳିତମାନେ ସ୍ଥାନୀୟ ନିକୁଞ୍ଜ ବିହାରୀ ମନ୍ଦିରରେ ପ୍ରବେଶ କରି ପୂଜାର୍ଚ୍ଚନାର ସୁଯୋଗ ଦେଇ ସାମୁହିକ ପଂକ୍ତି ଭୋଜନ କରିଥିଲେ । ଆଧ୍ୟାତ୍ମିକତା ଓ ଦେଶପ୍ରେମର ଗୌରବ ବହନ କରିଥିବା ନିକୁଞ୍ଜ ବିହାରୀ ମନ୍ଦିର ପରିସରସ୍ଥ ଗାନ୍ଧୀ ପୀଠରେ ପବିତ୍ର ଜନ୍ମାଷ୍ଟମୀରେ ଆଜି ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଯାଦବ ସଂଘ, ମନ୍ଦିର ଟ୍ରଷ୍ଟ ବୋର୍ଡ ଆନୁକୁଲ୍ୟରେ ଭାରତ ବର୍ଷର ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ "ଆଜାଦି କା ଅମୃତ ମହୋତ୍ସବ" କାର୍ଯ୍ୟକ୍ରମ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନିଜ ବକ୍ତବ୍ୟରେ ଡଃ ଢାଲି ଜାତିର ପିତାଙ୍କ ଓଡ଼ିଶାରେ ପଦଯାତ୍ରା ବିଶେଷକରି ଜୟଦେବ ନିର୍ବାଚନ ମଣ୍ଡଳୀର ବାଳକାଟି ଓ ବାଲିଅନ୍ତାରେ ଅବସ୍ଥାନର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିବା ସହ ଗାନ୍ଧୀଙ୍କ ପଦ ସ୍ପର୍ଶରେ ଜୟଦେବ ମାଟି ଧନ୍ୟ ହୋଇଛି ବୋଲି ବର୍ଣ୍ଣନା କରିଥିଲେ । ଗାନ୍ଧୀ ଦର୍ଶନ ଓ ବିଚାରଧାରା ହିଁ ଆତଙ୍କବାଦର ମୂଳୋତ୍ପାଟନ କରି ବିଶ୍ୱ ଶାନ୍ତି ଓ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିପାରିବ । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଶ୍ରୀଧର ଦାଶ ସ୍ୱାଗତ ଜଣେଇବା ବେଳେ ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ଦିଲ୍ଲୀପ କୁମାର ସାହୁ, ସଭ୍ୟ ବୈକୁଣ୍ଠ ରାଉତରାୟ, ଯାଦବ ସଂଘ ସଭାପତି ଧନେଶ୍ୱର ବେହେରା, ସମ୍ପାଦକ କୃଷ୍ଣକେଶବ ଆପଟ, ଉପସଭାପତି ନିଲୁ ବେହେରା, କୋଷାଧ୍ୟକ୍ଷ ସୁରେଶ ବେହେରାଙ୍କ ସହ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । କୋଭିଡ୍ ଗାଇଡ୍ ଲାଇନ୍‌କୁ ଅନୁପାଳନ ପୂର୍ବକ ଗହଳି ଏଡ଼ାଇ ପ୍ରତୀକାତ୍ମକ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଚଳିତ ବର୍ଷ ନିରାଡମ୍ବର ଭାବରେ ପାଳିତ ହେଲା ଜନ୍ମାଷ୍ଟମୀ

ବାରିପଦା,୩୧/୦୮ (ନି.ପ୍ର): ଆଜି ପବିତ୍ର ଜନ୍ମାଷ୍ଟମୀ ଅବସରରେ ବାରିପଦାର ବିଭିନ୍ନ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବିଧିବଦ୍ଧ ଭାବରେ ପାଳିତ ହୋଇ ଯାଇଛି । ତେବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମନ୍ଦିର ଗୁଡିକରେ ଭୀଡ ପରିଲକ୍ଷିତ ହୋଇ ନଥିବା ବେଳେ, ସେଭଳି କୌଣଷି ଜାକଜମକ ଦେଖାଯାଇ ନଥିଲା । ବାରିପଦାର ଜଗନ୍ନାଥ ମନ୍ଦିର, ରାଧାମୋହନ ମନ୍ଦିର, ହରିହର ମନ୍ଦିର ବାଣ୍ଡିଆ ଜଗନ୍ନାଥ ମନ୍ଦିର ସହିତ ବିଭିନ୍ନ ଦେବସ୍ଥଳି ଗୁଡିକରେ ଏହି ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । କେବଳ ପୂଜକ ସେବାୟତ କିଛି ସୀମିତ ଭକ୍ତ ବା କର୍ତାଙ୍କୁ ନେଇ ଜନ୍ମାଷ୍ଟମୀ ଉତ୍ସବ ପାଳନ ତଥା ପୂଜା ବିଧି ସମ୍ପର୍ଣ୍ଣ କରାଯାଇଥିବା ବେଳେ କରୋନା କଟକଣା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବାର ଲକ୍ଷ୍ୟ କରାଯାଇଛି । ତେବେ ଜନ୍ମାଷ୍ଟମୀ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ମନ୍ଦିର ଗୁଡିକରେ ପୋଲିସ ମୁତୟନ କରାଯାଇ ସାନ୍ତିଶୃଙ୍ଖଳା ରକ୍ଷା କରାଯାଉଥିବାର ଦେଖାଯାଇଛି ।

## ଅବଧିର ୬ ମାସ ବିତିଥିଲେବି ଶେଷ ହେଉନି ଗହିରାଖାଲ ସେତୁ
### ବିପଦ ଶଙ୍କୁଳ ଝୋଲା ପୋଲ : ବାଧକ ସାଜିଛି ଜରୁରୀ ସେବା

ଜଳେଶ୍ୱର, ୩୧/୮(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ ଠାରୁ ବଜାରଶୋଳ ଭାୟା ଫେରିଘାଟ ରାସ୍ତାର ଏକ ବିଜୁ ସେତୁ ନିର୍ମାଣ ଚାଲିଥିବା ବେଳେ ଅବଧିର ୬ ମାସ ବିତିଥିଲେ ମଧ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି । ଅନ୍ୟପକ୍ଷରେ ଯାତାୟାତ ଲାଗି ନିର୍ମାଣ ହୋଇଥିବା ଝୋଲା ପୋଲଟି ବିପଦ ସଂକୁଳ ଅବସ୍ଥାରେ ରହିଛି । ସେ ଅଂଚଳକୁ କୌଣସି ଜରୁରୀ ସେବାଲାଗି ଯାନାବାହନ ଯାତାୟାତ କରିପାରୁ ନାହିଁ । ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି । ଜଳେଶ୍ୱର ବ୍ଲକକୁ ସୁବର୍ଣ୍ଣରେଖା ନଦୀ ଦୁଇଭାଗରେ ବିଭକ୍ତ କରିଥାଏ । ନଦୀର ପୂର୍ବପଟେ ଜଳେଶ୍ୱର ଅଂଚଳର ୨୧ଟି ପଂଚାୟତ ଥିବା ବେଳେ ନଦୀର ପଶ୍ଚିମପଟେ ରାଇବଣିଆ ଅଂଚଳର ୧୪ଟି ପଂଚାୟତ ରହିଛି । ସେଥିମଧ୍ୟରୁ ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର, କାଳିକ, ଖୁଦିଆମାଝିସାହି, ମାକିଡିଆ ପଂଚାୟତକୁ ଯିବାଲାଗି କାଳିକଠାରୁ



ବଜାଶୋଳ ଭାୟା ସୁବର୍ଣ୍ଣରେଖା ଫେରିଘାଟ ରାସ୍ତା ନିର୍ମାଣ ହୋଇଛି । କିନ୍ତୁ ଏହି ରାସ୍ତାର ୧୬.୩୦୦ କି.ମି.ଠାରେ ଗହିଳାଖାଳ ନାମକ ଏକ ଗଭୀର ଖରସ୍ରୋତା ନାଳ ରହିଛି । ଏଠାରେ ଏକ ପୋଲ ନିର୍ମାଣ ଲାଗି ୧୬-୯-୨୦୧୯ରେ ବିଜୁସେତୁ ନିର୍ମାଣ ଆରମ୍ଭ ହୋଇଥିଲା । ଏଥିରେ ୬କୋଟି ୯ଲକ୍ଷ୫୦ହଜାର ଟଙ୍କା ବ୍ୟୟବରାଦ ଥିବା ବେଳେ ଏହାର ଦୈର୍ଘ୍ୟ ୪୫ମିଟର ଓ ପ୍ରସ୍ଥ ୭.୫ ମିଟର ରହିଛି । ଏହାର ନିର୍ମାଣ କାର୍ଯ୍ୟ ୧୫.୩୨୧ରେ ଶେଷ ହେବାକୁ ଥିବା ବେଳେ ଏବେ ଅଧାପନ୍ତରିଆଭାବେ ପଡିରହିଛି । ଏପରିକି ତ୍ରୁଟିପୂର୍ଣ୍ଣ କାର୍ଯ୍ୟଯୋଗୁଁ ନିର୍ମାଣ ହେଉଥିବା ପୋଲର ଏକ ପିଲର ଗୋଟିଏ ପଟକୁ ଦବି ଯାଇଛି । ତେଣୁ ସେଠାରେ ଯାତାୟାତ ଲାଗି ଅସ୍ଥାୟୀଭାବେ ଏକ ଝୋଲାପୋଲ ନିର୍ମାଣ ହୋଇଛି । ମାତ୍ର ଉକ୍ତ ଝୋଲା ପୋଲଟି ବିପଦ ସଂକୁଳ ଅବସ୍ଥାରେ ରହିଥିବାରୁ ଯେ କୌଣସି ସମୟରେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି । ସେ ଅଂଚଳକୁ ଆମ୍ବୁଲାନ୍ସ, ଦମକଳ, ଚୋରାବାଲି ରୋକିବାଲାଗି ତହସିଲଦାର ଓ ପୋଲିସ୍‌ର ଗାଡି ଯାଇପାରୁନଥିବାରୁ ଲୋକଙ୍କୁ ନ୍ୟାୟ ମିଳିପାରୁନାହିଁ । ସେ ଅଂଚଳକୁ ଗୃହ ନିର୍ମାଣ ଲାଗି ସରଞ୍ଜାମ ଯାଇପାରୁନଥିବାରୁ ନିର୍ମାଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇ ଯାଇଛି । ତେଣୁ ଗ୍ରାମ୍ୟଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଇଂ ବିଜୟ କୁମାର ଦାସ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଲମ୍ବୋଦର କରଙ୍କୁ ପଚାରିବାରୁ ସେ କହିଲେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଦେଖାଦେଲେ ନଦୀର ପାଣି ପୋଲ ନିର୍ମାଣରେ ବାଧକ ସାଜୁଛି । ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟ ସରିବାର ସମ୍ଭାବନା ରହିଛି ବୋଲି କହିଥିଲେ ।

## ୫୭ନଂ ରାଜ୍ୟ ରାଜପଥରେ ପୁଲିସ୍-ଦୋକାନୀ ମୁହାଁମୁହିଁ

ଜଳେଶ୍ୱର, ୩୧/୮(ନିପ୍ର): ଦିନ ଦ୍ୱିପ୍ରହରରେ କେତେକ ଦୃବୃତ୍ତ ରାଜପଥରେ ଲୁଟତରାଜ, ଛିନ୍‌ତାଇ ଏପରିକି ମାରାଣାସ୍ତ୍ର ଧରି ଆକ୍ରମଣ କରୁଥିବା ବେଳେ ପୁଲିସ୍ ତାର କରିସ୍ମା ଦେଖାଇ ପାରୁନଥିବା ବହୁ ନଜିର ରହିଛି । କିନ୍ତୁ ରାଜପଥରେ ଜଣେ ଦୋକାନୀକୁ ପୁଲିସ୍ ପିସ୍ତଲ ଦେଖାଇ ଧମକ୍ ଚମକ୍ ଦେଖାଇବା ଏ ଅଂଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି । ଘଟଣାରୁ ପ୍ରକାଶ ୫୭ନଂ ରାଜ୍ୟ ରାଜପଥର ଭୁରୁକୁଣ୍ଡା ସ୍କୁଲ ଛକଠାରେ ଜଣେ ଦୋକାନୀ ସନ୍ୟାସୀ ଦେ ପାଣିବାଲତି ଧରି ରାସ୍ତାର ଏ କଡରୁ ସେ କଡକୁ ଗଲାବେଳେ ରାସ୍ତାର ଦୁଇଜଣ ପୋଲିସ୍ କର୍ମଚାରୀ ସାଧା ପୋଷାକରେ ଏକ ବାଇକ୍‌ରେ ଯାଉଥିଲେ । ସନ୍ତୋଷ ବାରିକ ନାମକ ପୁଲିସ୍ ଦୋକାନୀ ସନ୍ୟାସିକୁ ରାସ୍ତାରେ ଚାଲି ଜାଣିନଥିବାର କହିବାରୁ କଥାକଟା କଟା ହୋଇଥିଲା । ନିକଟରେ ଥିବା ଦୋକାନୀ ଓ ନିକଟସ୍ଥ ଗ୍ରାମର କିଛି ଯୁବକଙ୍କ ସହିତ ଉଚ୍ଚବଚ ହେବାରୁ ଅଭିଜିତ୍ ଜେନା ଓରଫ ଟିଟୁ ନାମକ ଅନ୍ୟଜଣେ ପୋଲିସ୍ ଏକ ପିସ୍ତଲ ସନ୍ୟାସୀ ମୁଣ୍ଡରେ ରଖି ଧମକ୍ ଦେଇଥିଲା । ଉତ୍ୟକ୍ତ ଗ୍ରାମବାସୀ ପୋଲିସ୍ ହାତରୁ ପିସ୍ତଲ ଛଡାଇ ନେଇ ସଡକର ନୟନଯୋରୀକୁ ଫୋପାଡି ଦେଇଥିଲେ । ଏ ସମ୍ପର୍କରେ ଜଣାଯିବାପରେ ଜଳେଶ୍ୱର ଥାନାରେ ଆଇଆଇସି ପ୍ରଜ୍ଞା ମହାନ୍ତି ଓ ପ୍ରଶିକ୍ଷଣରେ ଥିବା ଜଣେ ଡିଏସ୍‌ପି ଘଟଣାସ୍ଥଳରେ ସଦଳବଳେ ପହଞ୍ଚିଥିଲେ । ପରେ ପାଣିରେ ପଡିଥିବା ପିସ୍ତଲ ମିଳିବାପରେ ସନ୍ତୋଷ ଓ ଟିଟୋକୁ ଥାନାକୁ ଅଣାଯାଇଥିଲା । କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଜଣ କନେଷ୍ଟବଳଙ୍କ ଠାରେ ପିସ୍ତଲ ଆସିଲା କେଉଁଠି ? ତାହା ତଦନ୍ତ ସାପେକ୍ଷ । ଏ ସମ୍ପର୍କରେ ଆଇଆଇସିଙ୍କୁ ପଚାରିବାରୁ ସେମାନେ ରିଜର୍ଭ ପୋଲିସ୍‌ର ଥିବାରୁ ସେ କିଛି କହିପାରିବେ ନାହିଁବୋଲି ରୋକ୍‌ଠୁକ୍ କହିଥିବା ବେଳେ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ତଦନ୍ତ ଚାଲିଥିବା ସଂପର୍କରେ କହିଛନ୍ତି ।

## ନୀଳଗିରି ଏନ.ଏ.ସି. ସ୍ୱାୟତ୍ତ ଶାସନ ଦିବସ ପାଳିତ

ନୀଳଗିରି,୩୧/୦୮ (ନି.ପ୍ର): ନୀଳଗିରି ଏନ.ଏ.ସି. କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ୨୦୨୧ ମହା ସମାରୋହରେ କୋଭିଡ ଗାଇଡ ଲାଇନ ଅନୁଯାୟୀ ପାଳନ କରାଯାଇଛି । ସକାଳ ୮ଟା ସମୟରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଙ୍କ ଉପସ୍ଥିତି ରହି ପତାକା ଉତ୍ତୋଳନ କରିଥିଲେ । ତତ୍‌ସହିତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଉପସ୍ଥିତ ଥିଲେ । ନୀଳଗିରି ସହରର ସର୍ବାଙ୍ଗୀନ ଉନ୍ନତି ଓ ପରିଷ୍କାର ପରିଚ୍ଛନ୍ନ ପାଇଁ ସହରବାସୀମାନଙ୍କର ସହଯୋଗ କାମନାକ ରିଥିଲେ ଉପଜିଲ୍ଲାପାଳ । ପ୍ରତି ୱାର୍ଡକୁ ପରିଷ୍କାର, ପରିମଳ ବ୍ୟବସ୍ଥାରେ ନିଯୁକ୍ତି ଏନ.ଏ.ସି. କର୍ମଚ୍ଛରୀମାନଙ୍କୁ ସହଯୋଗ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶେଷ କୁମାର ନାୟକ ଅନୁରୋଧ କାମନା କରିଥିଲେ । ଏହି ଅବସରରେ ୟୁରେକା ଏନ.ଜି.ଓ. କୁ ନିଜର କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏନ.ଏ.ସି. ସମସ୍ତ କର୍ମଚ୍ଛରୀ ସ୍ୱଚ୍ଛ ସାଥୀ, ସମସ୍ତ ସୁପରଭାଇଜର, ସମସ୍ତ ଡ୍ରାଇଭର ସମେତ କାର୍ଯ୍ୟାଳୟର ବିଜୟ କୁମାର ଦାସ, ମନୋଜ କୁମାର ଦାସ, ଭୁପେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳେଶ୍ୱରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଜଳେଶ୍ୱର, ୩୧/୮(ନିପ୍ର): ସରକାରଙ୍କ କୋଭିଡ୍ କଟକଣା ସତ୍ୱେ କରୋନା ନିୟମ ଅନୁଯାୟୀ ଆଜି ଜଳେଶ୍ୱର ପୌରପାଳିକାରେ ୫୭ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପୌରଅଧିକାରୀ ଅଜୟ କୁମାର ମହାପାତ୍ର ପତାକା ଉତ୍ତୋଳନ କରି ସାଂପ୍ରତିକ ସମାଜରେ ସହରାଞ୍ଚଳ ବିକାଲଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଥିଲେ । କର୍ମଚାରୀମାନଙ୍କ ମଧ୍ୟରେ ମନୋରଂଜନ ପରିଡା, ପରମାନନ୍ଦ ପରିଡା, ଅନୟ ବ୍ରହ୍ମ. ପ୍ରଣବ ବେହେରା, ନ୍ରଦ୍ର ବାରିକ, ଜ୍ୟୋସ୍ନାରାଣୀ ପତି, ତରଣୀ ଭୂୟାଁ, ଯୁଗଳ ପଟ୍ଟନାୟକ ଇତ୍ୟାଦି ଏଥିରେ ଯୋଗ ଦେଇଥିଲେ । ସକାଳେ ରାମଧୂନ ସହିତ ସହର ପରିକ୍ରମା କରିଥିଲା ।

## ତୃଣମୂଳ ସ୍ତରରୁ ସୁଦୃଢ଼ ହେବ କଂଗ୍ରେସର ସ୍ଥିତି : ସଞ୍ଜିବ ମହାନ୍ତି ଓ ସେକ ମଇନୁଦ୍ଦିନ

ଉଦଳା,୩୧/୦୮ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଦଳା ସହର ଓ ଉଦଳା ପଞ୍ଚାୟତ ସମିତିର ସଭାପତି ଭାବେ ଯଥାକ୍ରମେ ସଞ୍ଜିବ କୁମାର ମହାନ୍ତି ଓ ସେକ୍ ମଇନୁଦ୍ଦିନ ଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏହି ନବ ନିଯୁକ୍ତ ସଭାପତି ମାନଙ୍କୁ ଉଦଳା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଯଜ୍ଞ ନାରାୟଣ ମହାନ୍ତି, ନାରାୟଣ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦୁର୍ଗାଚରଣ ଟୁଡୁ, ଦୁଖିଶ୍ୟାମ ମୁର୍ମୁ, ସଞ୍ଜିବ କୁମାର ଭୋଳ, ଉତ୍ତମ କୁମାର ବେହେରା, ମହେଶ୍ୱର ବେହେରା, ଆଶିଷ କୁମାର ବାରିକ, ଯୋଗେନ୍ଦ୍ର ବାରସାଳିଆ, ସେକ୍ ମଇନୁ ଏବଂ



ଅନେକ କଂଗ୍ରେସ କର୍ମୀ ଅଭିନନ୍ଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଖୁସି ବ୍ୟକ୍ତ କରିଅଛନ୍ତି । ଉଭୟ ନବ ନିଯୁକ୍ତ ସଭାପତି, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଭାପତି ହେମନ୍ତ ଦାସ ଓ ଜିଲ୍ଲା ପ୍ରଭାରୀ ସୁଦର୍ଶନ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ଉଦଳା ନିର୍ବାଚନ ମଣ୍ଡଳୀର ତୃଣମୂଳ ସ୍ତରରୁ କଂଗ୍ରେସ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ପ୍ରତିଶୃତି ଦେଇଅଛନ୍ତି ଓ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ସହଯୋଗ ପାଇଁ ନିବେଦନ କରିଅଛନ୍ତି ।

## ଅଜଣା ବାଇକ ଧକ୍କାରେ ବୃଦ୍ଧ ଗୁରୁତର

ନୀଳଗିରି,୩୧/୦୮ (ନି.ପ୍ର): ଅଜଣା ବାଇକ ଧକ୍କାରେ ଜନୈକ ବୃଦ୍ଧ ଗୁରୁତର ହୋଇ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ଗ୍ରାମର ରମେଶ ଚନ୍ଦ୍ର ମଲ୍ଲିକ (୬୦) ବାଲିଗୋହିରୀ ଗ୍ରାମର ନାରଣ ବେହେରା ଘରେ ଭଡ଼ାରେ ରହି ଆସୁଥିବା ବେଳେ ମଙ୍ଗଳବାର ଦିନ ପ୍ରାୟ ୪ଟା ସମୟରେ ନିଜ ସାଇକେଲରେ ବଜାରକୁ ଆସୁଥିବା ବେଳେ ନୀଳଗିରି ପଟୁ ଏକ ଅଜଣା ବାଇକ ଆରୋହୀ ଦ୍ରୁତ ଗତିରେ ଯାଉଥିବା ବେଳେ କାହାଳିଆ ଛକ ଠାରେ ଧକ୍କା ମାରି ପଳାଇ ଯାଇଥିଲା । ରମେଶର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଆଖିରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ସଂଗେ ସଂଗେ ନୀଳଗିରି ମେଡିକାଲ ନେଇ ଆସିଥିଲେ ।

## ବାସୁଦେବପୁର ଭାଗବତଟୁଙ୍ଗୀର ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳନ

ବାଲିଆପାଳ,୩୧/୦୮ (ନି.ପ୍ର): ବାଲିଆପାଳ ବ୍ଲକ ବାସୁଦେବପୁର ଗ୍ରାମର ନବଗଠିତ ଭାଗବତ ଟୁଙ୍ଗୀର ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ସୋମବାର ସକାଳେ ବାଳଗୋପାଳଙ୍କ ପୂଜାଅର୍ଚ୍ଚନା ନାମ ସଂକୀର୍ତନ ଅନୁଷ୍ଠିତ ହୋଇଥିଲା । ପରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି ଅବସରରେ ଭାଗବତ ଟୁଙ୍ଗୀର କର୍ମକର୍ତା ଓ ଭକ୍ତମାନେ ବାଳ ଗୋପାଳଙ୍କୁ ସୁସଜିତ ବିମାନରେ ବସାଇ ଶୋଭାଯାତ୍ରା ଓ ନଗର ପରିକ୍ରମା କରିଥିଲେ । ସନ୍ଧ୍ୟାରେ ଭାଗବତ ଓ ହରିକଥା ସଂପର୍କରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନବଗଠିତ ଏହି ଟୁଙ୍ଗୀର ତପନ ପାତ୍ର,ପରମେଶ୍ୱର ବିଶ୍ୱାଳ,ପ୍ରଦୀପ ରାଧେ ରାଧେ



ଦାସ,ଦୁର୍ଗାଶଙ୍କର ବିଶ୍ୱାଳ,ମନୋଜ ନାୟକ,ଶିଶିର ବିଶ୍ୱାଳ,ରବୀନ୍ଦ୍ର ଦେ,ତାପସ ମହାନ୍ତି,ମନୋଜ ସାମଲ ପ୍ରମୁଖ ଏହାକୁ ପରିଚାଳନା କରିଥିବା ବେଳେ ଜୟଦେବ ଯତି,ସୌଭାଗ୍ୟ ସାହୁ,ପ୍ରଭାତ ବାରିକ,କୃଷ୍ଣ ମୃତ୍ୟୁଞ୍ଜୟ ବେହେରା,ଓମପ୍ରକାଶ ନାଥ,ପ୍ରଶାନ୍ତ ବେହେରା,ବଳରାମ ବିଶ୍ୱାଳ,ଭରତ ଦାସ,ଶୁଭେନ୍ଦୁ ଦାସ,ଅକ୍ଷୟ ଦାସ,ରଞ୍ଜନ ମହାନ୍ତି ପ୍ରମୁଖ ଏଥିରେ ସହ ଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରମାନନ୍ଦ ସାର ,ଶ୍ରୀକାନ୍ତ ନାଥ,ସରୋଜ ପିଳା,ସୁରେନ୍ଦ୍ର ପ୍ରଧାନ,ମନ୍ମଥ ନାୟକ,ଶମ୍ଭୁନାଥ ଦେ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ତଥା ଯୁବମାନସର ଆଦର୍ଶ ବ୍ୟୋମକେଶ ସାହୁ ଏଥିରେ ଯୋଗ ଦେଇ ଟୁଙ୍ଗୀର କର୍ମକର୍ତା ଯୁବକ ମାନଙ୍କୁ ଉତ୍ସାହିତ କରିଥିଲେ ।

## ଓଡ଼ିଶା ରାଜନୀତିରେ ଝାରଖଣ୍ଡ....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଓଡ଼ିଶାରେ ଜେ.ଏମ୍.ଏମ୍ ୨୦୦୪ ନିର୍ବାଚନରେ ମୟୂରଭଞ୍ଜ ଲୋକସଭା ଆସନ ସମେତ ମୟୂରଭଞ୍ଜରୁ ଦୁଇଟି ଏବଂ ଓ ସୁନ୍ଦରଗଡ଼ ଜିଲ୍ଲାରୁ ଦୁଇଟି ବିଧାନସଭା ଆସନ ଅକ୍ତିଆର କରିଥିଲା । ମାତ୍ର ଏହାପରଠାରୁ ତିନୋଟି ବିଧାନସଭା ଓ ଲୋକସଭା ନିର୍ବାଚନରେ ଲଗାତାର ଭାବେ ବିଫଳ ହୋଇଛି ।

ମାସକ ତଳେ ଜେ.ଏମ୍.ଏମ୍‌ର ଓଡ଼ିଶା ଶାଖା କମିଟି ଗଠିତ ହୋଇଛି । ଏଥିରେ ଖୋଦ୍ ଜେ.ଏମ୍.ଏମ୍‌ର ସୁପ୍ରିମୋ ଶିବୁ ସୋରେନଙ୍କ ଝିଅ ତଥା ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବଡ଼ ଭଉଣୀ ଅଞ୍ଜଳୀ ସୋରେନ୍‌ଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି । ଏହାବ୍ୟତୀତ ଦଳର ରାଜ୍ୟ କମିଟିରେ ପୁରୁଖା ଓ ଅଭିଜ୍ଞ ରାଜନୀତିଜ୍ଞ ମୟୂରଭଞ୍ଜର ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦାଃଙ୍କୁ ଦଳର ସାଧାରଣ ସମ୍ପାଦକ ଏବଂ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ମିଳିଛି । ଓଡ଼ିଶାରେ ପଞ୍ଚାୟତିରାଜ ନିର୍ବାଚନକୁ ଆଉ ୬/୭ ମାସ ବାକି ଅଛି । ମୟୂରଭଞ୍ଜ ଜିଲ୍ଲାରେ ପ୍ରମୁଖ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତା ଦଳ ସାନ୍ତାଳମାନଙ୍କୁ ରାଜନୀତିରେ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି । ଅତୀତର ଜେ.ଏମ୍.ଏମ୍ ନେତା ସୁଦାମ ମାରାଣ୍ଡି ଏବେକାର ନବୀନ ପଟ୍ଟନାୟକଙ୍କ ବିଜେଡ଼ି ସରକାରରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ବିଭାଗ ର ମନ୍ତ୍ରୀ ଅଛନ୍ତି । ଏମିତିରେ ମୟୂରଭଞ୍ଜ ଜିଲ୍ଲାରୁ ଦ୍ରୌପଦୀ ମୁର୍ମୁଙ୍କୁ ଝାରଖଣ୍ଡର ରାଜ୍ୟପାଳ କରିଥିଲା । ଏବେ ପୁଣି ସେ ବିଜେପିରେ ଯୋଗ ଦେଇ ସକ୍ରିୟ ରାଜନୀତିକୁ ଫେରୁଛନ୍ତି । ଗତ ଜୁଲାଇ ୮ରେ ମୟୂରଭଞ୍ଜ ସାଂସଦ ବିଶ୍ୱେଶ୍ୱର ଟୁଡୁଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିଛି । ସେହିପରି ମୟୂରଭଞ୍ଜ ଜିଲ୍ଲାର ବିଜେଡ଼ି ଓ ବିଜେପିର ଦୁଇ ଗୋଟି ସାଙ୍ଗଠନିକ ଜିଲ୍ଲା କମିଟିରେ ସାନ୍ତାଳ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି । ବର୍ତ୍ତମାନ ମୟୂରଭଞ୍ଜର ବିଜେଡ଼ି ସାଙ୍ଗଠନିକ ଦାୟିତ୍ୱର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛନ୍ତି ବିଜେଡ଼ିର ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ । ଗତ ଲୋକସଭା ଓ ବିଧାନସଭା ନିର୍ବାଚନରେ ଆଶାତୀତ ସଫଳ ପାଇ ନଥିବା ବିଜେଡ଼ିର ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜବୁତ୍ କରିବା ପାଇଁ ସେ କାମ କରି ଚାଲିଛନ୍ତି । ଶିବୁ ସୋରେନ୍ କନ୍ୟା ଓ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଭଉଣୀ ଅଞ୍ଜଳୀ ସୋରେନ୍‌ଙ୍କ ନେତୃତ୍ୱରେ ଜେ.ଏମ୍.ଏମ୍ ଆଦିବାସୀ ବହୁଳ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଆଗାମୀ ଦିନରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଲା ।

ତିଳକୁଟି, ଯଶିପୁର, ମୟୂରଭଞ୍ଜ ।
ମୋବାଇଲ୍-୯୪୩୭୭୯୭୨୯୨

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୁରୁଜୀ ମାମଲାରେ ମୁହଁ ....

ତାଙ୍କୁ ଜେରା କରାଯିବ କି ନାହିଁ, ସେନେଇ ଏସପି ଚୁପ୍ ରହିଛନ୍ତି । ହେଲେ ଅନ୍ୟ ଅଭିଯୁକ୍ତଙ୍କର ପଲିଗ୍ରାଫ୍ ଟେଷ୍ଟ କରି ଆଉ କିଏ ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ତଥ୍ୟ ହାସଲ କରାଯିବ । ଆଉ ଏସବୁ ଭିତରେ ଖୋର୍ଦ୍ଧା କୋର୍ଟରେ ମାନସ ଦାସଙ୍କୁ ଦେଖିବାକୁ ମିଳିଥିଲା । ଖାଲି ଓଡିଶାରେ ନୁହେଁ, ରାଜ୍ୟ ବାହାରେ ମଧ ତାଙ୍କ ସଂଗଠନ ସକ୍ରିୟ ଥିବା କହିଛନ୍ତି ମାନସ । ବଡ କଥା ହେଉଛି, ମାନସ ଦାସ ବିରୋଧରେ ଅଭିଯୋଗର ଲମ୍ବା ତାଲିକା ଥିଲେ ମଧ ପୁଲିସ କୌଣସି ପ୍ରମାଣ ପାଉନଥିବା କହୁଛି । ପ୍ରଶ୍ନ ଉଠୁଛି, ସ୍ଥାନୀୟ ଜନତା ଉଠାଉଥିବା ମୁଦ୍ଦା କଣ ଉଦ୍ଦେଶ୍ୟ ପ୍ରଣୋଦିତ, ନା କିଛି ଭିନ୍ନ ରହସ୍ୟ ପଛରେ ରହୁଛି । ଏପଟେ ମାନସ ଦାସ ବିରୋଧରେ ଗୋଟିଏ ପରେ ଗୋଟିଏ ଅଭିଯୋଗର ଫର୍ଦ୍ଦ ବଢିବା ସହ ଗିରଫଦାରୀ ଦାବି ତୀବ୍ର ହେଉଛି । ବିଭିନ୍ନ ସଂଗଠନ ପକ୍ଷରୁ ଖୋର୍ଦ୍ଧା ଏସପିଙ୍କ ଅଫିସରେ ଦାବି ପତ୍ର ଦିଆଯାଇଛି । ହିନ୍ଦୁଜାଗରଣ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ଏହାରି ଭିତରେ ମାନସ ଦାସର ସଂଗଠନରେ ସାମିଲ ନହେବାରୁ ଗାଁରୁ ବିତାଡିତ ହୋଇଥିବା ୬ ପରିବାରକୁ ଭେଟିଛନ୍ତି ପୋଲିସ ଟିମ୍ । ସେମାନଙ୍କ ସହ କଣ ଘଟିଥିଲା, କାହିଁକି ସେମାନେ ଗାଁ ଛାଡିବାକୁ ବାଧ ହୋଇଥିଲେ, ସେନେଇ ପଚାରି ବୁଝିଛନ୍ତି ଅଧିକାରୀ । ହେଲେ ଏହାକୁ ନେଇ ନିଜର ଅସନ୍ତୋଷ ଜାହିର କରିଛନ୍ତି ବିତାଡିତ ପରିବାର ସଦସ୍ୟ । ମାନବବାଦୀ ସଂଗଠନ ନାଁରେ ମାନସ ଦାସର ଗୁଣ୍ଡାମାନେ କରିଥିବା ଅମାନବୀୟ କାଣ୍ଡ ଏବେ ଧୀରେ ଧୀରେ ରାଜନୈତିକ ପ୍ରସଙ୍ଗ ପାଲଟିଯାଇଛି । ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମାନସ ଦାସଙ୍କୁ ମୁଣ୍ଡିଆ ମାରୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ମାମଲାରେ ସେ ମୁହଁ ଖୋଲି କହିଛନ୍ତି, ନିର୍ବାଚନ ପୂର୍ବରୁ ଆମେ ଲୋକଙ୍କ ପାଖକୁ ଯାଉ ଆଉ ସେହି କ୍ରମରେ କିଛି ଲୋକ ମତେ ମାନସ ଦାସଙ୍କ ପାଖକୁ ନେଇ ଯାଇଥିଲେ ।

### ହଟିଲା ସପ୍ତାହାନ୍ତ ସଟ୍ ....

କରିପାରିବେ । ଏହି ଶୋଭାଯାତ୍ରା ସମୟରେ ବର, ସାଙ୍ଗସାଥି, ସମ୍ପର୍କୀୟ, ବ୍ୟାଣ୍ଡପାର୍ଟି ସଦସ୍ୟଙ୍କୁ ମିଶାଇ ୫୦ ଜଣ ହିଁ ଯୋଗ ଦେଇପାରିବେ । ଶତ ପ୍ରତିଶତ କ୍ଷମତାକୁ ନେଇ ଖୋଲିବ ମଲ ଓ ସିନେମା ହଲ । ହଲରେ ଯେତିକି ସିଟ ଥିବ ସେତିକି ଦର୍ଶକ ଯାଇପାରିବେ । ହଲରେ କୋଭିଡ କଟକଣା ଦାୟିତ୍ୱ ହଲ ପରିଚାଳନା ବୁଝିବେ । ସମସ୍ତ ମ୍ୟୁଜିୟମ, ପାଠାଗାର କୋଭିଡ୍ ନିୟମ ମାନି ଖୋଲିପାରିବ । ରାତ୍ରୀକାଳିନ କର୍ଫ୍ୟୁ ବେଳେ ଜରୁରୀ ସେବା ଜାରି ରହିବ । ରାତ୍ରୀ କାଳିନ କର୍ଫ୍ୟୁ ସମୟରେ ସାଧାରଣ ଚଳପ୍ରଚଳ ହେବ ନାହିଁ । ଷ୍ଟେସନ ଓ ଏୟାରପୋର୍ଟକୁ ଟିକେଟ୍ ଦେଖାଇ ଯାତ୍ରୀ ଯାଇପାରିବେ । ଏହି ସମୟରେ ଓଲା, ଉବେର, ଖାଦ୍ୟର ହୋମ୍ ଡେଲିଭରି ହୋଇପାରିବ । ତେବେ ମେଳା ମଉଛବ, ପ୍ରଦର୍ଶନୀ ଉପରେ କଟକଣା ଜାରି ରହିବ । ସବୁପ୍ରକାରର ସାମାଜିକ, ରାଜନୈତିକ, ଧାର୍ମିକ ସମାବେଶ ଉପରେ ବାରଣ ବଜାୟ ରହିବ । ତେବେ ଆଗକୁ ପାର୍ବଣଋତୁ ଥିବାରୁ, ଗତ ଅଗଷ୍ଟ ୯ରେ ଘୋଷିତ ଗାଇଡଲାଇନ ଅନୁଯାୟୀ ପୂଜାପାର୍ବଣ ଆୟୋଜନ କରାଯାଇପାରିବ । ସ୍ଥଳବିଶେଷରେ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନ, ପୁଲିସ କମିଶନର ମଧ ନିଜ କ୍ଷମତା ଉପଯୋଗ କରି ଅତିରିକ୍ତ କଟକଣା ଜାରି କରିପାରିବେ ବୋଲି ଏସଆରସି କହିଛନ୍ତି ।

### ସମ୍ଭାବ୍ୟ ମରୁଡି ସ୍ଥିତିର....

ନିର୍ଦ୍ଦେଶ ଦେଇଛନ୍ତି । ଛୋଟ ଓ ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ମାନଙ୍କୁ ଜୀବିକା ସହାୟତା ଦେବା ପାଇଁ ବିଭିନ୍ନ ରୋଜଗାର ସୃଷ୍ଟିକାରୀ ଯୋଜନା ଉପରେ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ତଳିଆ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳଯୋଗାଣ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ଜଳସଂପଦ ବିଭାଗକୁ ପରାମର୍ଶ ଦେଇଛନ୍ତି । ଜନସାଧାରଣ ଓ ପ୍ରାଣୀସଂପଦ ମାନଙ୍କ ପାଇଁ ଯେପରି ପାନୀୟ ଜଳର ଅଭାବ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ଜିଲ୍ଲା ଓ ପୌରସଂସ୍ଥା କର୍ତ୍ତୃପକ୍ଷମାନେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀ ଓ ସାଧାରଣ ଜନତାଙ୍କ ଉପରେ ମରୁଡିର ପ୍ରଭାବ କମ୍ ? କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବୃଷ୍ଟିପାତ ୩୦ ପ୍ରତିଶତ କମ୍ ? ରହିଛି । ଧାନ ଫସଲ ପାଇଁ ସମସ୍ୟା ଦେଖା ଦେଇଥିଲେ ମଧ ଅଣଧାନ ଫସଲ ପାଇଁ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ । ମନେରଗାରେ ଅଧିକ କର୍ମନିଯୁକ୍ତି ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ ।ଖାସକରି କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଯାଉଥିବା ଲୋକଙ୍କୁ ଯେପରି ରାଜ୍ୟ ମଧ୍ୟରେ କାମ ଯୋଗାଇ ଦିଆଯାଇପାରିବ, ସେ ସଂପର୍କରେ ବୈଠକରେ ଆଲୋଚନା ହୋଇଛି ।

### ତାଲିବାନ ନେତାଙ୍କୁ ଭେଟିଲେ ....

ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତଲ ତାଲିବାନ ନେତା ଶେର ମହମ୍ମଦ ଆବାସ ସ୍ତନେକଜାଇଙ୍କୁ ଭେଟି ଆଫଗାନିସ୍ତାନରୁ ଭାରତୀୟଙ୍କୁ ଉଦ୍ଧାର ନେଇ ଆଲୋଚନା କରିଛନ୍ତି । ଏହି ବୈଠକ କତାର ରାଜଧାନୀ ଦୋହାରେ ଥିବା ଭାରତୀୟ ଦୂତାବାସରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ, ଆଫଗାନିସ୍ତାନରେ ଭାରତୀୟଙ୍କ ସୁରକ୍ଷା, ଫସିରହିଥିବା ଭାରତୀୟଙ୍କୁ ଶୀଘ୍ର ଉଦ୍ଧାର କରିବା ଉପରେ ଆଲୋଚନା କରାଯାଇଛି । ସେପଟେ କାବୁଲରୁ ଉଡାଣ ଉପରେ ତାଲିବାନ କଟକଣା ଲଗାଇବା ପରେ କାବୁଲ ବିମାନ ବନ୍ଦରରେ ମୁତୟନ ଥିବା ଭାରତୀୟ ବାୟୁସେନାର ସି-୧୭ ଏବଂ ସି-୧୩୦ ଜେ ବିମାନ ଭାରତ ଫେରିଆସିଛି । ତେବେ ଭାରତୀୟଙ୍କ ଉଦ୍ଧାର ନେଇ ତାଲିବାନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି । ସେପଟେ ତାଲିବାନ କାବୁଲ ଏୟାରପୋର୍ଟକୁ ନିଜ ଅକ୍ତିଆରକୁ ନେବା ପରେ ସେଠାରେ ଥିବା ଅନ୍ୟ ଦେଶର ନାଗରିକ ମଧ ସ୍ୱଦେଶ ଫେରିବା ନେଇ ଚିନ୍ତାରେ । ଆମେରିକା ସୈନ୍ୟ କାବୁଲରେ ସୁରକ୍ଷା ଦେଉଥିଲେ । ଏବେ ଆମେରିକା ସେନା ପ୍ରତ୍ୟାହାର କରି ନେବା ସହ ତାଲିବାନ ବିମାନ ଉଡାଣ ଉପରେ କଟକଣା ଲଗାଇଥିବାରୁ ଫସି ରହିଥିବା ଲୋକେ କିପରି ଫେରିବେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

## ଜଗାଦର୍ଶନ କଲେ ସର୍ବସାଧାରଣ ଲୋକ

ପୁରୀ,୩୧/୦୮ (ନି.ପ୍ର): ଗତ ତିନି ଦିନ ଧରି ଶ୍ରୀମନ୍ଦିରରେ ବନ୍ଦ ରହିଥିବା ସର୍ବସାଧାରଣ ଦର୍ଶନ ଆଜି ଠୁ ପୁନର୍ବାର ଆରମ୍ଭ ହୋଇଛି । ଆଜି ଶ୍ରୀମନ୍ଦିରର ରତ୍ନ ସିଂହାସନରେ ଦର୍ଶନାର୍ଥୀମାନେ ଦାରୁବିଗ୍ରହଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛନ୍ତି । କୋଭିଡ଼ କଟକଣା ଓ ବ୍ୟାପକ ସୁରକ୍ଷାବ୍ୟବସ୍ଥା ମଧ୍ୟରେ ଆଜି ସକାଳୁ ଆରମ୍ଭ ହୋଇଥିଲା ଜଗାଦର୍ଶନ ପ୍ରକ୍ରିୟା । ବ୍ୟାରିକେଡ଼ ଦେଇ ଦର୍ଶନାର୍ଥୀମାନେ ସିଂହଦ୍ୱାର ସମ୍ମୁଖରେ ଖୋଲାଯାଇଥିବା କାଉଣ୍ଟରରେ ଦୁଇଡ଼ୋଜ୍ ଟିକା ନେଇଥିବା ପ୍ରମାଣପତ୍ର କିମ୍ବା ୯୬ ଘଣ୍ଟା ଅବଧି ମଧ୍ୟରେ କରୋନା ସଂକ୍ରମିତ ହୋଇନଥିବା ଡ଼ାକ୍ତରୀ ପ୍ରମାଣପତ୍ର ଓ ନିଜ ନିଜର ଆଧାରକାର୍ଡ଼ ଅଥବା ଭୋଟର ପରିଚୟପତ୍ର ଦେଖାଇ କିଓସ୍କରେ ସ୍କାନିଂ ପରେ ହାତ ସାନିଟାଇଜ୍ କରି ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ । ଭିନ୍ନକ୍ଷମ ଓ ବୟସ୍କଙ୍କ ଲାଗି ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା କରାଯାଇଥିଲା । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ଉତ୍ତର ଦ୍ୱାର ଦେଇ ଦର୍ଶନାର୍ଥୀମାନେ ପ୍ରସ୍ଥାନ କରିଥିଲେ । ଶୃଙ୍ଖଳିତ ଦର୍ଶନ ଲାଗି ସ୍ୱତନ୍ତ୍ରଭାବେ ପୁଲିସ ଅଧିକାରୀ ଓ ଫୋର୍ସଙ୍କୁ ନିୟୋଜିତ କରାଯାଇଥିଲା । ସୂଚନାଯୋଗ୍ୟଯେ,ମହାମାରୀ କରୋନା ଜନିତ କଟକଣା ଯୋଗୁ ଗତ ଏପ୍ରିଲ ୨୪ ତାରିଖରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଥିଲା । ତେବେ କୋଭିଡ଼ କଟକଣା ମଧ୍ୟରେ ଗତ ୨୩ ତାରିଖରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଗତ୧୨ଓ୧୩ ତାରିଖ ଦୁଇଦିନ ଧରି ସେବକ ପରିବାରର ସଦସ୍ୟମାନେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ । ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପୁରୀସହରବାସୀ ଓ ସହରରେ ଅବସ୍ଥାନ କରୁଥିବା ଭଡ଼ାଟିଆମାନଙ୍କୁ ଦର୍ଶନ ସୁଯୋଗ ମିଳିଥିଲା ।

ବାଲେଶ୍ୱର ବୁଧବାର, ୦୧ ସେପ୍ଟେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି



## ବନ ବିଭାଗ ହେପାଜାତରୁ ଜବତ୍ କରତକଳର ଯନ୍ତ୍ରାଂଶ ଚୋରି

ନୀଳଗିରି,୩୧/୦୮ (ନି.ପ୍ର): ନୀଳଗିରି ବନ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିଜ ହେପାଜାତରେ ଜବତ କରତକଳର କିଛି ଯନ୍ତ୍ରାଂଶ ଚୋରି ହୋଇଥିବା ବେଳେ ଏହାକୁ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିବା ବେଳେ ଶେଷରେ ନିରୁପାୟ ହୋଇ ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ଅଗଷ୍ଟ ମାସରେ ନୀଳଗିରି ବନବିଭାଗ ପକ୍ଷରୁ ୨ଟି ପୃଥକ ପୃଥକ ସ୍ଥାନରେ ବେଆଇନ କରତକଳ ଉପରେ ଚଢ଼ାଉ କରି ଯନ୍ତ୍ରାଂଶ ଜବତ କରିଥିଲେ । ନୀଳଗିରି ବନ ବିଭାଗ କାର୍ଯ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ପରିମାଣରେ ଜାଗା ଅଭାବରୁ ଜବତ କରତ କଳର ଯନ୍ତ୍ରାଂଶ ସଜନାଗଡ଼ ବିଟ୍ ହାଉସ ଅଧିନସ୍ଥ ସଜନାଗଡ଼ ନର୍ସରୀରେ ଯନ୍ତ୍ରାଂଶ ଗୁଡ଼ିକୁ ରଖାଯାଇଥିଲା । ଯନ୍ତ୍ରାଂଶ ରଖାଯାଇଥିବା ବେଳେ ସଜନାଗଡ଼ର ଫରେଷ୍ଟ ଗାର୍ଡ ଜୟଦେବ ମଲ୍ଲିକଙ୍କୁ ଲିଖିତ ଜିମାନାମା ଦିଆଯାଇ ନ ଥିବାର ଶୁଣିବାକୁ ମିଳିଛି । ତେବେ ଯନ୍ତ୍ରାଂଶ ଚୋରୀ ବିଷୟରେ ବାଲେଶ୍ୱର ଡି.ଏଫ.ଓ. ବିମଳ ପ୍ରସନ୍ନ ଆଚାର୍ଯ୍ୟ ଶୁଣିବା ପରେ ନୀଳଗିରିକୁ ଆସି କର୍ମଚାରୀଙ୍କ ଉପରେ ବିରକ୍ତି ହୋଇଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପରେ ଚୋରୀ ହୋଇଥିବା ଯନ୍ତ୍ରାଂଶର ମୂଲ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଗତ ୧୦/୮/୨୧ରିଖରେ ନିରୁପାୟ ହୋଇ ଗାର୍ଡ ଜୟଦେବ ମଲ୍ଲିକ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୋରୀ ସାମଗ୍ରୀ ଉଦ୍ଧାର ହୋଇ ନଥିବାର ଜଣାପଡ଼ିଛି । ଗାର୍ଡ ଜୟଦେବ ମଲ୍ଲିକ ବହୁବାର ନର୍ସରୀଟି ନିରାପଦ ନ ଥିବା ବେଳେ ବାଉଣ୍ଡରୀ ବାଡ଼ ନ ଥିବାରୁ ଏଠାରେ ଜବତ ଗାଡ଼ି ଓ ଯନ୍ତ୍ରାଂଶ ନିରାପଦ ନୁହେଁ । ତେବେ ବନବିଭାଗ ହେପାଜାତରୁ ଜବତ ଯନ୍ତ୍ରାଂଶ ଚୋରୀ ହେବା ଘଟଣା ବନବିଭାଗର କାର୍ଯ୍ୟ ଦକ୍ଷତା କୁ ପଦାରେ ପକାଇଛି । ଉକ୍ତ ନର୍ସରୀରେ ରାତ୍ରୀ ଜଗୁଆଳି ନ ଥିବା ବେଳେ ସବୁଜ ବାହିନୀକୁପାଳି କରି ଜଗୁଆଳି ଭାବେ ନିୟୋଜିତ ହୋଇଥିବା ଗାର୍ଡ ଜଣକ ସୂଚନା ଦେଇଛନ୍ତି ।

# ବିର୍ଲା ଟାୟାର୍ସ ଓ ବାଲେଶ୍ୱର ଆଲୋଏଜ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ଷମ ଦାବି

## 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ବିଧାନସଭା ଘେରାଓ ଚେତାବନୀ



ବାଲେଶ୍ୱର,୩୧/୦୮ (ନି.ପ୍ର): ରଗ୍ଣ ସ୍ଥିତିକୁ ଚାଲି ଆସିଥିବା ଜିଲାର ଦୁଇ ପ୍ରମୁଖ ଶିକ୍ଷାନୁଷ୍ଠାନ ବିରଳା ଟାୟାର୍ସ ଓ ବାଲେଶ୍ୱର ଆଲୋଏଜେକୁ ପୁନଃ କାର୍ଯ୍ୟକ୍ଷମ ଦାବିରେ ସ୍ୱେଚ୍ଛାସେବୀ ସଂଗଠନ 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରୁ ସଂଗଠନର ସଦସ୍ୟ ସଦସ୍ୟା ଓ ଦୁଇ ଶିକ୍ଷାନୁଷ୍ଠାନର ଶ୍ରମିକଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଫ୍ୟୁଚର ବାଲେଶ୍ୱରର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିବା ସହ ଦୁଇ ପ୍ରମୁଖ ଶିକ୍ଷାନୁଷ୍ଠାନର ଅଚଳାବସ୍ଥା ଯୋଗୁଁ ସାମ୍ପ୍ରତିକ ସ୍ଥିତିରେ ଶ୍ରମିକ କର୍ମଚାରୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ରାଜନୈତିକ ଓ ପ୍ରାଶାସନିକ ଇଚ୍ଛାଶକ୍ତି ଅଭାବ ଯୋଗୁଁ କେବଳ ଦୁଇ ଶିକ୍ଷାନୁଷ୍ଠାନ ନୁହେଁ ଆଗାମୀ ଦିନରେ ବାଲେଶ୍ୱର ଜିଲା ଶିଳ୍ପଶୂନ୍ୟ ହେବା ନେଇ ଶ୍ରୀ ପାଣିଗ୍ରାହୀ ଆଶଙ୍କା ପ୍ରକାଶ କରିଛନ୍ତି । ଗତ ୨୦ମାସ ଧରି ଶ୍ରମିକ କର୍ମଚାରୀମାନେ ଦରମା ଓ ବୋନସ ଅର୍ଥ ନ ପାଇ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଥିବା ବେଳେ ଇତିମଧ୍ୟରେ କୋଭିଡ ଆକ୍ରାନ୍ତ ହୋଇ କେତେକ ଶ୍ରମିକ ମୃତ୍ୟୁ ବରଣ କଲେଣି । ଅନ୍ୟପକ୍ଷରେ ଶ୍ରମିକଙ୍କ ଇପିଏଫ, ଇଏଆଇ ଅର୍ଥ କମ୍ପାନି ପକ୍ଷରୁ ଭରଣା ନହେବା ଯୋଗୁଁ ସମ୍ପୃକ୍ତ ଯୋଜନାରେ ଶ୍ରମିକମାନେ ସେମାନଙ୍କ ଅର୍ଥ ମଧ୍ୟ ପାଉ ନାହାନ୍ତି । ଦୁଇ ଶିଳ୍ପାନୁଷ୍ଠାନର ଉତ୍ପାଦନ ବନ୍ଦ ରହିବା ଯୋଗୁଁ ୧୦ହଜାରରୁ ଅଧିକ ଶ୍ରମିକ ଓ କର୍ମଚାରୀଙ୍କ ପରିବାର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛନ୍ତି । ଉଭୟ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରମିକ ସଂଗଠନଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ, ସାଂସଦ, ଶ୍ରମ ମନ୍ତ୍ରୀ, ଶ୍ରମ ସଚିବଙ୍କଠାରେ ଗୁହାରୀ କରାଯାଇଥିଲେ ବି ଏହାକୁ ଗୁରୁତ୍ୱ ଦିଆନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । ଏନେଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରା ନଗଲେ ଆଗାମୀ ଦିନରେ 'ଫ୍ୟୁଚର ବାଲେଶ୍ୱର' ବିଧାନସଭା ଘେରାଓ କରିବ ବୋଲି ସେ ଚେତାବନୀ ଦେଇଛନ୍ତି । ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଶ୍ରମିକ ନେତା ଦୁକୁଲୁ ଘଡ଼େଇ, ବିଭୂପଦ ଦାସ, ଭବାନୀଶଙ୍କର ପଣ୍ଡା, ସଂଯୁକ୍ତାରାଣୀ ବେହେରା, ସବିତା ମହାନ୍ତି, ଆଲୋକ ଦାଶ ପ୍ରମୁଖ ଏଥିରେ ଯୋଗଦେଇ ଦୁଇ ଶିଳ୍ପାନୁଷ୍ଠାନ ପରିଚାଳନାରେ ଲୋକପ୍ରତିନିଧି, ପ୍ରଶାସନ ତଥା ସରକାରଙ୍କ ଅସହଯୋଗକୁ ସମାଲୋଚନା କରିଥିଲେ । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଫ୍ୟୁଚର ବାଲେଶ୍ୱର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରପତ୍ର ପ୍ରଦାନ କରାଯାଇଥିଲା ।

## ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସ୍ୱାଗତ

ବାଲେଶ୍ୱର,୩୧/୦୮ (ନି.ପ୍ର): ବାଲେଶ୍ୱର ଉଡ଼ନ୍ତା ପୋଲ ମରାମତି ଓ ସୁରକ୍ଷା ନେଇ ଗତ ୨୩ ତାରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳର୍ୟ ଦେଇଥିବା ନିର୍ଦ୍ଦେଶକୁ ବାଲେଶ୍ୱର ସିଭିଲ ସୋସାଇଟି ସ୍ୱାଗତ ସହ ଏହାକୁ କାର୍ଯ୍ୟକାରୀ ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଏନେଇ ଆୟୋଜିତ ଏକ ବୈଠକରେ ସୋସାଇଟିର କର୍ମକର୍ତ୍ତାମାନେ ଉଚ୍ଚ ନ୍ୟାୟାଳୟ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । ଅନ୍ୟପକ୍ଷରେ ବାଲେଶ୍ୱରବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଜିଲାପାଳ ସଠିକ ଭାବେ ତଥା ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟକାରୀ କରିବାକୁ ଏଥିରେ ଅନୁରୋଧ କରାଯାଇଥିଲା । ଏଥି ସହିତ ଉଡ଼ନ୍ତା ପୋଲ ମରାମତି ଓ ସୁରକ୍ଷା ପାଇଁ ଦାବି ଏବଂ ଗଣତାନ୍ତ୍ରିକ ଆନ୍ଦୋଳନରେ ଯୋଗ ଦେଇଥିବା ସମସ୍ତ ଗଣସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସୋସାଇଟି ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏମିତିକି ସୋସାଇଟି ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ପରିଚାଳନା କରିଥିବା ଓକିଲ ବନ୍ଧୁମାନଙ୍କୁ ଧନ୍ୟବାଦ ଦିଆଯାଇଛି । ବୈଠକ ନିଷ୍ପତ୍ତି କ୍ରମେ ସୋସାଇଟିର ପ୍ରତିନିଧିମାନେ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ ସହ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟକାରୀ ପାଇଁ ଅନୁରୋଧ କରିଛନ୍ତି । ଜିଲାପାଳଙ୍କ ସହ ସାକ୍ଷାତ ଆଲୋଚନା ବେଳେ ସୋସାଇଟିର ଉପଦେଷ୍ଟା ଲକ୍ଷ୍ମୀଧର ବେହେରା ଓ ଗୌରାଙ୍ଗ ପାଣିଗ୍ରାହୀ, ଉପ-ସଭାପତି ବସନ୍ତ ସ, ସମ୍ପାଦକ ଆଇନଜୀବୀ ମନୋଜ ନାୟକଙ୍କ ସମେତ କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ଧନ ବ୍ୟାଙ୍କର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ




ଜଳେଶ୍ୱର, ୩୧/୮(ନିପ୍ର): ଗ୍ରାମାଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବନ କରିବାରେ ବନ୍ଧନ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମୀକା ତୁଲାଇ ଆସୁଥିବା ବେଳେ ଏବେ ଓଡିଶାରେ ୧୯୨ଟି ଶାଖା ଖୋଲି କାର୍ଯ୍ୟ କରିଚାଲିଛି ବୋଲି ଉଦ୍‌ଘାଟନୀ ଉତ୍ସବରେ ମତପ୍ରକାଶ ପାଇଛି । ଜଳେଶ୍ୱର ବଡବଜାର ମୁଖ୍ୟ ଡାକଘର ସମ୍ମୁଖରେ ଖୋଲାଯାଇଥିବା କାର୍ଯ୍ୟାଳୟ ଲାଗି ଆୟୋଜିତ ଉତ୍ସବରେ ଶାଖା ପରିଚାଳକ ବିପ୍ଳବ କୁମାରର ଦତ୍ତ ଅଧ୍ୟକ୍ଷତା କରିଥିଲେ । ଜଳେଶ୍ୱର ତହସିଲଦାର ଶଂକର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏଣିକି ମୁଦ୍ରା ବିହୀନ ଦେଣନେଣ ପ୍ରତି ସରକାର ଓ ଗ୍ରହକ ମାନେ ଅଧିକ ଧ୍ୟାନ ଦେଉଛନ୍ତି । ଏବେ ଗ୍ରାମାଂଚଳର ଆର୍ଥିକ ସମସ୍ୟା ଦୂର କରିବାଲାଗି ଗ୍ରାମାଂଚଳର ଲୋକଙ୍କୁ ବିଭିନ୍ନ ପ୍ରକଳ୍ପ ଲାଗି ଅର୍ଥ ଯୋଗାଇବା କାର୍ଯ୍ୟ ସରକାରୀ ନିର୍ଦ୍ଦେଶ ଥିବା ବେଳେ ବନ୍ଧନ ବ୍ୟାଙ୍କ ତାର ଦାୟିତ୍ୱ ତୁଲାଇ ଆସୁଛି । ସମ୍ମାନୀତ ଅତିଥିଭାବେ ବନ୍ଧନବ୍ୟାଙ୍କର ଅଂଚଳିକ ମୁଖ୍ୟ ଜୟଦେବ ଦାସ ଏହି ବ୍ୟାଙ୍କ ଗ୍ରାମାଞ୍ଚଳରେ ଜମାର ୬୨୮ ପ୍ରତିଶତ ଲୋକଙ୍କୁ ଋଣ ପ୍ରଦାନ କରି ଅନ୍ୟ ବ୍ୟାଙ୍କ ମାନଙ୍କ ଠାରୁ ସର୍ବାଗ୍ରେ ରହିଛି । ଏବେ ବାଲେଶ୍ୱର, ମୟୂରଭଂଜ, କେଉଁଝର, ଯାଜପୁର, ଭଦ୍ରକ ଜିଲାରେ ମାଇକ୍ରୋ ଫାଇନାନ୍ସ ଜରିଆରେ ଗରିବ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରମଣ ବିଶ୍ୱାସ, ସେକ୍ ଆଜାରୁଦ୍ଦିନ, ଦେବାଶିଷ ପ୍ରଧାନ, ମାନସ କୁମାର ବିଶ୍ୱାଳ, ପଂକଜ କୁମାର ସାହୁ, ରିଶିକେଶ ପାତ୍ର, ଅଭିଜିତ୍ ଦାସ, ମୁକେଶ ସାହୁ ପ୍ରମୁଖ କର୍ମଚାରୀମାନେ ପରିଚାଳନା କରିଥିଲେ ।

## ଜାତୀୟ ରାଜପଥ ଅବରୋଧ ଡାକରା ସ୍ଥଗିତ ରହିଲା



ଭଦ୍ରକ,୩୧/୦୮ (ନି.ପ୍ର): ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ ଦାବି କରି ମହାବୀର ଆଞ୍ଚଳିକ ପରିଷଦ, ବିଷ୍ଣୁପୁର, ବହୁଦରଡା ପକ୍ଷରୁ ଆସନ୍ତା କାଲି ବୁଧବାର ୧୬ ନଂ ଜାତୀୟ ରାଜପଥ ଅବରୋଧ ଡାକରାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖା ଯାଇଛି । ଜବର ଦଖଲ ଯୋଗ ପାର୍ଶ୍ୱବର୍ତ୍ତୀ ୫/୬ଟି ଗ୍ରାମର ଚାଷୀକୂଳ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ବି କୌଣସି ସୁଫଳ ମିଳି ନଥିଲା । ବାଧହୋଇ କମିଟି ପକ୍ଷରୁ ରାଜପଥ ଅବରୋଧ କରାଯିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାପାଳ ଅଭିଯୋଗକୁ ଭିତ୍ତି କରି ଆଜି ଭଣ୍ଡାରିପୋଖରୀ ତହସିଲଦାରଙ୍କୁ ତଦନ୍ତ ପାଇଁ ପଠାଇବା ପରେ ତହସିଲଦାର ନୟନଜୋରୀର ଜବରଦଖଲ ସରଜମିନ ତଦନ୍ତ କରି ଦେଖିବା ସହ ୭ ଦିନ ମଧ୍ୟରେ ସମାଧାନ କରିବେ ବୋଲି ପ୍ରତିଶୃତି ପ୍ରଦାନ କରିବାକରୁ ହେବାକୁ ଥିବା ରାଜପଥ ଅବରୋଧକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ଆଜି ତହସିଲଦାରଙ୍କ ତଦନ୍ତ ସମୟରେ ବିକାଶ ପରିଷଦର ସଭାପତି ରଘୁନାଥ ପଣ୍ଡା, ସମ୍ପାଦକ ଡା. ରବିନ୍ଦ୍ର ପଣ୍ଡା, ସମାଜସେବୀ ବିଦ୍ୟାଧର ସେଠୀ, ମୁକ୍ତିକାନ୍ତ ସାହୁ, ଅମୂଲ୍ୟ ନାୟକ, ମନୋଜ ପଣ୍ଡା, ସୁଶାନ୍ତ ନାୟକଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ ।

## ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୩୧/୦୮ (ନି.ପ୍ର): ରାଜ୍ୟ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ସ୍ମୃତିରେ ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ପ୍ରଥମେ ନିରବ ପ୍ରାର୍ଥନା ଓ ସ୍ୱର୍ଗତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏଥି ସହିତ ଅଗଷ୍ଟ କ୍ରାନ୍ତି ଦିବସରେ ଛାତ୍ର କଂଗ୍ରେସ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରକାର ଅନଲାଇନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ସଭାପତି ଶ୍ରୀ ସାହୁଙ୍କ ସମେତ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ଉପ-ସଭାପତି ଗୋପୀନାଥ ପାଢ଼ୀ, ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ ଓ ସ୍ମାରକ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ଜିଲା କଂଗ୍ରେସ ସମ୍ପାଦକ ପଶୁପତି ଉପାଧ୍ୟାୟ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଏହି ଭଳି ଶିବିର ଜିଲାର ରକ୍ତ ଅଭାବ ପୂରଣରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ସଦର ଓ ଟାଉନ ସମେତ ବ୍ଲକ ଛାତ୍ର କଂଗ୍ରେସର ସଦସ୍ୟ ଓ କର୍ମକର୍ତ୍ତାମାନେ ଏଥିରେ ରକ୍ତଦାନ କରିଥିଲେ । ଛାତ୍ରନେତା ଜୀବନ ମହାପାତ୍ର, ନବ ପ୍ରସାଦ ଭୂୟାଁ, ସୌରଭ ବେହେରା, ରାଧାକାନ୍ତ ସାହୁ, ଦ୍ୟୁତିକୃଷ୍ଣ ଦାସମହାପାତ୍ର, ଶାନ୍ତନୁ ମହାପାତ୍ର, ଅଙ୍କୁର ମହାଳିକ, ମୁକ୍ତ ଷଡ଼ଙ୍ଗୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ଶିବିର ପରିଚାଳନାର ସକ୍ରିୟ ସହଯୋଗ କରିଥିଲେ ।

## ଗ୍ରାମ ରୋଜଗାର ସେବକଙ୍କ ବେଆଇନ କାର୍ଯ୍ୟକୁ ନେଇ ସରପଞ୍ଚଙ୍କ ଆପତ୍ତି

ବାଲେଶ୍ୱର,୩୧/୦୮ (ନି.ପ୍ର): ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କ ବେଆଇନ କାର୍ଯ୍ୟଧାରାକୁ ନେଇ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ବାସୁଚକୁରାଇ ଗ୍ରାମର ବହୁ ସଚେତନ ବ୍ୟକ୍ତି ମଙ୍ଗଳବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ନୂଆକରି ଗଠିତ ହୋଇଥିବା ଏହି ପଞ୍ଚାୟତର ଜିଆରଏସ ଦୀପକ କୁମାର ରାଉତ ବିଭିନ୍ନ ପ୍ରକାର ଦୁର୍ନୀତିରେ ଲିପ୍ତ ରହିବା ସହ ସରକାରୀ ଅର୍ଥ ଆତ୍ମସାତ କରି ଚାଲିଥିବା ନେଇ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି । ବିଶେଷ କରି ପତ୍ନୀଙ୍କ ନାମରେ ମିଥ୍ୟା ଆଧାରକାର୍ଡ଼ କରି ମୋ ବଗିଚା ଅର୍ଥ ହଡ଼ପ, ନିଜ ସମ୍ପର୍କୀୟଙ୍କ ନାମରେ ଜବକାର୍ଡ଼ କରି ନରେଗା ଯୋଜନା ଅର୍ଥ ଉଠାଇବା, ଆବସ ଯୋଜନା ହିତାଧିକାରୀଙ୍କ ନରେଗା ଅର୍ଥ ୧୫ହଜାର ଟଙ୍କାରୁ ଅଧାରୁ ଅଧିକ ନେଇଯିବା ସରପଞ୍ଚ ଓ ସମିତି ସଭ୍ୟ ଆପତ୍ତି ଉଠାଇଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଅଭିଯୁକ୍ତ ଜିଆରଏସଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ଏନେଇ ସେମାନେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ସମିତି ସଭ୍ୟ ଶମ୍ଭୁନାଥ ସିଂଙ୍କ ସମେତ ବିଶେଶ୍ୱର ରଣା, ସୁଧାଂଶୁ ଶେଖର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ସମାଜସେବୀ ଦେବ କୁମାର ଦେଙ୍କ ଚରିତ୍ର ସଂହାର ଉଦ୍ୟମ

ବାଲିଆପାଳ,୩୧/୦୮ (ନି.ପ୍ର): ବାଲିଆପାଳ କଂଗ୍ରେସ କମିଟିର ବରିଷ୍ଠ ନେତା ତଥା ସମାଜସେବୀ ଦେବ କୁମାର ଦେଙ୍କ ଚରିତ୍ର ସଂହାର କରିବା ପାଇଁ କେତେକ ଅସହିଷ୍ଣୁ ଗୋଷ୍ଠି ଏବେ ଜୋର ସୋର ଉଦ୍ୟମ କରୁଛନ୍ତି । ଏନେଇ ଶ୍ରୀ ଦେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ପ୍ରକାଶ ଗତ ସ୍ୱାଧୀନତା ଦିବସରେ ଶ୍ରୀରାମପୁର ପଂଚାୟତର ଶ୍ରୀରାମପୁର ଗ୍ରାମର ଶକ୍ତିଶଙ୍କର ନାଥ ମହିଳା ସଂଗଠନ ପତକା ଉତୋଳନ ଅବକାଶରେ ଦେବ କୁମାର ଦେଙ୍କୁ ସମ୍ମାନୀତ ଓ ସମ୍ବର୍ଦ୍ଧିତ କରିଥିଲେ । ମାତ୍ର ଏବେ କେତେକ ଖଳ ପ୍ରକୃତି ଓ ନଷ୍ଟ ଚରିତ୍ରର ଗୋଷ୍ଠିର ଲୋକ ତାଙ୍କ ଚରିତ୍ରକୁ ସଂହାର କରି ଅଶାଳୀନ ମନ୍ତବ୍ୟ ଦେଉଛନ୍ତି । ସେମାନେ ଏକ ଲିଫଲେଟ ଛପାଇ ତାଙ୍କର ଓ ମହିଳା ଗ୍ରୁପର ସ୍ତ୍ରୀ ଲୋକମାନଙ୍କର ଚରିତ୍ର ସଂହାର କରିଛନ୍ତି । ଲିଫଲେଟ ଏବେ ପଂଚାୟତର ଛକ ବଜାର, ହାଟରେ ବଂଟାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ମାତୃ ଜାତିକୁ ଅସମାନ କରାଯାଇଥିବାରୁ ଶ୍ରୀ ଦେ ଘୋର ନିନ୍ଦା କରିବା ସହିତ ଏହାର ବିହିତ ପ୍ରତିକାର ଦାବି କରିଛନ୍ତି । ଶ୍ରୀ ଦେ ଏବେ ଶ୍ରୀରାମପୁର ପଂଚାୟତର ସରପଂଚଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରୁଛନ୍ତି ।

# ବାରିପଦାରେ ପ୍ରଥମଥର ଖୋଲିଲା ବ୍ୟାଙ୍କ ଅଫ ମହାରାଷ୍ଟ୍ର



ବାରିପଦା,୩୧/୦୮ (ନି.ପ୍ର): ବର୍ତ୍ତମାନର ସମୟରେ ଅର୍ଥନୈତିକ କ୍ଷେତ୍ରରେ ବ୍ୟାଙ୍କର ବହୁଳ ବ୍ୟବହାର ଦେଖାଦେଇଛି । ଜିଲ୍ଲାବାସୀଙ୍କ ଛୋଟ ବଡ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତି ତଥା ସମସ୍ତ ପ୍ରକାର ଋଣ ସ୍ୱଳ୍ପ ସମୟ ମଧ୍ୟରେ ଯୋଗାଇଦେବା ନିମନ୍ତେ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ୮୬ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୭ ତମ ଶାଖା ବାରିପଦା ସହରର ହସ୍ପିଟାଲ ରୋଡର ଜୁବୁଲି ଲାଇବ୍ରେରୀ ନିକଟରେ ନୂତନ ଶାଖାର ଶୁଭ ଉଦ୍ଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନାଲକୋର ଚିଫ ଭିଜିଲାନ୍ସ ଅଫିସର ଶ୍ରୀ ସୋମନାଥ ହାଁସଦା ଯୋଗ ଦେଇ ଫିତା କାଟି ଏହାର ଶୁଭ ଆଶିଷ କାମନା କରିଥିଲେ । ମୁଖ୍ୟ ଅତିଥିଙ୍କ ସହିତ ଭୁବନେଶ୍ୱର ଜୋନର ଜୋନାଲ ମ୍ୟାନେଜର ବିନୟ କୁମାର, ପାଟଣା ଜୋନର ଜୋନାଲ ମ୍ୟାନେଜର ସି ବି ସିଂ ଉପସ୍ଥିତ ଥିଲେ । ଏହି ଶୁଭ ଉଦ୍ଘାଟନ କାର୍ଯ୍ୟକ୍ରମକୁ ବାରିପଦା ଶାଖାର ଡେପୁଟି ବ୍ରାଞ୍ଚ ମ୍ୟାନେଜର ଅମୃତା ମହାପାତ୍ର ପରିଚାଳନା କରିଥିଲେ । ପ୍ରଜାୟକ୍ରମେ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ବ୍ୟାଙ୍କ୍ ଖୋଲିବା ନେଇ ଜିଲ୍ଲା ବାସୀଙ୍କୁ ସମସ୍ତ ପ୍ରକାର ଋଣ ଯଥା ଗୃହ ଋଣ, ଗୋଲ୍ଡ ଋଣ ଓ ଶିକ୍ଷା ଋଣ ଏବଂ ଛୋଟ ବଡ ବ୍ୟବସାୟ ପ୍ରତିଷ୍ଠାନ ନିମନ୍ତେ ସ୍ୱଳ୍ପ ସମୟ ମଧ୍ୟରେ ସମସ୍ତ ପ୍ରକାର ସେବା ଜିଲ୍ଲା ବାସୀ ପାଇପାରିବେ ବୋଲି ନୂତନ ଶାଖା ପରିଚାଳକ ଦେବାଶିଷ ନନ୍ଦ ଗଣ ମାଧ୍ୟମ ଜରିଆରେ ଜଣାଇଛନ୍ତି । ତା ସହିତ ସାଧାରଣ ଲୋକ ଜିରୋ ଖାତା ଓ ସଞ୍ଚୟ ଖାତା କାମ ସମୟ ମଧ୍ୟରେ ଅନଲାଇନ୍ ସେବା ଏହି ବ୍ୟାଙ୍କରେ ପାଇପାରିବେ ବୋଲି ନୂତନ ଶାଖା ଡେପୁଟି ମ୍ୟାନଜର ଅମ୍ରିତା ମହାପାତ୍ର ଗଣ ମାଧ୍ୟମ ଜରିଆରେ ଜିଲ୍ଲା ବାସୀଙ୍କୁ ଜଣାଇଛନ୍ତି । ମୁଖ୍ୟ ଅତିଥିଙ୍କ ବକ୍ତବ୍ୟରେ ବ୍ୟାଙ୍କ ଅଫ ମହାରାଷ୍ଟ୍ର କେବଳ ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ସାମାନ୍ୟ ବ୍ୟାଙ୍କ ଭଳି କାର୍ଯ୍ୟ ନକରି ସମସ୍ତ ମୟୂରଭଞ୍ଜବାସୀଙ୍କ ଘରେ ଘରେ ପରିଚିତ ହେବ । ଏହା ଲୋକଙ୍କ ମନରେ ବ୍ୟାଙ୍କ ଅଫ ମୟୂରଭଞ୍ଜିଆ ଭାବେ ହୃଦୟସ୍ପର୍ଶୀ ହେବ । ଭୁବନେଶ୍ୱର ଜୋନାଲ ମ୍ୟାନେଜର ଶ୍ରୀ ବିନୟ କୁମାରଙ୍କ ବକ୍ତବ୍ୟରେ ଏହି ଶାଖାଟି ଓଡ଼ିଶାର ୧୭ତମ ଶାଖା ହୋଇଥିବା ସ୍ଥଳେ ଆଗାମୀ ଦିନରେ ଜିଲ୍ଲାର ଚାରି ଉପଖଣ୍ଡରେ ଏହାର ଶାଖା ଖୋଲାଯିବା ଏବଂ ଜିଲ୍ଲାବାସୀ ଏହାର ସୁବିଧା ଉଠାଇପାରିବେ ବୋଲି ମତ ରଖିଥିଲେ । ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ନୂତନ ଶାଖା ଖୋଲିଥିବା ହେତୁ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାବାସୀ ଜିରୋ ଆକାଣ୍ଟରେ ବ୍ୟାଙ୍କରେ ନିଜର ଖାତା ଖୋଲି ପାରିବେ, ଯେତେବେଳେ ଅନ୍ୟ ବ୍ୟାଙ୍କ ମାନଙ୍କରେ ନୂତନ ଆକାଣ୍ଟ ଖୋଲିବା ପାଇଁ ଅର୍ଥ ଦେବାକୁ ପଡୁଛି । ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଏହି ବ୍ୟାଙ୍କଟି ଜିଲ୍ଲାବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବ ବୋଲି ବ୍ୟାଙ୍କ ଶାଖା ମ୍ୟାନେଜର ଶ୍ରୀ ଦେବାଶିଷ ନନ୍ଦ ଜଣାଇଛନ୍ତି । ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ଥିବା ସମସ୍ତ ଗ୍ରାହକ ଓ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ବ୍ୟାଙ୍କରେ ଉପଲବ୍ଧ ଥିବା ସେବାଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ବ୍ରାଞ୍ଚ ମ୍ୟାନେଜର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଉଦଘାଟନୀ କାର୍ଯ୍ୟକ୍ରମକୁ ବ୍ୟାଙ୍କ୍ କର୍ମଚାରୀ ସ୍ମାରକୀ ସମୀକ୍ଷା ଜେନା ଓ ତ୍ରିଥ ସାରଥୀ ନାଏକ, ଚନ୍ଦନ କୁମାର ବାରିକ ପରିଚାଳନାରେ ସହଯୋଗ କରିଥିଲେ ।

## ଅବସର ପ୍ରାପ୍ତ ସେନା ସଂଗଠନ ପକ୍ଷରୁ ସଚେତନ ଶିବିର



ବସ୍ତା,୩୧/୦୮ (ନି.ପ୍ର): ବସ୍ତା. ଭୋଗରାଇ. ଜଳେଶ୍ୱର ବାଲିଆପାଳ ର ଅଞ୍ଚଳକୁ ଅବସର ପ୍ରାପ୍ତ ସେନା ସଂଗଠନ ପକ୍ଷରୁ ଏକ ସଚେତନ କାର୍ଯ୍ୟକ୍ରମ ହୋଇଛି । ଆଜି ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ର ପୁଟୁରା ଗ୍ରାମ ଅବସର ପ୍ରାପ୍ତ ସୁବେଦାର ରଜନୀ କାନ୍ତ ସିଂହ ଙ୍କ ବାସଭବନରେ ଅନୁଷ୍ଠିତ ସଚେତନତା ଶିବିରରେ ପ୍ରମୁଖ ବିଷୟ ହେଲା ସେନା ମାନେ ଅବସର ନେବାପରେ ମେଡିକାଲ ଫେସେଲେଟି ବ୍ୟାଙ୍କ ଏକାଉଣ୍ଟ ପିଲାମାନଙ୍କ ପାଠପଢାପାଇଁ କମ ସୁଧରେ ବ୍ୟାଙ୍କରୁ ଋଣ ନେବା ସୁବିଧା ଅଛି କି ନା ଅଧିଙ୍କାଶ ଅବସର ସେନା ଜାଣିପାରୁ ନାହାଁନ୍ତି । ସରକାରଙ୍କ କେଉଁ ଶୁବିଧା ସେନା ଙ୍କ ପାଇ ଉପଲବ୍ଧ ଅଛି ସେ ବିଷୟ ସଚେତନା ପାଇଁ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଅନେରିଲ ଲେଫଲେଣ୍ଟ ରାମ ଚନ୍ଦ୍ର ଜେନା, ସୁବେଦାର ରଜନୀ ସିଂହ. ପ୍ରଦୀପ କୁମାର ପରିଡା, ହାବିଲଦାର ଲକ୍ଷ୍ମୀ କାନ୍ତ ଦଳେଇ, ନାୟକ ରାମ ଚନ୍ଦ୍ର ଦାସ ପ୍ରମୂଖ ବହୁ ସେନା ଯୋଗ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo